


ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper
NS-EN ISO 9001:2008

ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00

● ବର୍ଷ-୩୧ ● ସଂଖ୍ୟା-୩୩୨ ● ୩୧ ଡିସେମ୍ବର ୨୦୨୪, ମଙ୍ଗଳବାର ● ଭୁବନେଶ୍ୱର ● Vol -31 ● Issue-332 ● 31st December 2024, Tuesday ● Bhubaneswar | Licensed to post without pre-payment of postage No- BN-60/25-27


## ଜାନୁଆରୀ ୧ ତାରିଖ ପର୍ଯ୍ୟନ୍ତ ବୀମା କମ୍ପାନୀଙ୍କୁ ଫସଲ କ୍ଷତି ସମ୍ପର୍କରେ ସୂଚନା ଦେଇ ପାରିବେ

ଭୁବନେଶ୍ୱର, ୩୦।୧୨
ନ୍ୟୁଜ୍ ବ୍ୟୁରୋ



ରାଜ୍ୟରେ ଅଦିନିଆ ବର୍ଷା ଯୋଗୁଁ ଚାଷୀମାନେ ଫସଲ କ୍ଷତିର ସମ୍ମୁଖୀନ ହୋଇଥିବାରୁ ରାଜ୍ୟ ସରକାର କ୍ଷତିଗ୍ରସ୍ତ ଚାଷୀ ମାନଙ୍କୁ ସହାୟତା ଦେବାପାଇଁ ଯୋଜନା କରିଛନ୍ତି । ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ବୈଠକ କରିବା ସହିତ ନୟାଗଡ, ଗଜପତି ଓ ଗଞ୍ଜାମ ଜିଲ୍ଲା ପରିଦର୍ଶନ କରି କ୍ଷୟକ୍ଷତି ଆକଳନ କରିଛନ୍ତି । ଅନ୍ୟ ମନ୍ତ୍ରୀମାନେ ମଧ୍ୟ କ୍ଷତିଗ୍ରସ୍ତ ଅଞ୍ଚଳକୁ ଗସ୍ତ କରିଛନ୍ତି । ଉଭୟ ବୀମା କରିଥିବା ଓ ବୀମା କରିନଥିବା ଚାଷୀମାନଙ୍କୁ ସହାୟତା ଦିଆଯିବ । ବୀମା କରିଥିବା ଚାଷୀମାନଙ୍କୁ ଫସଲ କ୍ଷତି ସମ୍ପର୍କରେ ସୂଚନା ଦେବା ପାଇଁ ଡିସେମ୍ବର ୨୯ ଥିଲା ଶେଷ ତାରିଖ । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦ୍ର କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରଣାଳୟକୁ ଏହି ଅବଧି ବଢାଇବାକୁ ଅନୁରୋଧ କରାଯାଇଥିଲା । ଚାଷୀ ମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଏହି ଅବଧିକୁ ଆଉ ତିନି ଦିନ ପାଇଁ ବୃଦ୍ଧି କରିଛନ୍ତି । ତେଣୁ ଚାଷୀମାନେ ବର୍ତ୍ତମାନ ୨୦୨୫ ଜାନୁଆରୀ ୧ ତାରିଖ ପର୍ଯ୍ୟନ୍ତ ବୀମା କମ୍ପାନୀ ମାନଙ୍କୁ ଫସଲ କ୍ଷତି ସମ୍ପର୍କରେ ସୂଚନା ଦେଇ ପାରିବେ । ଓଡିଶାର ଚାଷୀ ମାନଙ୍କ ପାଇଁ କେନ୍ଦ୍ର ସରକାରଙ୍କର ଏହି ସହାନୁଭୂତିଶୀଳ ମନୋଭାବ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାନଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

## ଲୋକଙ୍କ ସମସ୍ୟାର ସମାଧାନ: ସରକାରଙ୍କର ଦାୟିତ୍ୱ ଏବଂ କର୍ତ୍ତବ୍ୟ

ଭୁବନେଶ୍ୱର, ୩୦।୧୨
ନ୍ୟୁଜ୍ ବ୍ୟୁରୋ



ଲୋକଙ୍କ ମୁଖ୍ୟମନ୍ତ୍ରୀଙ୍କ ଲୋକଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ସୋମବାର ଥିଲା ସପ୍ତମ ପାଳି ତଥା ଚଳିତ ବର୍ଷର ଶେଷ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦାୟିତ୍ୱ ନେବା ପରଠାରୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଅଧିକ କ୍ରିୟାଶୀଳ ହୋଇଛି । ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠରେ ଅଥବା ଯେଉଁଠାକୁ ଯାଆନ୍ତି ସେଠାରେ ସାଧାରଣଲୋକଙ୍କୁ ଭେଟିବା, ସେମାନଙ୍କ ସୁଖ ଦୁଃଖ ଶୁଣିବା ଏବଂ ସମସ୍ୟାର ସମାଧାନ ଉପରେ ସବୁବେଳେ ଗୁରୁତ୍ୱ ଦେଇଥାନ୍ତି ।

ସୋମବାର ସପ୍ତମ ପାଳିର ଆରମ୍ଭରେ ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠରେ ପହଞ୍ଚିବା ପରେ ବାହାରେ ଚେୟାରରେ ବସିଥିବା ପ୍ରାୟ ୪୦ ଜଣ ଭିନ୍ନକ୍ଷମ ମାନଙ୍କୁ ପ୍ରଥମେ ଭେଟିଥିଲେ । ସେମାନଙ୍କ ସମସ୍ୟା ଓ ଅଭିଯୋଗକୁ ଗୋଟି ଗୋଟିକରି ଶୁଣିବା ପରେ ପାଖରେ ଥିବା ମନ୍ତ୍ରୀ ଓ ସମ୍ପୃକ୍ତ ବିଭାଗର ବରିଷ୍ଠ ଅଧିକାରୀ ମାନଙ୍କୁ ଅଭିଯୋଗ ପତ୍ର ଧରାଇ ସମାଧାନ କିପରି ହେବ ସେଥିପ୍ରତି ଯତ୍ନବାନ ହେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଭିନ୍ନକ୍ଷମ ମାନଙ୍କ ମଧ୍ୟରେ ବୌଦ୍ଧର ହେରମ୍ବ ଗିରି ଆସିଥିଲେ ଅଜଣା ଜଟିଳ ରୋଗରେ ପୀଡିତ ତାଙ୍କ ୭ ବର୍ଷର ନାବାଳକ ପୁଅ ପ୍ରତ୍ୟୁଷ ଗିରିଙ୍କୁ ନେଇ । ପିଲାଟିର ଦୁଇଟି ଯାକ ଆଖି ନଷ୍ଟ ହୋଇଯାଇଛି । ବାପା ମା ଦୁହେଁ ଚିକିତ୍ସା ବାବଦରେ ଦୌଡି ଦୌଡି ସମସ୍ତ ଟଙ୍କା ଖର୍ଚ୍ଚ କରିସାରିବା ପରେ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଆସିଥିଲେ । ମୁଖ୍ୟମନ୍ତ୍ରୀ ପିଲାଟିର ସ୍ୱାସ୍ଥ୍ୟ ଅବସ୍ଥା ଦେଖିବା ପରେ ତୁରନ୍ତ ପାଖରେ ଥିବା ସ୍ୱାସ୍ଥ୍ୟ ମନ୍ତ୍ରୀ ଓ ସ୍ୱାସ୍ଥ୍ୟ ସଚିବଙ୍କୁ ଆମ୍ବୁଲାନ୍ସ ଡାକି ଡାକ୍ତରଖାନା ପଠାଇବା ପାଇଁ କହିଥିଲେ । କ୍ୟାପିଟାଲ ହସ୍ପିଟାଲରୁ ପିଲାଟି କଟକ ବଡ ଡାକ୍ତରଖାନାକୁ ଯିବା ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ପିଲାଟିର ଚିକିତ୍ସା କିପରି ହେବ ସେ ସମ୍ପର୍କରେ ତନ୍ନ ତନ୍ନ କରି ବୁଝିଥିଲେ । କଟକ ବଡ ଡାକ୍ତରଖାନାରେ *(ପୃଷ୍ଠା ୭ରେ)*

## ପିକେ ମିଶ୍ରଙ୍କ ଝିଅ-ଜ୍ୱାଇଁ କହି ଠକୁଥିଲେ ହଂସିକା ଓ ଅନୀଲ



ଭୁବନେଶ୍ୱର, ୩୦।୧୨
ନ୍ୟୁଜ୍ ବ୍ୟୁରୋ

ଠକେଇର ସବୁ ସୀମା ପାର କରିଦେଲେ । ଠକେଇ କଲେ ଶେଷରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପି.କେ ମିଶ୍ରଙ୍କୁ ଛାଡ଼ିଲେନି । ତାଙ୍କ ଝିଅ-ଜ୍ୱାଇଁ କହି ଠକୁଥିଲେ ଦୁଇ ଠକ । ତାହା ପୁଣି ରାଜ୍ୟ ରାଜଧାନୀ ଭୁବନେଶ୍ୱର ଛାତି ଉପରେ । ଏନେଇ ଏକାଧିକ ଅଭିଯୋଗ ହେବା ପରେ ଦୁଇ ଅଭିଯୁକ୍ତ ହଂସିକା ଓ ଅନୀଲ୍‌ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି କମିଶନରେଟ୍ ପୁଲିସ୍ ।

ଭୁବନେଶ୍ୱର ବାସିନ୍ଦା ହେଉଛନ୍ତି ଅନୀଲ ମହାନ୍ତି । ସିଏ ପେସାରେ ଜଣେ ବ୍ୟବସାୟୀ । ତାଙ୍କ ନାଁରେ ଦୁଇଟି କମ୍ପାନୀ ରେଜିଷ୍ଟ୍ରେସନ ହୋଇଛି । ପଟିଆରେ ଖୋଲିଛନ୍ତି ଅଫିସ୍ । ଚର୍ଚ୍ଚା ହେଉଛି ତାଙ୍କର ବାନ୍ଧବୀ ହେଉଛନ୍ତି କଳାହାଣ୍ଡି ଜିଲ୍ଲାର ହଂସିକା ଅଭିଲିପ୍ସା । ସେ ଏବେ ଭୁବନେଶ୍ୱରରେ ଦୀର୍ଘ ଦିନ ଧରି ରହୁଛନ୍ତି । ଉଭୟ ନିଜକୁ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପି.କେ ମିଶ୍ରଙ୍କ ଝିଅ ଓ ଜ୍ୱାଇଁ ବୋଲି ପରିଚୟ ଦେଉଥିଲେ । ଖାଲି ସେତିକି ନୁହେଁ, ଓଡ଼ିଶାର ମୁଖ୍ୟଶାସନ ସଚିବ ମନୋଜ ଆହୁଜା, *(ପୃଷ୍ଠା ୭ରେ)*




## ନୂଆବର୍ଷରେ ଥରାଇବ ଶୀତଲହର : ଘନ କୁହୁଡ଼ି ପାଇଁ ୟେଲୋ ୱାର୍ଣ୍ଣିଂ

ଭୁବନେଶ୍ୱର, ୩୦।୧୨
ନ୍ୟୁଜ୍ ବ୍ୟୁରୋ



ନୂଆବର୍ଷ ଅବସରରେ ବରଗଡ, ବଲାଙ୍ଗୀର, ନୂଆପଡା, କେନ୍ଦୁଝର, ମୟୂରଭଞ୍ଜ ଏବଂ ସମ୍ବଲପୁର ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘନ କୁହୁଡ଼ି ହେବାର ସମ୍ଭାବନା ରହିଥିବା ନେଇ ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି ।

ସୁନ୍ଦରଗଡ, କଳାହାଣ୍ଡି ଏବଂ କନ୍ଧମାଳ ଜିଲ୍ଲାରେ ୫୦ରୁ ୨୦୦ ମିଟର ମଧ୍ୟରେ ଦୃଶ୍ୟମାନ ନ ହେଉଥିବା ଘନ କୁହୁଡି ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।

ଭୁବନେଶ୍ୱରରେ ଥିବା ଆଇଏମଡିର ଆଞ୍ଚଳିକ କେନ୍ଦ୍ର ପୂର୍ବାନୁମାନ କରିଛି ଯେ, ନୂଆବର୍ଷରୁ ଶୀତ ଲହର ପୁଣି ଫେରିବ । ଆସନ୍ତା ୨ରୁ ୪ଦିନ ମଧ୍ୟରେ ତାପମାତ୍ରା ୨ରୁ ୪ ଡିଗ୍ରୀ ସେଲସିୟସ ହ୍ରାସ ପାଇବାର ସମ୍ଭାବନା ଥିବା ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି ।

ଜାନୁଆରୀ ୧ ଠାରୁ ସର୍ବନିମ୍ନ ତାପମାତ୍ରା ଓଡ଼ିଶାର ଅନେକ ସ୍ଥାନରେ ହ୍ରାସ ପାଇବ । ଫୁଲବାଣୀର ତାପମାତ୍ରା ୧୦ଡିଗ୍ରୀ ସେଲସିୟସରେ ପହଞ୍ଚିବ ବୋଲି ଆଶା କରାଯାଉଛି । ଏହି ସମୟରେ, କୋରାପୁଟ ଏବଂ ଢେଙ୍କାନାଳରେ ତାପାମତ୍ରା ଯଥାକ୍ରମେ ୧୧ ଏବଂ ୧୨ ଡିଗ୍ରୀ ସେଲସିୟସ ରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି ।

ପ୍ରମୁଖ ସହରମାନଙ୍କ ମଧ୍ୟରେ ରାଉରକେଲା, *(ପୃଷ୍ଠା ୭ରେ)*

## ଓଡ଼ିଶା ଆସିବ ଡବଲ ଡେକର ବସ୍ : ରହିଛି କଳା ଓ ସଂସ୍କୃତିର ଛାପ

ଭୁବନେଶ୍ୱର, ୩୦।୧୨
ନ୍ୟୁଜ୍ ବ୍ୟୁରୋ



ଖୁବ୍‌ଶୀଘ୍ର ଓଡ଼ିଶାରେ ଚାଲିବ ଇଲେକ୍ଟ୍ରିକ ଡବଲ ଡେକର ବସ୍ । ଯେଉଁଥିରେ ରହିଛି ଓଡ଼ିଶାର କଳା ଓ ସଂସ୍କୃତିର ଛାପ । ଏହି ବସ ଦିନେ ବା ଦୁଇ ଦିନ ଭିତରେ ଭୁବନେଶ୍ୱରରେ ପହଞ୍ଚିବ । ପ୍ରବାସୀ ଭାରତୀୟ ଦିବସ ମହୋତ୍ସବ ପାଳନର ଅବ୍ୟବହିତ ପୂର୍ବରୁ ଗଡ଼ିବ ଡବଲ ଡେକର ବସ୍ । ପ୍ରଥମେ ପ୍ରବାସୀ ଭାରତୀୟ ଦିବସରେ ଯୋଗଦେବାକୁ ଆସିଥିବା ଅତିଥିମାନେ ଏଥିରେ ବସିବେ । ଏନେଇ କୁଟ୍‌ପକ୍ଷରୁ ସୂଚନା ଦିଆଯାଇଛି ।

କଟକ-ଭୁବନେଶ୍ୱର-ପୁରୀ ମଧ୍ୟରେ ଚାଲିବ ଇଲେକ୍ଟ୍ରିକ ଡବଲ ଡେକର ବସ୍ । ୫ଟି ଆଣିବେ ରାଜ୍ୟ ସରକାର । ମୁମ୍ବାଇର ଏକ ସଂସ୍ଥା ଏହି ବସ ତିଆରି କରୁଛି । ପ୍ରଥମ ପର୍ଯ୍ୟାୟରେ ୨ଟି ବସ ଆସୁଛି । ପରବର୍ତ୍ତୀ ସମୟରେ ଅନ୍ୟ ୩ଟି ବସ ଆସିବ ବୋଲି ଜଣାପଡ଼ିଛି । ଗେରୁଆ ରଙ୍ଗରେ ତିଆରି ହୋଇଥିବା ଏହି ବସ୍‌ରେ ରହିଛି ଓଡ଼ିଶା କଳା ଓ ସଂସ୍କୃତିର ଛାପ । ବସ୍‌ରେ କୋଣାର୍କ ଚକ, ଧଉଳି ଶାନ୍ତିସ୍ତୁପ, ଗୋଟିପୁଅ ନୃତ୍ୟ ଓ ଅନ୍ୟାନ୍ୟ କଳାକୃତିର ଛାପ ରହିଛି ।

ନିର୍ମାଣ କାର୍ଯ୍ୟ ସରିଥିବା ୨ଟି ଇଲେକ୍ଟ୍ରିକ ଡବଲ ଡେକର ବସ ମୁମ୍ବାଇରୁ ଭୁବନେଶ୍ୱର ଅଭିମୁଖେ ବାହାରି ସାରିଲାଣି । ଇତି ମଧ୍ୟ ୪୦୦ କିମି ଅତିକ୍ରମ କରି ସାରିଲାଣି । ବସ ନିର୍ମାଣ କରୁଥିବା ସଂସ୍ଥାର ଚାଳକମାନେ ବସ ନେଇ ଆସୁଛନ୍ତି । ଦିନେ ବା ଦୁଇ ଦିନରେ ବସ ଗୁଡ଼ିକ ଭୁବନେଶ୍ୱରରେ ପହଞ୍ଚିବ । ବସ ଗୁଡ଼ିକ ଭୁବନେଶ୍ୱରରେ ପହଞ୍ଚିବା ପରେ ପ୍ରଥମେ ଟ୍ରାଏଲ ରନ କରାଯିବ । ତାପରେ ପ୍ରବାସୀ ଭାରତୀୟ ଦିବସରେ ଯୋଗଦେବାକୁ ଆସିଥିବା ଅତିଥିମାନେ ବସିବେ ବୋଲି କୁଟ ପକ୍ଷରୁ କୁହାଯାଇଛି ।

## କମାଲ କଲା ଏଆଇ : ଶିମିଳିପାଳରେ ୧୩ ଶିକାରୀଙ୍କୁ ଧରିଲା

ବାରିପଦା, ୩୦।୧୨
ନ୍ୟୁଜ୍ ବ୍ୟୁରୋ



କମାଲ କଲା ଏଆଇ(କୃତ୍ରିମ ବୁଦ୍ଧିମତା) । ଏସିଆ ମହାଦେଶର ସର୍ବ ବୃହତ ଜୈବ ମଣ୍ଡଳ ଶିମିଳିପାଳ ଅଭୟାରଣ୍ୟରେ ୧୩ ଶିକାରୀଙ୍କୁ ଧରିଲା । ଏଆଇର ତଥ୍ୟ ଆଧାରରେ ବନ ବିଭାଗ ୧୩ ଜଣ ଶିକାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

ଶିମିଳିପାଳ ଅଭୟାରଣ୍ୟର ନିଷିଦ୍ଧାଞ୍ଚଳ ଭାବେ ପରିଚିତ ନ୍ୟାସନାଲ ପାର୍କ ଓ ୱାଇଲ୍ଡ ଲାଇଫ ରେଞ୍ଜରେ ୧୩ ଜଣ ଶିକାରୀ ଶିକାର କରିବା ପାଇଁ ଯାଉଥିଲେ, ଯାହା ଏଆଇ କ୍ୟାମେରାରେ କଏଦ ହୋଇଥିଲା । ସେହି ତଥ୍ୟ ଆଧାରରେ ଗତ ୧୪ ତାରିଖରେ ବନ ବିଭାଗ କରଞ୍ଜିଆ ଥାନା ଅନ୍ତର୍ଗତ ରାଣିଭୋଳ, ଅଁଳାକଟା, ରାମଯୋଡି, ଦୁଧିଆଣି ଗାଁରେ ଚଢ଼ଉ କରି ୧୩ ଜଣ ଶିକାରୀଙ୍କୁ ଗିରଫ କରିଛି । ସେମାନଙ୍କଠାରୁ ଗୋଟିଏ ଦେଶୀ ବନ୍ଧୁକ, ୧୩ଟି ଧନୁ ଓ ୩୩ଟି ତୀର ଜବତ କରିଛି ।

ଗତ କିଛିଦିନ ହେଲା ଶିମିଳିପାଳ ଅଭୟାରଣ୍ୟରେ ୧୦୦ଟି ସ୍ଥାନରେ ଏଆଇ କ୍ୟାମେରା ଲଗାଯାଇଛି । ସେହି କ୍ୟାମେରା ଶିକାରୀଙ୍କ ଫଟୋ କଏଦ କରୁଛି । ଏଆଇ ତଥ୍ୟ ଆଧାରରେ ବନ ବିଭାଗ ଶିକାରୀମାନଙ୍କୁ ଧରିବାରେ ସଫଳ ହେଉଛି ।

## ଗଞ୍ଜାମରେ କ୍ଷେତ ବୁଲି କ୍ଷୟକ୍ଷତି ଦେଖିଲେ, ଚାଷୀଙ୍କୁ ଭେଟିଲେ ନବୀନ

ବ୍ରହ୍ମପୁର, ୩୦।୧୨
ନ୍ୟୁଜ୍ ବ୍ୟୁରୋ



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପରେ ଅଦିନିଆ ବର୍ଷା କ୍ଷତିଗ୍ରସ୍ତ ଚାଷୀଙ୍କ ଗହଣରେ ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ନିଜ ଗୃହଜିଲ୍ଲା ଗଞ୍ଜାମର ଶେରଗଡ ସମେତ ଏକାଧିକ ସ୍ଥାନରେ ଅଦିନିଆ ବର୍ଷାରେ ଚାଷ କ୍ଷତିଗ୍ରସ୍ତ ହୋଇଥିବା ଅଞ୍ଚଳ ପରିଦର୍ଶନ କରିଛନ୍ତି ନବୀନ । ନିଜେ ପାଣିରେ ବୁଡି ନଷ୍ଟ ହୋଇଯାଇଥିବା ଧାନ ଫସଲ ଦେଖିଛନ୍ତି । ଚାଷୀଙ୍କ ସହ ଆଲୋଚନା କରି ନବୀନ ସେମାନଙ୍କୁ ସାନ୍ତ୍ୱନା ମଧ୍ୟ ଦେଇଛନ୍ତି । ବ୍ୟାପକ କ୍ଷୟକ୍ଷତି ହୋଇଛି । ଚାଷୀଙ୍କୁ ଖୁବଶୀଘ୍ର କ୍ଷତିପୂରଣ ଯୋଗାଇ ଦିଆଯିବା ଦରକାର ବୋଲି ନବୀନ କହିଛନ୍ତି ।

ପ୍ରଥମେ ଶେରଗଡ଼ରେ ପହଞ୍ଚି କ୍ଷୟକ୍ଷତିର ଅନୁଧ୍ୟାନ ସହ ଚାଷୀଙ୍କ ସହ ସେ ଆଲୋଚନା କରିଛନ୍ତି । ଗତ ସାଧାରଣ ନିର୍ବାଚନର ଫଳାଫଳ ପ୍ରକାଶ ପାଇବା ପରେ ପ୍ରଥମ ଥର ପାଇଁ ନିଜର ନିର୍ବାଚନ ମଣ୍ଡଳୀ ହିଞ୍ଜିଳିକାଟୁ ସମେତ ଗଞ୍ଜାମ ଜିଲ୍ଲାର ବିଭିନ୍ନ ସ୍ଥାନ ପରିଦର୍ଶନ କରିଛନ୍ତି । ନବୀନଙ୍କ ସହ ଦଳର ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର ଓ ଗଞ୍ଜାମ ଜିଲ୍ଲାର ଦଳୀୟ ନେତାମାନେ ଉପସ୍ଥିତ ରହିଥିଲେ । *(ପୃଷ୍ଠା ୭ରେ)*

## ୧୦୦ ବର୍ଷରେ ଆଖିବୁଜିଲେ ପୂର୍ବତନ ରାଷ୍ଟ୍ରପତି

ୱାଂଶିଟନ, ୩୦।୧୨

ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜିମି କାର୍ଟରଙ୍କ ପରଲୋକ ଘଟିଛି । ମୃତ୍ୟୁବେଳକୁ ତାଙ୍କୁ ୧୦୦ ବର୍ଷ ବୟସ ହୋଇଥିଲା । ସେ ଆମେରିକାର ୩୯ତମ ରାଷ୍ଟ୍ରପତି ଭାବରେ କାର୍ଯ୍ୟ କରିଥିଲେ । ସେ ୧୯୭୭ ରୁ ୧୯୮୧ ପର୍ଯ୍ୟନ୍ତ ୪ ବର୍ଷ ପର୍ଯ୍ୟନ୍ତ ଦେଶର ରାଷ୍ଟ୍ରପତି ଭାବରେ କାର୍ଯ୍ୟ କରିବାର ସୁଯୋଗ ପାଇଥିଲେ । ଜର୍ଜିଆର ତାଙ୍କ ଘରେ ଜିମି କାର୍ଟରଙ୍କ ମୃତ୍ୟୁ ଘଟିଛି । ରାଷ୍ଟ୍ରପତି ଭାବରେ ସେ ତାଙ୍କ କାର୍ଯ୍ୟ ପାଇଁ ଅନେକ ପ୍ରଶଂସା ପାଇଛନ୍ତି । ତାଙ୍କୁ ୨୦୦୨ରେ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରାଯାଇଥିଲା ।

ଜିମି କାର୍ଟର ଜର୍ଜିଆର ପ୍ଲେନ୍ସରେ ଜନ୍ମଗ୍ରହଣ କରିଥିଲେ । ସେ ତାଙ୍କର ସରଳତା ଏବଂ ଜନସେବା ପ୍ରତି ଉତ୍ସର୍ଗୀକୃତତାର ଶକ୍ତି ଉପରେ ରାଷ୍ଟ୍ରପତି ପଦକୁ ଯାଇଥିଲେ । ରାଷ୍ଟ୍ରପତି ହେବା *(ପୃଷ୍ଠା ୭ରେ)*

### ଏକାଳ ପଖାଳ



ଟିମ୍ ଇଣ୍ଡିଆ ଉପହାର ଦେଲା
ଲାଗିଲା ବହୁତ ଭଲ
ହିଟ୍ କିଙ୍ଗ୍ କ୍ଲାସ୍ ସାରେ
ହେଲେ ଖାଲି କଲବଲ
ନୂଆ ଟୋକା ହାତ ସଲସଲ
ସବୁ କୁତୁକୁତୁ ଝାଡି ଅଷ୍ଟ୍ରେଲିଆ ଶୁଏ
ନାହିମୁଣ୍ଡେ ଦେଇ ତେଲ !

## ଜାନୁଆରୀ ୫-୭ ପର୍ଯ୍ୟନ୍ତ କୁମୁରିଆ ସାନଖଳାରେ ସୁଲିଆ ମହୋତ୍ସବ



ଦେଓଗାଁ, ୩୦।୧୨
ନ୍ୟୁଜ୍ ବ୍ୟୁରୋ

ଆଦିବାସୀମାନଙ୍କ ପ୍ରସିଦ୍ଧ ସୁଲିଆ ଯାତ୍ରା ଅବସରରେ ଦେଓଗାଁ ବ୍ଲକ କୁଲତାପଡା ପଞ୍ଚାୟତର କୁମୁରିଆ ସାନଖଳାରେ ଆସନ୍ତା ଜାନୁଆରୀ ୫ରୁ ୭ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ସୁଲିଆ ମହୋତ୍ସବ ଅନୁଷ୍ଠିତ ହେବ ।

ଆଦିବାସୀଙ୍କ ପରମ୍ପରା ଓ ସଂସ୍କୃତିର ପ୍ରଚାରପ୍ରସାର ପାଇଁ ପ୍ରଥମକରି କୁମୁରିଆ ଖଳାରେ ଚଳିତବର୍ଷ ମହୋତ୍ସବର ଆୟୋଜନ କରାଯାଉଛି ବୋଲି ବଲାଙ୍ଗୀର ସାମ୍ବାଦିକ ଭବନଠାରେ ସୁଲିଆ ମହୋତ୍ସବ କମିଟି ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି ।

୩ଦିନ ମଧ୍ୟରେ ବିଭିନ୍ନ ଆଦିବାସୀ ସାଂସ୍କୃତିକଦଳ ସେମାନଙ୍କର କଳା ପ୍ରଦର୍ଶନ କରିବେ । ଏହା ସହିତ ପ୍ରତ୍ୟହ ବିଭିନ୍ନ ରାଜନେତା ଯଥା-ରାଜ୍ୟସଭା ସାଂସଦ ଥିବା ଆଦିବାସୀନେତା ନିରଞ୍ଜନ ବିଶି, ଜିଲ୍ଲା ଆଦିବାସୀ କଲ୍ୟାଣସଂଘର ସଭାପତି ସତ୍ୟନାରାୟଣ ଭୋଇ, ବଲାଙ୍ଗୀର ବିଧାୟକ କଳିକେଶନାରାୟଣ ସିଂଦେଓ, ଜିଲ୍ଲା ପରିଷଦ ଅଧକ୍ଷା ଦେବକୀ ସାହୁ, ପୌରାଧକ୍ଷା ଲିକା ସାହୁ, ଦେଓଗାଁ , ପୁଇଁତଳା ଓ ତରଭା ବ୍ଲକର ଅଧକ୍ଷଗଣ, ଜିଲ୍ଲାପରିଷଦ ସଭ୍ୟାଗଣ,୭ଟି ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ, ସଂସ୍କୃତି ଗବେଷକ ଡ.ଘାସିରାମ ମିଶ୍ର, ରସରାଜ ଅଚ୍ୟୁତ ପୁରୋହିତ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

ଏହା ସହିତ ଖଇରଗୁରାର ବଡଖଳା ଓ କୁମୁରିଆର ସାନଖଳାର ଉନ୍ନତି ପାଇଁ ରାଜ୍ୟସରକାରଙ୍କୁ ସ୍ଥାନୀୟ ବିଧାୟକ ପ୍ରସ୍ତାବ ଦେଇ ଚିଠି କରିଥିବା ବିଷୟରେ କୁହାଯାଇଛି ।

ଏହି ଅବସରରେ ସୁଲିଆମହୋତ୍ସବର ଲୋଗୋକୁ ଅତିଥିଗଣ ଉନ୍ମୋଚନ କରିଥିଲେ । ମହୋତ୍ସବ କମିଟିର ଆବାହକ ରୂପାଧର ପୁଟାଙ୍କ ସଭାପତିତ୍ୱ ଓ କମିଟିର ସଭାପତି ଲକ୍ଷ୍ମଣ କୁମାର ମେହେରଙ୍କ ସଂଯୋଜନାରେ *(ପୃଷ୍ଠା ୭ରେ)*

## ଦିଲ୍ଲୀ ହାଇକୋର୍ଟଙ୍କ ବଡ଼ ରାୟ
## ଶାରୀରିକ ସମ୍ପର୍କର ଅର୍ଥ ଯୌନ ନିର୍ଯାତନା ନୁହେଁ

ନୂଆଦିଲ୍ଲୀ, ୩୦।୧୨

ପୋକ୍ସୋ ମାମଲାରେ ଜଣେ ବ୍ୟକ୍ତିଙ୍କୁ ଦୋଷମୁକ୍ତ କରି ଦିଲ୍ଲୀ ହାଇକୋର୍ଟ କହିଛନ୍ତି ଯେ ନାବାଳିକା ପୀଡ଼ିତା ବ୍ୟବହାର କରିଥିବା ଶାରୀରିକ ସମ୍ପର୍କର ଅର୍ଥ ସ୍ୱତଃସ୍ଫୁର୍ତ୍ତ ଭାବେ ଯୌନ ନିର୍ଯାତନା ନୁହେଁ ।

ଜଷ୍ଟିସ ପ୍ରତିଭା ଏମ ସିଂହ ଓ ଜଷ୍ଟିସ ଅମିତ ଶର୍ମାଙ୍କ ଖଣ୍ଡପୀଠ ଅଭିଯୁକ୍ତଙ୍କ ଆବେଦନକୁ ଗ୍ରହଣ କରି ଏପରି ରାୟ ଶୁଣାଇଛନ୍ତି । ଅଭିଯୁକ୍ତଙ୍କୁ ପୋକ୍ସୋ ମାମଲାରେ ଟ୍ରାଏଲ କୋର୍ଟ ଆଜୀବନ ଜେଲଦଣ୍ଡରେ ଦଣ୍ଡିତ କରିଥିଲେ, ହେଲେ ଏହାକୁ ଅଗ୍ରାହ୍ୟ କରିଛନ୍ତି ହାଇକୋର୍ଟ ।

ପୀଡ଼ିତା ଜଣଙ୍କ ସ୍ୱେଚ୍ଛାକୃତ ଭାବେ ଅଭିଯୁକ୍ତଙ୍କ ପାଖକୁ ଯାଇଥିଲେ, ତଥାପି ତଳ କୋର୍ଟ କେମିତି ଯୌନ ନିର୍ଯାତନା ଦିଆଯାଇଥିବା ନିର୍ଯାସରେ ପହଞ୍ଚିଲେ, ତାହା ସ୍ପଷ୍ଟ ହୋଇ ନଥିବା ଖଣ୍ଡପୀଠ କହିଛନ୍ତି ।

ଶାରୀରିକ ସମ୍ପର୍କ କିମ୍ବା ସମ୍ବନ୍ଧକୁ ଯୌନ ନିର୍ଯାତନାର ରୂପ ଦେବା ପାଇଁ ଉପଯୁକ୍ତ ପ୍ରମାଣ ଉପସ୍ଥାପନ କରାଯିବା ଦରକାର । କେବଳ ଆକଳନ ଦ୍ୱାରା ଏହାକୁ ସ୍ଥାପିତ କରାଯାଇ ପାରିବନି ।

ଡିସେମ୍ବର ୨୩ରେ କୋର୍ଟ ଦେଇଥିବା ରାୟରେ କହିଛନ୍ତି ଯେ ପୀଡ଼ିତାଙ୍କ ବୟସ ୧୮ ବର୍ଷରୁ କମ ହୋଇଥିବାରୁ ଯେ ପୂରା ଘଟଣାକୁ ଯୌନ ନିର୍ଯାତନା ବୋଲି କୁହାଯାଇ ପାରିବ ନାହିଁ । *(ପୃଷ୍ଠା ୭ରେ)*

30 YEARS

ସମ୍ବାଦ କଳିକା

ଭୁବନେଶ୍ୱର, ୩୧ ଡିସେମ୍ବର ୨୦୨୪ ମଙ୍ଗଳବାର





# ଟ୍ୱିନ୍ ସିଟିରେ ଡ୍ରୋନ୍ ଦ୍ୱାରା ଟ୍ରାଫିକ୍ ପରିଚାଳନା

**କଟକ, ନ୍ୟୁଜ ବ୍ୟୁରୋ**

ଆସନ୍ତା ୨୦୨୫ ନୂଆ ବର୍ଷରୁ ଭୁବନେଶ୍ୱର-କଟକ ଟ୍ୱିନ୍ ସିଟିରେ କାର୍ଯ୍ୟକ୍ଷମ ହେବ ଉନ୍ନତ ଟ୍ରାଫିକ୍ ପରିଚାଳନା ବ୍ୟବସ୍ଥା। ଏଣିକି ଟ୍ରାଫିକ୍ ନିୟନ୍ତ୍ରଣ ସହ ଗହଳି ଅଞ୍ଚଳ ଉପରେ କଡ଼ା ନଜର ରଖିବ ପୁଲିସ୍ । ୨୦୧୯ ମସିହାରେ ଡ୍ରୋନ୍ ବ୍ୟବସ୍ଥା ସଫଳ ହେବା ପରେ ଏବେ ଅର୍ଥାତ୍ ୫ ବର୍ଷ ପରେ ଏହାକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବାକୁ ନିଷ୍ପତ୍ତି ନେଇଛି କମିସନରେଟ୍ ପୁଲିସ୍ । ଏ ନେଇ କମିସନରେଟ୍ ପୁଲିସ୍ ପକ୍ଷରୁ ଡ୍ରୋନ୍ କିଣିବା ପାଇଁ ସୋମବାର ଟେଣ୍ଡର ଡକାଯାଇଛି । ଅତ୍ୟାଧୁନିକ ଓ ଉଚ୍ଚଶକ୍ତି ସମ୍ପନ୍ନ ବିଶିଷ୍ଟ ଏହି ଡ୍ରୋନ୍ ୧୫ କିମି ପର୍ଯ୍ୟନ୍ତ ସହର ଉପରେ ନଜର ରଖିବ। ରାଜଧାନୀ ଭୁବନେଶ୍ୱରରେ ଜନସଂଖ୍ୟା ବଢ଼ିବାରେ ଲାଗିଛି । ଘରଦ୍ୱାର ସାଙ୍ଗକୁ କାରଖାନା ଓ ଶିକ୍ଷାନୁଷ୍ଠାନ ଆଦି ମଧ୍ୟ ବଢ଼ିଛି । ଏସବୁ ମଧ୍ୟରେ ସମାନ ଢଙ୍ଗରେ କଟକ ଭଳି ସହର ମଧ୍ୟ ସମ୍ପ୍ରସାରିତ ହେଉଛି । ସେହିଭଳି ଭୁବନେଶ୍ୱର ଓ କଟକକୁ ପ୍ରତି କିଛିଦିନ ବ୍ୟବଧାନରେ ଭିଭିଆଇପିମାନେ ମଧ୍ୟ ଆସୁଛନ୍ତି । ଏମିତିକି ପ୍ରତିଦିନ ହଜାର ହଜାର ଲୋକ କଟକ ଭୁବନେଶ୍ୱରକୁ ଯା'ଆସ କରୁଛନ୍ତି । କିନ୍ତୁ ଏହି ଟ୍ୱିନ୍ ସିଟି ପାଇଁ ଟ୍ରାଫିକ୍ ପରିଚାଳନା ବ୍ୟବସ୍ଥା ମୁଖ୍ୟ ସମସ୍ୟା ଭାବେ ଲାଗିରହିଛି । ପୂର୍ବରୁ ୨୦୧୯ ମସିହାରେ ତତ୍କାଳୀନ ଟ୍ରାଫିକ୍ ଡିସିପି ସାଗରିକା ନାଥ ପ୍ରଥମେ ଟ୍ରାଫିକ୍ ବ୍ୟବସ୍ଥା ପାଇଁ ଡ୍ରୋନ୍ ଡିଜିଟାଲ୍ ସେବାକୁ ପରୀକ୍ଷାମୂଳକ ଆରମ୍ଭ କରିଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇ ନ ଥିଲା । ୨୦୨୩ରେ ଏକ ଉଚ୍ଚ ଶକ୍ତି ସମ୍ପନ୍ନ ଡ୍ରୋନ୍‌କୁ କେବଳ ଗହଳିପୂର୍ଣ୍ଣ ସ୍ଥାନ ଉପରେ ନଜର ରଖିବାକୁ ଅଣାଯାଇଥିଲା । କିନ୍ତୁ ଟ୍ରାଫିକ୍ ପରିଚାଳନା ପାଇଁ ଏଣିକି ଡ୍ରୋନ୍‌କୁ ମଧ୍ୟ ବ୍ୟବହାର କରାଯିବ । ଏଥିପାଇଁ କମିସନରେଟ ପୁଲିସ୍ ଇ-ଟେଣ୍ଡର ଡାକିଥିଲାବେଳେ ପ୍ରଥମ ପର୍ଯ୍ୟାୟରେ ଦୁଇଟି ଡ୍ରୋନ୍ ଆଣିବାକୁ ଯୋଜନା ହୋଇଛି । ଯାହା ସାମାନ୍ୟ ଅଧିକ ଉଚ୍ଚ କ୍ଷମତା ବିଶିଷ୍ଟ ଫଟୋ ଓ ଭିଡିଓ ଉତ୍ତୋଳନ କରିବ । ଏହି ଟେଣ୍ଡର ଜାନୁଆରୀ ୬ ତାରିଖରେ ଟେକ୍ନିକାଲ୍ ଓ କର୍ମସିଆଲ୍ ବିଡ୍ ଖୋଲିବାକୁ ନିଷ୍ପତ୍ତି ହୋଇଛି । ଯାହା ଟ୍ୱିନ୍ ସିଟିରେ ଉନ୍ନତ ଟ୍ରାଫିକ୍ ପରିଚାଳନାରେ ବେଶ୍ ସହାୟକ ହେବ ବୋଲି ପୁଲିସ୍ ପକ୍ଷରୁ ସୂଚନା ଦିଆଯାଇଛି ।

# ୬ ଥିଲା ୧୨ରେ ପହଞ୍ଚିଲା : ୩ ବର୍ଷରେ ଦୁଇ ଗୁଣା ବଢିଛି ବାଘ ସଂଖ୍ୟା

**ଢେଙ୍କାନାଳ, ନ୍ୟୁଜ ବ୍ୟୁରୋ**

ଢେଙ୍କାନାଳ ଜିଲ୍ଲାରେ ଗତ ୩ ବର୍ଷରେ ଦୁଇ ଗୁଣା ବଢିଛି ବାଘ ସଂଖ୍ୟା। ୨୦୨୧ ମସିହାରେ ଢେଙ୍କାନାଳର ବିଭିନ୍ନ ଜଙ୍ଗଲରେ କଲରାପତରିଆ ବାଘ ସଂଖ୍ୟା ୬ ଥିବା ବେଳେ ଏବେ ତାହା ବୃଦ୍ଧି ପାଇ ୧୨ରେ ପହଞ୍ଚିଛି। ଯାହା ଜଙ୍ଗଲ ବିଭାଗ ପାଇଁ ଆଣିଛି ଖୁସି ଖବର। ହେଲେ ଦୁଃଖର ବିଷୟ ବିଗତ ଦିନରେ ଦୁଇ ଦୁଇଟି ବାଘ ମୃତ୍ୟୁ ଓ ଶିକାରୀଙ୍କ ଫାସରେ ବାଘ ପଡିବା ଘଟଣା ବନବିଭାଗ ପାଇଁ ସୃଷ୍ଟି କରିଛି ନୂଆ ଚ୍ୟାଲେଞ୍ଜ। କାରଣ



ଢେଙ୍କାନାଳ ବନଖଣ୍ଡରେ ମାତିଛନ୍ତି ଶିକାରୀ। ବାଘ ଛାଲ ପାଇଁ ବିଦ୍ୟୁତ ତାର ବିଛାଇ ବାଘ ଶିକାର କରିବାକୁ ସେମାନେ ପଛାଉ ନାହାନ୍ତି । ପୂର୍ବରୁ ହିନ୍ଦୋଳ କୋଇ ରିଜର୍ଭ ଫରେଷ୍ଟରେ ଶିକାରୀଙ୍କ ଦ୍ୱାରା ବିଛା ଯାଇଥିବା ବିଦ୍ୟୁତ ଫାଶରେ ପଡି ଏକ କଲରାପତରିଆ ବାଘର ମୃତ୍ୟୁ ହୋଇଥିଲା ।ସେହିଭଳି ଦୁଦୁରକୋଟ ଗାଁ ଜଙ୍ଗଲରେ ମଧ୍ୟ ଅନ୍ୟ ଏକ କଲରାପତରିଆ ବାଘର ମୃତ୍ୟୁ ହୋଇଥିଲା। ନିକଟରେ ଢେଙ୍କାନାଳ-କେନ୍ଦୁଝର ସୀମାନ୍ତ ମହାବିରୋଡ ରେଞ୍ଜରେ ଶିକାରୀଙ୍କ ତାର ଜାଲରେ ପଡିଥିବା ଏକ କଲରାପତରିଆ ବାଘକୁ ମୁମୂର୍ଷ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। କିନ୍ତୁ କିଏ ଏବଂ କାହିଁକି ତାର ବିଛାଇଥିଲା ତାହା ଏପର୍ଯ୍ୟନ୍ତ ତଦନ୍ତରେ ଜଣାପଡି ନଥିବା ବେଳେ ବନବିଭାଗ ପକ୍ଷରୁ ବାଘଙ୍କ ସୁରକ୍ଷା ପାଇଁ ସଠିକ ପାଟ୍ରୋଲିଂ ପ୍ରୋଟେକ୍ସନ ଦିଆଯାଉ ନଥିବାରୁ ବାଘ ବଂଶ ବିପଦରେ ବୋଲି କହିଛନ୍ତି ପରିବେଶବିତ୍ । । ଢେଙ୍କାନାଳ ଡିଏଫଓ କହିଛନ୍ତି ଶିକାରୀଙ୍କୁ ଧରିବା ମାତ୍ରେ ସେମାନଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ବାଘ ବଂଶ ବୃଦ୍ଧି ଓ ସୁରକ୍ଷା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି ।

# ଲଟେରୀ ଜରିଆରେ ଆବଣ୍ଟିତ ହେଲା ବିଏମସିର କିଓସ୍କ ଓ କ୍ୟାନୋପି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଲଟେରୀ ମାଧ୍ୟମରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଆଜି ୧୪ ଟି କିଓସ୍କ ଓ ୭୬ଟି କ୍ୟାନୋପି ବଂଟନ କରିଛି । ସି ଆର୍ ପି ନିକଟସ୍ଥ ଭେଣ୍ଡିଂ ଜୋନ୍‌ରେ ମୋଟ ୪୮ ଟି କିଓସ୍କ ଏବଂ ୮୯ଟି ପିଣ୍ଡି କରାଯାଇଛି । ପୂର୍ବରୁ ଯେଉଁମାନଙ୍କୁ ଉଚ୍ଛେଦ କରାଯାଇଥିଲା, ପର୍ଯ୍ୟାୟକ୍ରମେ ସେହିମାନଙ୍କୁ ଲଟେରୀ ମାଧ୍ୟମରେ ଆଜି ମାନନୀୟା ମେୟର ଶ୍ରୀମତୀ ସୁଲୋଚନା ଦାସ ବିଏମ୍‌ସି କିଓସ୍କ ଓ କ୍ୟାନୋପି ବଂଟନ କରିଛନ୍ତି। ଆଜି ଅପରାହ୍ନରେ ମେୟର ଶ୍ରୀମତୀ ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକ ମୁଖ୍ୟାଳୟସ୍ଥିତ ଏକାମ୍ର ହଲରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସିଆରପିଏଫ୍ ଓ ଆଖପାଖ ଅଂଚଳରୁ ଉଚ୍ଛେଦ ହୋଇଥିବା ଉଠା ଦୋକାନୀ ଯୋଗଦେଇଥିଲେ। ପୂର୍ବ ତାଲିକା ଅନୁଯାୟୀ ଜଣକ ପରେ ଜଣେ ହିତାଧିକାରୀଙ୍କୁ ଡକାଯାଇଥିଲା । ସେମାନେ ନିଜ ନିଜର ଲଟେରୀ ଉଠାଇଥିଲେ । କମିଶନର ଶ୍ରୀ ରାଜେଶ ପ୍ରଭାକର ପାଟିଲଙ୍କ ନିର୍ଦ୍ଦେଶ କ୍ରମେ ୧୫ ନମ୍ବର ୱାର୍ଡରେ ସରକାରୀ ନିୟମ ଅନୁସାରେ କିଓସ୍କ ଓ କ୍ୟାନୋପି ବଂଟନ କରାଯାଇଛି । ଏଥିରେ ସାଧାରଣ ବର୍ଗ, ମହିଳା, ଦିବ୍ୟାଙ୍ଗ ସବୁ ବର୍ଗର ଲୋକଙ୍କୁ ସ୍ଥାନ ଦିଆଯାଇଛି । କେବଳ ସେତିକି ନୁହେଁ, କେଉଁଠାରେ କେଉଁ ଦୋକାନ ହେବ, ତାହା ମଧ୍ୟ ଚିହ୍ନଟ କରାଯାଇଛି । ଅର୍ଥାତ୍ ଫଳ ଦୋକାନ, ପରିବା, ଫୁଲ, ଛତୁ ଦୋକାନ,କ୍ଷେତ୍ରସନାରୀ ଦୋକାନ, ଖାଦ୍ୟ ଏବଂ ଆମିଷ ଦୋକାନ ଅଲଗା ଅଲଗା ସ୍ଥାନରେ ରହିଛି। କିଓସ୍କ କିମ୍ବା କ୍ୟାନୋପି ପାଇଥିବା ହିତାଧିକାରୀମାନେ ଚୁକ୍ତିପତ୍ର ସ୍ୱାକ୍ଷରିତ କରି ସେମାନଙ୍କର ଦୋକାନ ଖୋଲିବା ପାଇଁ ପରାମର୍ଶ ଦେଇଛନ୍ତି ମାନନୀୟା ମେୟର । କିଓସ୍କ ଓ କ୍ୟାନୋପି ପାଇଥିବା ସମସ୍ତେ ହିତାଧିକାରୀ ସେମାନଙ୍କର ଦୋକାନ ଖୋଲିବେ। ଭେଣ୍ଡିଂ ଜୋନକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ପାଇଁ ସମସ୍ତଙ୍କୁ ପରାମର୍ଶ ଦିଆଯାଇଛି । କୌଣସି କିଓସ୍କ ବା ପିଣ୍ଡି କେହି ଭଡା ଦେଇପାରିବେ ନାହିଁ ବୋଲି ସେ ସମସ୍ତଙ୍କୁ ସୂଚାଇ ଦେଇଛନ୍ତି । ସମସ୍ତଙ୍କୁ ପରିଚୟ ପତ୍ର ପ୍ରଦାନ କରାଯିବ ବୋଲି କହିଛନ୍ତି ମାନନୀୟା ମେୟର । ସୂଚନା ଯୋଗ୍ୟକି ବର୍ତ୍ତମାନ ସୁଧା ବି ଏମ୍ ସି ଅଞ୍ଚଳରେ ୨୦୦୦ ରୁ ଅଧିକ କିଓସ୍କ ଆବଣ୍ଟିତ ହୋଇ ସାରିଛି । ସରକାରଙ୍କ ନିୟମକୁ ଭିତିକରି ଏହାକରାଯାଉଛି । କିଓସ୍କୋ ପାଇଥିବା ବ୍ୟକ୍ତି ମାସକୁ ୭ ଶହ ଓ ପିଣ୍ଡି ପାଇଥିବା ବ୍ୟକ୍ତି ମାସକୁ ୩ ଶହ ଟଙ୍କା ଲେଖାଏଁ ବିଏମ୍‌ସିକୁ ପୈଠ କରିବେ ଏବଂ ୬ ମାସର ଅଗ୍ରୀମ ଭରିବେ । ଏହି ଲଟେରୀ ଉଠାଣ କାର୍ଯ୍ୟକ୍ରମରେ ସ୍ଥାନୀୟ କର୍ପୋରେଟର ଶ୍ରୀମତୀ ମାନସୀରାଣୀ ସୁନ୍ଦରାୟ, ଶ୍ରୀମତୀ ପିଙ୍କି ସ୍ୱାଇଁ, ପଦ୍ମଜା ପ୍ରିୟଦର୍ଶିନୀ ଜେନା, ଅତିରିକ୍ତ କମିଶନର ଶ୍ରୀ ଶୁଭେନ୍ଦୁ କୁମାର ସାହୁ, ରତ୍ନାକର ସାହୁ, ଡେପୁଟି କମିଶନର ଶ୍ରୀ ଅଜୟ କୁମାର ମହାନ୍ତି, ମୁଖ୍ୟ ଅଡିଟର ଶ୍ରୀମତୀ ସୌଦାମିନୀ ବେହେରା ମଂଚାସୀନ ଥିଲେ । ଟାଉନ ଭେଣ୍ଡିଂ କମିଟି ସଦସ୍ୟ ମନୋଜ କୁମାର ସ୍ୱାଇଁ ଓ ଅନ୍ୟ ସଦସ୍ୟା ଉପସ୍ଥିତ ଥିଲେ । କିଓସ୍କ ଓ କ୍ୟାନୋପି ପାଇ ହିତାଧିକାରୀମାନେ ବେଶ ଖୁସି ପ୍ରକଟ କରିଛନ୍ତି ।

# ୨୦୨୩ରେ ଭାରତକୁ ଆସିଛନ୍ତି ୧.୮୯ କୋଟି ବିଦେଶୀ ପର୍ଯ୍ୟଟକ : ୨.୩୧ ଲକ୍ଷ କୋଟି ଟଙ୍କା ହୋଇଛି ଆୟ

**ନୂଆଦିଲ୍ଲୀ**

ଭାରତ ସରକାର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ସହ ଏହି କ୍ଷେତ୍ରରେ ଅଧିକ ରୋଜଗାର ସୃଷ୍ଟି ଲାଗି ଉଦ୍ୟମ କରୁଛନ୍ତି । ଏହାସହ ବିଦେଶୀ ମୁଦ୍ରା ବଢାଇବା ପାଇଁ ପର୍ଯ୍ୟଟନ କ୍ଷେତ୍ର ଉପରେ ବିଶେଷ ଧ୍ୟାନ ଦେଉଛନ୍ତି । ପର୍ଯ୍ୟଟନ କ୍ଷେତ୍ରକୁ ବଢାଇବା ପାଇଁ ନୂଆ ଯୋଜନା ପ୍ରସ୍ତୁତ କରାଯାଇଛି । ସରକାରଙ୍କ ଉଦ୍ୟମ ବଢିବା ସହ ବିଦେଶ ପର୍ଯ୍ୟଟକଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି । ଯେଉଁଥି ଲାଗି ବିଦେଶୀ ମୁଦ୍ରା ଆୟ (ଏଫଇଇ) ମଧ୍ୟ ବଢିଛି । ବିଦେଶୀ ମୁଦ୍ରା ଆୟର ଅର୍ଥ ହେଉଛି ଦ୍ରବ୍ୟ ଏବଂ ସେବା ବିକ୍ରି କରି କିମ୍ବା ମୁଦ୍ରାର ଆଦାନ-ପ୍ରଦାନରେ ଅର୍ଜିତ ମୌଦ୍ରିକ ଲାଭ । ପର୍ଯ୍ୟଟନ ମନ୍ତ୍ରଣାଳୟ ଜାରି କରିଥିବା ତଥ୍ୟ



ଅନୁସାରେ ୨୦୨୩ରେ ଭାରତକୁ ପ୍ରାୟ ୧.୮୯ କୋଟି ବିଦେଶୀ ପର୍ଯ୍ୟଟକ ଆସିଛନ୍ତି। ଏହି ପର୍ଯ୍ୟଟକଙ୍କ ଜରିଆରେ ସରକାରଙ୍କୁ ପ୍ରାୟ ୨.୩୨ ଲକ୍ଷ କୋଟି ଟଙ୍କା ବିଦେଶୀ ମୁଦ୍ରା ମିଳିଛି । ଏହି ଅବଧିରେ ପ୍ରାୟ ଦେଶର ୨୫୦.୯ କୋଟି ପର୍ଯ୍ୟଟକ ବିଭିନ୍ନ ପର୍ଯ୍ୟଟନସ୍ଥଳୀ ବୁଲି ଦେଇଛନ୍ତି । ମନ୍ତ୍ରଣାଳୟ ଅନୁସାରେ, ଦେଶରେ ପର୍ଯ୍ୟଟନକୁ ବଢାଇବା ପାଇଁ ରାଜ୍ୟଗୁଡ଼ିକୁ ସ୍ୱତନ୍ତ୍ର ସହାୟତା ପ୍ରଦାନ କରାଯାଇଛି । ୨୦୨୪-୨୫ ବଜେଟରେ ବୈଶ୍ୱିକ ସ୍ତରରେ ପ୍ରତିଷ୍ଠିତ ପର୍ଯ୍ୟଟନର ବିଶାକ ପାଇଁ ୨୩ ରାଜ୍ୟକୁ ୪୦ ପରିଯୋଜନା ଅନ୍ତର୍ଗତରେ ୩୨୯୫.୭୬ କୋଟି ଟଙ୍କା ରାଶି ମଞ୍ଜୁର କରାଯାଇଛି । ଦେଶରେ ପ୍ରତିଷ୍ଠିତ ପର୍ଯ୍ୟଟନ କେନ୍ଦ୍ରର ବ୍ୟାପକ ବିକାଶ ଏବଂ ବୈଶ୍ୱିକ ସ୍ତରରେ ଏହାର ବ୍ରାଣ୍ଡିଂ ପାଇଁ ରାଜ୍ୟଗୁଡ଼ିକୁ ୫୦ ବର୍ଷ ପାଇଁ ଦୀର୍ଘକାଳୀନ ସୁଧ ମୁକ୍ତ ଋଣ ଦିଆଯାଇଛି । ମନ୍ତ୍ରଣାଳୟ ଅନୁସାରେ, ସ୍ୱଦେଶ ଦର୍ଶନ ଯୋଜନାରେ ୫୨୮୭.୯୦ କୋଟି ଟଙ୍କାର ୭୬ ପରିଯୋଜନାକୁ ମଞ୍ଜୁରି ଦିଆଯାଇଛି । ଏଥିରୁ ୭୫ ଯୋଜନା ଶେଷ ହୋଇଛି । ଯୋଜନାର ନୂଆ ରୂପ ସ୍ୱଦେଶ ଦର୍ଶନ ୨.୦ ଅନ୍ତର୍ଗତରେ ୭୯୩.୨୦ କୋଟି ଟଙ୍କା ଖର୍ଚ୍ଚରେ ମୋଟ ୩୪ ନୂଆ ପରିଯୋଜନାକୁ ମଞ୍ଜୁର କରାଯାଇଛି । ପ୍ରସାଦ ଯୋଜନାରେ ୧୬୪୯.୯୯ କୋଟି ଟଙ୍କା ଖର୍ଚ୍ଚରେ ୪୮ ପରିଯୋଜନା ମଧ୍ୟରୁ ୨୩ଟି ସମ୍ପୂର୍ଣ୍ଣ ହୋଇଛି ।

## ୧୯୩୬ ମସିହା ପରେ ୨୦୨୫ ପ୍ରଥମ ବର୍ଗଫଳ ଆଧାରିତ ବର୍ଷ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଆଉ କିଛି ସମୟ ପରେ ବିଦାୟ ନେବ ୨୦୨୪ । ଆସିବ ଇଂରାଜୀ ନୂଆବର୍ଷ ୨୦୨୫ । ଯେତେସବୁ ନିରାଶା, ବିଫଳତା ୨୦୨୪ ସହ ହଜିଯିବ ସମୟର ଗର୍ଭରେ । ନୂଆ ଆଶା ଓ ଆକାଂକ୍ଷା ନେଇ ଆସିବ ୨୦୨୫ । ସମସ୍ତଙ୍କୁ ଚମକାଇଦେବ। ନୂତନ ସୂର୍ଯ୍ୟର ଆଭା ସଭିଙ୍କୁ ଉତ୍‌ଫୁଲ୍ଲିତ କରିବ, ନୂତନ ପ୍ରାଣ ସଞ୍ଚାର କରିବ । କିନ୍ତୁ ୨୦୨୫ ଗାଣିତିକ ସୂତ୍ର ଅନୁସାରେ ଏକ ବିସ୍ମୟ। ସଂଖ୍ୟା ଦୃଷ୍ଟିରୁ ୨୦୨୫ ଏକ ବର୍ଗଫଳ । ଅର୍ଥାତ୍ ୪୫ X ୪୫= ୨୦୨୫। ୯ର ବର୍ଗଫଳ X ୫ର ବର୍ଗଫଳ = ୨୦୨୫। ୨୦୨୫ ହେଉଛି ୩ଟି ସଂଖ୍ୟାର ବର୍ଗଫଳର ମିଶ୍ରଣ। ୪୦ର ବର୍ଗଫଳ+୨୦ର ବର୍ଗଫଳ+୫ର ବର୍ଗଫଳ=୨୦୨୫। ୧୯୩୬ ମସିହା ପରେ ୨୦୨୫ ପ୍ରଥମ ବର୍ଗଫଳ ଆଧାରିତ ବର୍ଷ । ୧ରୁ ୯ ପର୍ଯ୍ୟନ୍ତ ସଂଖ୍ୟାଗୁଡ଼ିକର ଘନଫଳର ମିଶ୍ରଣ ୨୦୨୫।

# ଭୁଶୁଡୁଛି ଲାଲ୍‌ଗଡ଼, ଅନ୍ଧବିଶ୍ୱାସ କବଳରୁ ବାହାରିପାରୁନି ସମାଜ : ହତ୍ୟା, ଦୁର୍ଘଟଣା ସହ ରାଗିଂର କଳଙ୍କ

**ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ**

ରାଗିଂ ମୁକ୍ତ ହୋଇପାରୁନାହିଁ ଉଚ୍ଚ ଶିକ୍ଷାନୁଷ୍ଠାନ । ସଚେତନତା ସତ୍ତ୍ୱେ ଗୁଣିଗାରେଡ଼ି ଭଳି ଅନ୍ଧବିଶ୍ୱାସ କବଳରୁ ବାହାରିପାରୁନି ସମାଜ । ରକ୍ତ ସଂପର୍କରେ ହତ୍ୟାକାଣ୍ଡ,ଦୁର୍ଘଟଣା ମୃତ୍ୟୁ ଆଦି ବର୍ଷତମାମ ଦେଖିବାକୁ, ଶୁଣିବାକୁ ମିଳିଥିଲା । ତେବେ ବର୍ଷ ଆରମ୍ଭରୁ କନ୍ଧମାଳରେ ମାଓଦମନ କ୍ଷେତ୍ରରେ ପୁଲିସକୁ ମିଳିଥିଲା ବହୁ ସଫଳତା। ବର୍ଷକ ମଧ୍ୟରେ ପୁଲିସ ଗୁଳିରେ ଦୁର୍ଦ୍ଦାନ୍ତ ମାଓନେତା ଦାସୁର ସମେତ ୫ ମାଓବାଦୀଙ୍କ ମୃତ୍ୟୁ ହୋଇଛି । ଫେବ୍ରୁଆରୀ ୪ ତାରିଖ ରାତିରେ ବାଲିଗୁଡ଼ା ଥାନା ଅନ୍ତର୍ଗତ ସୁଡ୍ରା ଅଞ୍ଚଳରେ ସୁରକ୍ଷା ବାହିନୀ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟରେ କେକେବିଏନ ଡିଭିଜନ ସଦସ୍ୟ ଗୁଡୁ ମଣ୍ଡାରୀ ଓରଫ ଦାସୁର ନିହତ ହୋଇଥିଲେ । ଦାସୁରଙ୍କ ବିରୋଧରେ ହତ୍ୟା, ଲୁଣ୍ଠନ ଭଳି ୨୨ରୁ ଅଧିକ ମାମଲା ଥିବା ବେଳେ ତାଙ୍କ ମୁଣ୍ଡ ଉପରେ ୫ ଲକ୍ଷ ଟଙ୍କାର ଅର୍ଥ ପୁରସ୍କାର ରହିଥିଲା । ଏପ୍ରିଲ ୨୫ରେ କନ୍ଧମାଳ ଜିଲ୍ଲା ସୀମାବର୍ତ୍ତୀ କଣ୍ଟାମାଳ ଥାନା ବରଗାଁ ପଞ୍ଚାୟତ ପାଢେଲ ଡ୍ୟାମ୍ ନିକଟରେ ସୁରକ୍ଷାକର୍ମୀ -ମାଓବାଦୀ ମୁହାଁମୁହିଁ ହୋଇ ଦୁଇ ମାଓବାଦୀ ନିହତ ହୋଇଥିଲେ । ଅକ୍ଟୋବର ୨୫ରେ ବାଲିଗୁଡ଼ା ଥାନା ଅନ୍ତର୍ଗତ ମିଡ଼ିଆକିଆ ପଞ୍ଚାୟତର ଶେଷାରୀଗାଁ ଜଙ୍ଗଲରେ ଗତ ଏସ୍ ?ଓଜି ଯବାନମାନେ କମ୍ବିଂ ଅପରେସନ ସୁରକ୍ଷା କର୍ମୀ ଓ ମାଓବାଦୀ ମୁହାଁମୁହିଁ ହୋଇଥିଲେ । ପୁଲିସ ଗୁଳିରେ ଜଣେ ମାଓବାଦୀ ନିହତ ହୋଇଥିଲେ । ପୁଲିସ ଇନଫର୍ମର ନାଁରେ ମେ ୨୭ରେ କୋଟଗଡ଼ ଥାନା ଅନ୍ତର୍ଗତ ଦୁର୍ଗାପାଙ୍ଗା ପଞ୍ଚାୟତ ବାଡ଼ିପାଙ୍ଗା ଗ୍ରାମର ଯୁବକ ମେଟାଲା ରଇତଙ୍କୁ ଘରୁ ଡାକି ନେଇ ହତ୍ୟା କରିଥିଲେ ମାଓବାଦୀ । ପରେ ମୃତଦେହ ଜଙ୍ଗଲ ରାସ୍ତାରେ ଫିଙ୍ଗି ଦେଇଥିଲେ । ରଇତ ଘରେ ଶୋଇଥିବା ସମୟରେ ୧୫/୧୬ ଜଣ ବନ୍ଧୁକଧାରୀ ଘର ଭିତରକୁ ପଶି ରଇତକୁ ଉଠାଇ ନେଇ ଜଙ୍ଗଲକୁ ଚାଲି ଯାଇଥିଲେ । ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ଅକ୍ଟୋବର ୧୭ରେ ଦୁଇ ଦିନିଆ କନ୍ଧମାଳ ଗସ୍ତରେ ଆସି ଜିଲ୍ଲାରେ ମାଓ ସ୍ଥିତି ଅନୁଧ୍ୟାନ ସହ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିଥିଲେ । ସମୀକ୍ଷା ପରେ ଜିଲ୍ଲାର ମାଓ ପ୍ରବଣ ଅଞ୍ଚଳ ଓ କ୍ୟାମ୍ପ ଗସ୍ତ କରିଥିଲେ ଡିଜିପି। ସେହି ଅକ୍ଟୋବର ମାସରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ୧୭ ଜଣ ବରିଷ୍ଠ ଛାତ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା । ସେପ୍ଟେମ୍ବର ୨୧ ରାତିରେ ନୂତନ ହଷ୍ଟେଲ୍‌ରେ ରହୁଥିବା ପ୍ରଥମ ବର୍ଷ ଛାତ୍ରଙ୍କୁ ରାଗିଂ ଅଭିଯୋଗ ସିଧାସଳଖ ୟୁଜିସି ଆଣ୍ଟି ରାଗିଂ ସେଲ୍‌ରେ ହୋଇଥିଲା। ସିସି ଫୁଟେଜକୁ ଆଧାର କରି ରାଗିଂ କରିଥିବା ଛାତ୍ରଙ୍କୁ ଚିହ୍ନଟ କରି ଜଣ ଜଣ କରି ମୌଖିକ ଭାବେ ପଚରାଉଚରା କରାଯାଇଥିଲା । ଆଣ୍ଟି ରାଗିଂ କମିଟି ଓ ଶୃଙ୍ଖଳା କମିଟି ନିଷ୍ପତ୍ତି ପ୍ରକାରେ ୪ଟି ବିଭାଗର ଜଣେ ଲେଖାଏଁ ଦ୍ୱିତୀୟ ବର୍ଷ ଛାତ୍ରଙ୍କୁ ସପ୍ତାହକ ମଧ୍ୟରେ ହଷ୍ଟେଲ ଖାଲି କରିବାକୁ ନିର୍ଦ୍ଦେଶ ହୋଇଥିଲା । ଅନ୍ୟ ୧୩ ଜଣ ଛାତ୍ରଙ୍କୁ ୧ ହଜାର ଟଙ୍କା ଲେଖାଏଁ ଜରିମାନା ହୋଇଥିଲା ।

# ଭାରତରେ ଧଡ଼ାଧଡ଼ ପ୍ରବେଶ କରୁଛନ୍ତି ଚୀନ୍ କମ୍ପାନୀ

**ନୂଆଦିଲ୍ଲୀ,**

ଚାଇନା କମ୍ପାନୀଗୁଡିକ ଭାରତରେ ପ୍ରବେଶ କରିବାର ଉପାୟ ଖୋଜୁଛନ୍ତି। ଏଥିରେ ଫ୍ୟାଶନ ବ୍ରାଣ୍ଡ ଏବଂ ଇଭି ଏବଂ ଟେଲିଭିଜନ ଉତ୍ପାଦନରେ ଜଡ଼ିତ ବଡ କମ୍ପାନୀ ଅନ୍ତର୍ଭୁକ୍ତ। କିନ୍ତୁ ଚାଇନାର କମ୍ପାନୀଗୁଡିକ ସିଧାସଳଖ ପ୍ରବେଶ ନକରିବାରୁ ସେମାନେ ଭାରତୀୟ କମ୍ପାନୀ ମାଧ୍ୟମରେ ଭାରତରେ ବ୍ୟବସାୟ କରିବାକୁ ବାଧ୍ୟ ହେଉଛନ୍ତି। ଅନେକ କମ୍ପାନୀ ସେମାନଙ୍କର ବ୍ୟବସାୟ ମଧ୍ୟ ଆରମ୍ଭ କରିଥିବାବେଳେ କେତେକ ସେମାନଙ୍କ ବ୍ୟବସାୟକୁ ବିସ୍ତାର କରିବାକୁ ଭାରତୀୟ ଅଂଶୀଦାର ଖୋଜୁଛନ୍ତି। ଚୀନ୍ କମ୍ପାନୀଗୁଡିକ ବର୍ତ୍ତମାନ ମୁକେଶ ଅମ୍ବାନୀଙ୍କ ରିଲାଏନ୍ସ ରିଟେଲ, ଏପ୍ୟାକ୍ ଡୁରେବଲ୍ସ, ଡିକ୍ସନ୍ ଟେକ୍ନୋଲୋଜି ଭଳି କମ୍ପାନୀ ସହିତ ଭାରତରେ ବ୍ୟବସାୟ କରୁଛନ୍ତି। ଏକ ପ୍ରସିଦ୍ଧ ପୋଷାକ ବ୍ରାଣ୍ଡ ଯାହା ଏକଦା ମହିଳାମାନଙ୍କ ପାଇଁ ଗୋଟିଏ ଷ୍ଟପ୍ ମାର୍ଟ ଥିଲା, ସେ ମଧ୍ୟ ମୁକେଶ ଅମ୍ବାନୀଙ୍କ ରିଲାଏନ୍ସ ରିଟେଲର ସହଯୋଗରେ କାମ କରିବା ଆରମ୍ଭ କରିଛନ୍ତି। ଆମେ ଚାଇନାର ଅଗ୍ରଣୀ ଫ୍ୟାଶନ ବ୍ରାଣ୍ଡ ସିଏନ୍ ବିଷୟରେ କହୁଛୁ। ଶିଏନ୍ ଏବେ ପୁଣି ଭାରତ ଫେରିଛି। ମୁକେଶ ଅମ୍ବାନୀଙ୍କ ରିଲାଏନ୍ସ ରିଟେଲରୁ ଏହା ଏହାର ବ୍ୟବସାୟ ଆରମ୍ଭ କରିଛି। ସୂଚନାଥାଉକି, ରିଲାଏନ୍ସ ରିଟେଲ ଶିଏନ୍‌ର ବ୍ୟାକେଣ୍ଡ ଟେଷ୍ଟ ଲଞ୍ଚ ଆରମ୍ଭ କରିଛି। ଏହା ରିଲାଏନ୍ସର ଫ୍ୟାଶନ୍ ଏବଂ ଜୀବନଶୈଳୀ ପ୍ଲାଟଫର୍ମ ଆଜିଓ ସହିତ ଆରମ୍ଭ ହୋଇଥିଲା। ଇକୋନୋମିକ୍ ଟାଇମ୍ସର ରିପୋର୍ଟ ଅନୁଯାୟୀ, ରିଲାଏନ୍ସ ରିଟେଲର ପ୍ଲାଟଫର୍ମ ଆଜିଓରେ ମହିଳାଙ୍କ ପାଇଁ କାଜୁଆଲ୍ ଏବଂ ପାଶ୍ଚାତ୍ୟ ପୋଷାକର ଟେଷ୍ଟ ଏବଂ କାଟାଲଗ୍ କରିବା ଆରମ୍ଭ କରିଛି। ରିଲାଏନ୍ସ ରିଟେଲ ଭେଞ୍ଚର୍ସ ଲିମିଟେଡ୍ ଗତ ବର୍ଷ ଶେନ୍‌ଙ୍କ ସହ ସହଭାଗୀ ହୋଇଥିଲା। ଯାହାଫଳରେ ଏହା ଭାରତରେ ଏହାର ଫାଷ୍ଟ ଫ୍ୟାଶନ ପରିସରକୁ ନିଜ ପ୍ଲାଟଫର୍ମରେ ବିକ୍ରି କରିପାରିବ। ଚାଇନାର ସର୍ବବୃହତ ଟେଲିଭିଜନ ଉତ୍ପାଦନକାରୀ କମ୍ପାନୀ ହିସେନ୍ସ ଟିଭି ପାର୍ଟସ ତିଆରି କରେ। ବର୍ତ୍ତମାନ ଏହା ଭାରତ ଉପରେ ଦୃଷ୍ଟି ରଖିଛି। କମ୍ପାନୀ ଭାରତରେ ପ୍ରବେଶ କରିବା ପାଇଁ ଭାରତୀୟ କମ୍ପାନୀ ଏପ୍ୟାକ୍ ଡୁରେବଲ୍ ସହିତ କାମ କରିବାକୁ ଚିନ୍ତା କରୁଛି। କମ୍ପାନୀ ଆନ୍ଧ୍ରପ୍ରଦେଶର ଶ୍ରୀ ସିଟିରେ ଏକ ବୃହତ ଉତ୍ପାଦନ ସୁବିଧା ନିର୍ମାଣ କରୁଛି ଯେଉଁଠାରେ ହିସେନ୍ସ ବ୍ରାଣ୍ଡ ଅଧୀନରେ ଏସି, ରେଫ୍ରିଜରେଟର, ୱାଶିଂ ମେସିନ୍ ଏବଂ ଛୋଟ ଘରୋଇ ଉପକରଣ ତିଆରି ହେବ। ଚାଇନାର ସ୍ମାର୍ଟଫୋନ୍ କମ୍ପାନୀ ଭିଭୋ ମଧ୍ୟ ଏକ ଭାରତୀୟ କମ୍ପାନୀ ସହଯୋଗରେ ଏହାର ବ୍ୟବସାୟକୁ ବିସ୍ତାର କରୁଛି। ସମ୍ପ୍ରତି ଏହି କମ୍ପାନୀ ଭାରତୀୟ କମ୍ପାନୀ ଡିକ୍ସନ୍ ଟେକ୍ନୋଲୋଜିର ସହଯୋଗରେ ଏକ ନୂତନ କମ୍ପାନୀ ଗଠନ କରିଛି। ଏହା ଅଧୀନରେ ଭିଭୋ କେବଳ ଭାରତରେ ସ୍ମାର୍ଟଫୋନ୍ ତିଆରି କରିବ ନାହିଁ ବରଂ ଅନ୍ୟ କମ୍ପାନୀଗୁଡିକ ପାଇଁ ସ୍ମାର୍ଟଫୋନ୍ ତିଆରି କରିବାରେ ମଧ୍ୟ କାର୍ଯ୍ୟ କରିବ। ୨୦୨୦ ରେ ସୀମା ବିବାଦ ପରେ ଦୁଇ ଦେଶ ମଧ୍ୟରେ ବ୍ୟବସାୟିକ ସମ୍ପର୍କ ଖରାପ ହୋଇଯାଇଥିଲା। କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଭାରତ ଅନେକ ଚାଇନିଜ୍ କମ୍ପାନୀ ଏବଂ ଆପ୍ ଉପରେ ମଧ୍ୟ ପ୍ରତିବନ୍ଧକ ଲଗାଇଥିଲା। କିନ୍ତୁ ବର୍ତ୍ତମାନ ପରିସ୍ଥିତି ସମ୍ପୂର୍ଣ୍ଣ ଅଲଗା। ଭାରତ ଏବଂ ଚୀନ୍ ମଧ୍ୟରେ ବାଣିଜ୍ୟ ଏତେ ବୃଦ୍ଧି ପାଇଛି ଯେ ଭାରତ ଆମେରିକାକୁ ମଧ୍ୟ ପଛରେ ପକାଇ ଦେଇଛି। ଯଦି ଆମେ ଏହି ଆକଳନକୁ ଦେଖିବା, ୨୦୨୩-୨୪ ଆର୍ଥିକ ବର୍ଷରେ ଚୀନ୍ ସହିତ ଭାରତର ଆମଦାନୀ ୧୦୦ ବିଲିୟନ ଡଲାରରୁ ଅଧିକ ଥିଲା। ୨୦୨୩-୨୪ ଆର୍ଥିକ ବର୍ଷରେ ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ୧୧୮.୪ ବିଲିୟନ ଡ଼ଲାରରେ ପହଞ୍ଚିଛି।

# ଭାରତର ୭୩ ହଜାର ଷ୍ଟାର୍ଟଅପରେ ଅଛନ୍ତି ମହିଳା ନିର୍ଦ୍ଦେଶକ: କେନ୍ଦ୍ର ସରକାର

**ନୂଆଦିଲ୍ଲୀ,**

ଷ୍ଟାର୍ଟଅପ ଇଣ୍ଡିଆ ସ୍ୱୀକୃତି ପ୍ରାପ୍ତ ଭାରତରେ ୭୩ ହଜାର ଷ୍ଟାର୍ଟଅପ୍ (ଉଦ୍ୟୋଗ) ରହିଛି, ଯେଉଁଥିରେ ଅତି କମ୍‌ରେ ଜଣେ ମହିଳା ନିର୍ଦ୍ଦେଶକ ରହିଛନ୍ତି ବୋଲି ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟ କହିଛି। ମନ୍ତ୍ରଣାଳୟ କହିଛି ଯେ ଗତ ଦଶନ୍ଧି ମଧ୍ୟରେ ଭାରତରେ ଉଦ୍ୟୋଗୀ ମନୋଭାବରେ ବ୍ୟାପକ ପରିବର୍ତ୍ତନ ଆସିଛି। ବେଙ୍ଗାଲୁରୁ, ହାଇଦ୍ରାବାଦ, ମୁମ୍ବାଇ, ଏବଂ ଦିଲ୍ଲୀ-ଏନସିଆର ଭଳି ସହରଗୁଡ଼ିକ ନବସୃଜନ(ଇନୋଭେସନ)ର କେନ୍ଦ୍ର ପାଲଟିଛି। ସୁଲଭ ଇଣ୍ଟରନେଟର ବ୍ୟାପକ ଉପଲବ୍ଧତା, ଏକ ଯୁବ ତଥା ଦକ୍ଷ କର୍ମଜୀବୀ ଯୋଗୁ ବିଭିନ୍ନ କ୍ଷେତ୍ରରେ ଷ୍ଟାର୍ଟଅପ୍ ହୋଇଛି। ଫିଣ୍ଟେକ୍, ଏଡେଟେକ୍, ସ୍ୱାସ୍ଥ୍ୟ-ବୈଷୟିକ ଜ୍ଞାନକ କୌଶଳ ଏବଂ ଇ-ବାଣିଜ୍ୟ ସମେତ ବିଭିନ୍ନ କ୍ଷେତ୍ରରେ ଷ୍ଟାର୍ଟଅପ୍ ବୃଦ୍ଧିରେ ସହାୟକ ହୋଇଛି ବୋଲି ମନ୍ତ୍ରଣାଳୟ କହିଛି। ଷ୍ଟାର୍ଟଅପ୍ ଇଣ୍ଡିଆର 'ଇଣ୍ଡିଆନ୍ ଷ୍ଟାର୍ଟଅପ୍ ଇକୋସିଷ୍ଟମ୍ ରିପୋର୍ଟ' ଅନୁଯାୟୀ, ସ୍ଥାନୀୟ ତଥା ବିଶ୍ୱ ସ୍ତରୀୟ ସମସ୍ୟାର ସମାଧାନ ପାଇଁ ଭାରତର ଷ୍ଟାର୍ଟଅପ୍ କୃତ୍ରିମ ବୁଦ୍ଧିମତା (ଇଓ), ବ୍ଲକ୍ ଚେନ୍ ଏବଂ ଆଇଓଟି ଭଳି ଉଦୀୟମାନ ପ୍ରଯୁକ୍ତିବିଦ୍ୟାକୁ ବ୍ୟବହାର କରି କାମ କରିଛି। ବେଙ୍ଗାଲୁରୁ, ହାଇଦ୍ରାବାଦ, ମୁମ୍ବାଇ ଏବଂ ଦିଲ୍ଲୀ-ଏନସିଆରରେ ଇନୋଭେସନ୍ ହବ୍ରେ ପରିଣତ ହୋଇଛି। ଉପଲବ୍ଧ ସୁଲଭ ଇଣ୍ଟରନେଟ୍ ଏବଂ ଯୁବ କର୍ମବଳ ଯୋଗୁ ଫିଣ୍ଟେକ୍, ଏଡେଟେକ୍, ସ୍ୱାସ୍ଥ୍ୟ-ବୈଷୟିକ ଜ୍ଞାନକୌଶଳ ଏବଂ ଇ-ବାଣିଜ୍ୟ ସହିତ ବିଭିନ୍ନ କ୍ଷେତ୍ରରେ ଷ୍ଟାର୍ଟଅପ୍ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିଛି। ଷ୍ଟାର୍ଟଅପ୍ ପ୍ରୋତ୍ସାହନ ପାଇଁ ଭାରତ ସରକାର ବିଭିନ୍ନ ପଦକ୍ଷେପ ନେଇଛନ୍ତି। ବିଶେଷ କରି ୨୦୧୬ରେ ଆରମ୍ଭ ହୋଇଥିବା ଷ୍ଟାର୍ଟଅପ୍ ଇଣ୍ଡିଆ କାର୍ଯ୍ୟକ୍ରମ ପ୍ରମୁଖ। ୨୫ ଡିସେମ୍ବର ୨୦୨୪ ସୁଦ୍ଧା, ଡିପିଆଇଆଇଟି ୧୫୭,୦୬୬ ଷ୍ଟାର୍ଟଅପ୍ ମାନ୍ୟତା ଦେଇଛି, ଯେଉଁଥିରେ ୭୫୯,୩୦୩ ଉପଭୋକ୍ତା ପୋର୍ଟାଲରେ ପଞ୍ଜୀକୃତ ହୋଇଛନ୍ତି।

# ମଦ ପିଇବାରେ ଓଡ଼ିଶା ଆଗୁଆ : ଜାନୁଆରୀରୁ ବଢ଼ିବ ବିୟର ଦର

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସେପ୍ଟେମ୍ବର ମାସରେ ବିୟର ବୋତଲ/କେନ୍ ପିଛା ୧୦ ଟଙ୍କା ବଢ଼ିଥିଲା । ତିନି ମାସ ପୂରିନାହିଁ ମଦ୍ୟପଙ୍କ ପକେଟରୁ ଟଙ୍କା ଟାଣିବାକୁ ସରକାର ପୁଣି ଯୋଜନା କରିଛନ୍ତି । ଜାନୁଆରୀ ମାସରୁ ବିୟର ପିଛା ପୁଣି ୧୦ ଟଙ୍କା ବଢ଼ାଇବେ । ସବୁଠାରୁ ଗୁରୁତର କଥା ହେଉଛି ଡିପୋରେ ଗଚ୍ଛିତ ଥିବା ବିୟର ମାର୍କେଟକୁ ନ ଛାଡ଼ି ଦର ବଢ଼ିବା ଯାଏଁ ଚାପିଦେବା ଚକରରେ ସରକାର ନିଜେ ସାମିଲ ବୋଲି ଅଭିଯୋଗ ହୋଇଛି । ଯାହା ଖବର ମିଳିଛି ମଦ ନିଗମ ପାଖରେ ୯ ଲକ୍ଷ ପେଟି ବିୟର ଗଚ୍ଛିତ ଅଛି। ଦର ବଢ଼ିଲେ ଏଥିରୁ ଅତି କମ୍‌ରେ ସରକାର ପାଖାପାଖି ୯୦ କୋଟି ଟଙ୍କା ଅଧିକ ରାଜସ୍ୱ ପାଇବେ । ଏପଟେ କିନ୍ତୁ ଦୋକାନୀ ଏମ୍‌ଜିକ୍ୟୁ ଭରିବା ପାଇଁ ଆଣ୍ଠୁଗଣ୍ଠି ଛିଣ୍ଡେଇଲେ ବି ତାଙ୍କୁ ମାଲ ମିଳୁନି । ରାଜ୍ୟରେ ଦିନକୁ ଦିନ ବିୟରର ଚାହିଦା ବଢ଼ିବାରେ ଲାଗିଛି । ସରକାର ୧୫ ପ୍ରକାର ବିୟର ବିକ୍ରି କରୁଛନ୍ତି । ସେଥିରୁ କିଙ୍ଗଫିସ୍‌ର, ବଡ୍‌ଭାଇଜର ଓ ମହାରାଣୀ ଗ୍ରାହକଙ୍କ ପ୍ରଥମ ପସନ୍ଦ। ଏହି ୩ଟି ବ୍ରାଣ୍ଡ ୮୫% ବିକ୍ରି ହେଉଥିବା ବେଳେ ବାକି ବିୟର ୧୫% ବିକ୍ରି ହେଉଛି । ବିଦେଶୀ ମଦ ଅପେକ୍ଷ ବିୟର ବିକ୍ରି ଅଧିକ ହେଉଥିବାରୁ ବିୟର ବୋତଲ ଓ କେନ୍ ପିଛା ୧୦ ଟଙ୍କା ବଢ଼ାଇବାକୁ ଅବକାରୀ ବିଭାଗ ନିଷ୍ପତ୍ତି ନେଇଛି। ଗତ ସେପ୍ଟେମ୍ବର ମାସରେ ବିୟର ସିନା ୧୦ ଟଙ୍କା ବଢ଼ାଇଲେ, ହେଲେ ବୋତଲ ଓ କେନ୍‌ରେ ପୁରୁଣା ଦାମ୍ ରହିଥିଲା। ଏବେବି କିଛି ଦୋକାନରେ ପୁରୁଣା ଦାମ୍ ଲେଖାଥିବା ବିୟର ମିଳୁଛି । ଦାମ୍ ଦେଖି ବିୟର କିଣୁଥିବା ଗ୍ରାହକଙ୍କୁ ଅଧିକ ୧୦ ଟଙ୍କା ମାଗୁଥିବା ଦୋକାନୀ ପାଇଁ ବିଭିନ୍ନ ସମୟରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି। ଜାନୁଆରୀ ମାସରେ ପୁଣି



୧୦ ଟଙ୍କା ବଢ଼ାଇବେ । ଗ୍ରାମାଞ୍ଚଳରେ ଯଦି କୌଣସି ଦୋକାନୀ ପାଖରେ ପୁରୁଣା ମାଲ୍ ଥିବ, ସେଥିରେ ଥିବା ଏମ୍‌ଆରପିରୁ ଦୋକାନୀ ୨୦ ଟଙ୍କା ଅଧିକ ମାଗିବ । ଏଭଳି ସ୍ଥିତିରେ ଗ୍ରାହକ ଓ ଦୋକାନୀଙ୍କ ମଧ୍ୟରେ ଯାହା ଘଟିବ ତାହା ଜଳଜଳ ଦେଖା ଯାଉଛି । ୨୦୨୩ ମସିହରେ ଜିରୋ ନାଇଟ୍ ପାଇଁ ୬୦ କୋଟି ଟଙ୍କାର ମଦ ବିକ୍ରି ହୋଇଥିଲା । ଦୋକାନୀମାନେ ନିଜର ଏମ୍‌ଜିକ୍ୟୁ ପୂରଣ ପାଇଁ ଏହି ସମୟକୁ ଅପେକ୍ଷା କରିଥାନ୍ତି । ଗ୍ରାହକ ଯେଉଁ ୩ କମ୍ପାନୀ ବିୟର ଡିମାଣ୍ଡ କରୁଛନ୍ତି ତାହା ଯୋଗାଇ ପାରୁ ନାହାନ୍ତି ଦୋକାନୀ । ଲୋକଙ୍କ ଚାହିଦା ଥିବା ବିୟର ଓଡ଼ିଶା ପାନୀୟ ନିଗମ (ଓଡ଼ିଶା ଷ୍ଟେଟ୍ ବିଭରେଜ୍ କର୍ପୋରେସନ ଲିମିଟେଡ୍) ପାଖରେ ଗଚ୍ଛିତ ଥିବା କଥା ବରିଷ୍ଠ ଅଧିକାରୀମାନେ ମାନିଛନ୍ତି । ହେଲେ ସେ ସବୁ ବିୟର ଦୋକାନୀମାନଙ୍କୁ ଦେଉନାହିଁ ପାନୀୟ ନିଗମ । ଯଦି କୌଣସି ଦୋକାନୀ ଡିପୋରେ କିଙ୍ଗଫିସ୍‌ର, ବଡ୍‌ଭାଇଜର ଓ ମହାରାଣୀ ବିୟର ଅର୍ଡର କରୁଛି ତା'ହେଲେ ବରିଷ୍ଠ ଅଧିକାରୀମାନେ ଡିପୋରେ ମାଲ୍ ନଥିବା କଥା କହୁଛନ୍ତି । ବଡ଼ କଥା ହେଲା ଡିପୋରେ ବିୟର ନଥିବା କଥା କାଲେ ଦୋକାନୀମାନେ କେଉଁଠି ଅଭିଯୋଗ କରିବେ ସେଥିପାଇଁ ପାନୀୟ ନିଗମର ଅଧିକାରୀମାନେ ଏକ ଅଣ୍ଡରଟେକିଂ ଲେଖାଇ ନେଉଛନ୍ତି । ସେ ଅଣ୍ଡରଟେକିଂରେ ଦୋକାନୀମାନେ ଉଲ୍ଲେଖ କରୁଛନ୍ତି ଆମର ଉକ୍ତ ୩ଟି କମ୍ପାନୀର ବିୟରର ଆବଶ୍ୟକତା ନାହିଁ । ପାନୀୟ ନିଗମ ଏମିତି ଢଙ୍ଗରେ ଆଉ ଚାରି ଦିନ ଯଦି ଜଗିଦେବେ ତା'ହେଲେ ଜାନୁଆରୀ ଠାରୁ ବୋତଲ ପିଛା ଅଧିକ ୧୦ ଟଙ୍କା ମିଳିବ । ୨୦୨୩ ଡିସେମ୍ବର ୩୦ରେ ପାନୀୟ ନିଗମ ଅଧୀନରେ ଥିବା ୯ଟି ସରକାରୀ ଡିପାରୁ ଉଠିଥିଲା ୧୧ ଲକ୍ଷ ଲିଟର ମଦ । ଯାହାର ମୂଲ୍ୟ ଥିଲା ୬୦ କୋଟି ୭୩ ଲକ୍ଷ ଟଙ୍କା । ରାଜ୍ୟର ପ୍ରାୟ ୨ ହଜାର ରିଟେଲ ଆଉଟଲେଟରେ ଏହା ବିକ୍ରି ହୋଇଥିଲା । ଏଥିରେ ବିୟର ଥିଲା ୪୦ କୋଟି ଟଙ୍କାର ।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୩୧ ଡିସେମ୍ବର ୨୦୨୪ ମଙ୍ଗଳବାର



# ସ୍ମୃତିରେ ୨୦୨୪ ...

ଆଉ ମାତ୍ର ଗୋଟିଏ ଦିନ ପରେ ବିଦାୟ ନେବ ୨୦୨୪ । ଆସିଯିବ ନୂଆ ବର୍ଷ ୨୦୨୫ । ଯାହା ଯାହା ଘଟିଗଲା ୨୦୨୪ରେ ତାହା ଏବେ ସ୍ମୃତି ପାଲଟିବାକୁ ଯାଉଛି । ଏମିତି ୨୦୨୪ ଛାଡ଼ିଯାଇଛି ଆମ ପାଇଁ କେତେ ଗୁଡ଼ିଏ ସ୍ମୃତି ଯାହା ସବୁଦିନ ପାଇଁ ଆମର ମନେ ରହିବ । ଓଡ଼ିଶା ରାଜନୀତିରେ ସବୁଠାରୁ ବଡ଼ ପରିବର୍ତ୍ତନ ଘଟିଛି ୨୦୨୪ରେ । ୨୪ ବର୍ଷ ଧରି କ୍ଷମତାରେ ରହିଥିବା ବିଜେଡ଼ି ଠାରୁ ୨୦୨୪ କ୍ଷମତା ଚୌକି ଛଡ଼ାଇ ନେଇଛି । କେବଳ ସେତିକି ନୁହେଁ, ୨୦୨୪ ପ୍ରାରମ୍ଭରେ ଓଡ଼ିଶାବାସୀଙ୍କ ନିକଟରେ ଅପରିଚିତ ଥିବା ମୋହନଚରଣ ମାଝୀଙ୍କ ମୁଣ୍ଡରେ ବିଜେପି ସୁନାକଳସ ଢାଳିଛି । ନବୀନ ବସିଥିବା ମୁଖ୍ୟମନ୍ତ୍ରୀ ଚୌକିରେ ୨୦୨୪ରେ ବସିଲେ ମୋହନ । ଏହା ସହ ଏହି ବର୍ଷ ମନୋରଞ୍ଜନ, ଚିକିତ୍ସା, ଶିକ୍ଷା, ସଂସ୍କୃତି, ବିଜ୍ଞାନ ପ୍ରଭୃତି ସମସ୍ତ କ୍ଷେତ୍ରରେ କିଛି ନା କିଛି ସଫଳତା ହାସଲ କରି ୨୦୨୪କୁ ସ୍ୱତନ୍ତ୍ର କରିଛି, ମହିମାନ୍ୱିତ କରିଛି । ଏହା ସହ ଆମେ ହରାଇଛେ ମଧ କିଛି ପ୍ରିୟଜନଙ୍କୁ । ନୂଆବର୍ଷକୁ ସ୍ୱାଗତ କରିବା ପୂର୍ବରୁ ଆସନ୍ତୁ ଆଉ ଥରେ ମନେପକାଇବା ବିଦାୟୀ ବର୍ଷ ୨୦୨୪ର କିଛି ଘଟଣାବଳୀକୁ ।

## ୨୪ ଛଡ଼ାଇ ନେଲା ୨୪ବର୍ଷର କ୍ଷମତା:ବଦଳିଲା ସରକାର

୨୦୨୪ରେ ରାଜ୍ୟ ରାଜନୀତି ପୁରା ଓଲଟପାଲଟ ହୋଇଯାଇଛି । ଜନମତ ପରିବର୍ତ୍ତନ ହୋଇଛି । ୨୪ ବର୍ଷ ଧରି କ୍ଷମତାରେ ରହିଥିବା ବିଜେଡ଼ି ଠାରୁ ୨୦୨୪ କ୍ଷମତାର ଚୌକି ଛଡ଼ାଇ ନେଇଛି । କେବଳ ସେତିକି ନୁହେଁ, ୨୦୨୪ ପ୍ରାରମ୍ଭରେ ଓଡ଼ିଶାବାସୀଙ୍କ ନିକଟରେ ଅପରିଚିତ ଥିବା ମୋହନଚରଣ ମାଝୀଙ୍କ ମୁଣ୍ଡରେ ବିଜେପି ସୁନାକଳସ ଢାଳିଛି । ନବୀନ ବସିଥିବା ମୁଖ୍ୟମନ୍ତ୍ରୀ ଚୌକିରେ ୨୦୨୪ରେ ବସିଲେ ମୋହନ । ଜୁନ ୧୨ରେ ମୋହନ ମାଝୀ ମୁଖ୍ୟମନ୍ତ୍ରୀ ହିସାବରେ ଦାୟିତ୍ୱ ଗ୍ରହଣ କରି ଓଡ଼ିଶାର ଶାସନ ଭାର ସମ୍ଭାଳିଲେ । ଏବେ ରାଜ୍ୟର ବିକାଶ ପାଇଁ ଶତତ ଚେଷ୍ଟିତ ମୋହନ ସରକାର ।

### ମୋହନଙ୍କ ଦୁଇ ଉପମୁଖ୍ୟମନ୍ତ୍ରୀ



ଜୁନ୍ ୧୨ରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ମୋହନ ଚରଣ ମାଝୀ ଦାୟିତ୍ୱ ଗ୍ରହଣ କରିଥିଲେ । ଜନତା ମଇଦାନରେ ଆୟୋଜିତ ଭବ୍ୟ ସମାବେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବିଜେପି ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ସହିତ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମଧ ଉପସ୍ଥିତ ଥିଲେ । ମୋହନଙ୍କ ଦୁଇ ଡେପୁଟି କନକବର୍ଦ୍ଧନ ସିଂହଦେଓ ଏବଂ ପ୍ରଭାତୀ ପରିଡ଼ା ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ । ପ୍ରଥମଥର ବିଧାୟକ ଭାବେ ନିର୍ବାଚିତ ହୋଇ ଉପମୁଖ୍ୟମନ୍ତ୍ରୀ ହେବାରେ ପ୍ରଭାତୀ ରାଜ୍ୟରେ ପ୍ରଥମ । ମୋହନଙ୍କ ମନ୍ତ୍ରୀମଣ୍ଡଳରେ ଦୁଇ ଉପମୁଖ୍ୟମନ୍ତ୍ରୀଙ୍କ ସହିତ ମୋଟ ୧୬ ଜଣ ମନ୍ତ୍ରୀ କାର୍ଯ୍ୟଭାର ଗ୍ରହଣ କରିଥିଲେ ।

### ବିରୋଧୀ ଆସନରେ ନବୀନ



୨୦୨୪ କାହା ସ୍ମୃତିରେ ରହୁ କି ନରହୁ ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକ କିନ୍ତୁ ଭୁଲି ପାରିବେ ନାହିଁ । ୨୪ ବର୍ଷ ଧରି ନିରଙ୍କୁଶ କ୍ଷମତା ଉପଭୋଗ କରୁଥିବା ନବୀନ ବାବୁଙ୍କ ଠାରୁ ୨୦୨୪ ସାଧାରଣ ନିର୍ବାଚନ କ୍ଷମତା ଚୌକି ଛଡାଇ ନେଇଥିଲା । ଦଳ ଗଠନ ହେବାଠାରୁ ଦୀର୍ଘ ୨୪ ବର୍ଷ ଧରି ରାଜ୍ୟର ମୁଖ୍ୟମନ୍ତ୍ରୀ ପଦରେ ରହିଥିବା ନବୀନ ୨୦୨୪ ନିର୍ବାଚନରେ କ୍ଷମତାଚ୍ୟୁତ ହୋଇଥିଲେ । ମୁଖ୍ୟମନ୍ତ୍ରୀ ପଦରୁ ହଟିବା ପରେ ବିରୋଧୀ ଦଳ ନେତା ହୋଇଥିଲେ ନବୀନ ।

## ଭାରତ-କାନାଡ଼ା ତିକ୍ତତା

ବର୍ଷସାରା କୂଟନୈତିକ ବିବାଦରେ ମାତିଥିଲେ ଭାରତ-କାନାଡ଼ା । ୨୦୨୩ ଶେଷ ବେଳକୁ ଆରମ୍ଭ ହୋଇଥିବା ବିବାଦ ୨୦୨୪ରେ ଅଧିକ ବୃଦ୍ଧି ପାଇଥିଲା । କାନାଡାରେ ଖଲିସ୍ତାନୀ ଆତଙ୍କବାଦୀ ହରଦୀପ ସିଂ ନିଜ୍ଜାର ହତ୍ୟାରେ ଭାରତୀୟ ଏଜେଣ୍ଟଙ୍କ ହାତ ଥିବା କାନାଡ଼ା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ ଅଭିଯୋଗ ଆଣିଥିଲେ । ଏହାକୁ ନେଇ ବିବାଦ ବଢ଼ିବା ପରେ କାନାଡ଼ା ଭାରତୀୟ ଉଚ୍ଚାୟୁକ୍ତ ସଞ୍ଜୟ କୁମାର ବର୍ମାଙ୍କ ସମେତ ଆଉ ୫ କୂଟନୀତିଜ୍ଞଙ୍କୁ ବରଖାସ୍ତ କରିଥିଲା । ଜବାବରେ ଭାରତ ବି କାନାଡ଼ାର ୬ କୂଟନୀତିଜ୍ଞଙ୍କୁ ବହିଷ୍କାର କରିଥିଲା । ଏପରିକି ଭାରତୀୟଙ୍କ କାନାଡ଼ା ଯାତ୍ରା ପାଇଁ ଭାରତ ସରକାର ମାର୍ଗଦର୍ଶିକା ଜାରି କରିଥିଲେ । ସେଠାରେ ଭାରତୀୟଙ୍କ ଉପରେ ବିପଦ ଥିବା ଏବଂ ସେମାନଙ୍କୁ ଟାର୍ଗେଟ୍ କରାଯାଇପାରେ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଥିଲା । ସେପ୍ଟେମ୍ବରରେ ଭାରତ କାନାଡ଼ାରେ ଭିସା ସର୍ଭିସ୍ ବାତିଲ୍ କରିଥିଲା । ଏହାପରେ ଆମେରିକା ମଧ୍ୟ ଅନୁରୂପ ଅଭିଯୋଗ ଆଣିଥିଲା । ବିକାଶ ଯାଦବ ନାମକ ଜଣେ ପୂର୍ବତନର ଅଧିକାରୀ ଖଲିସ୍ତାନୀ ଆତଙ୍କବାଦୀ ଗୁରୁପତ୍‌ୱନ୍ତ ପନ୍ନୁକୁ ହତ୍ୟା କରିବା ଲାଗି ଯୋଜନା କରିଥିଲେ ବୋଲି ଆମେରିକା କହିଥଲା ।

## ଓଡ଼ିଶାରୁ ୪ ଜଣଙ୍କୁ ପଦ୍ମ ସମ୍ମାନ



୨୦୨୪ ବର୍ଷରେ ଓଡ଼ିଶାର ୪ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ପଦ୍ମ ସମ୍ମାନରେ ସମ୍ମାନିତ କରାଯାଇଛି । ସେମାନେ ହେଲେ ଗୋପୀନାଥ ସ୍ୱାଇଁ, ବିନୋଦ ମହାରଣା, ଭଗବତ ପ୍ରଧାନ ଏବଂ ବିନୋଦ କୁମାର ପଶାୟତ । ଏମାନଙ୍କୁ ଗୃହ ମନ୍ତ୍ରଣାଳୟ ପକ୍ଷରୁ ସର୍ବୋଚ୍ଚ ନାଗରିକ ସମ୍ମାନ ପ୍ରଦାନ କରାଯାଇଛି ।



## ହକିରେ ଓଡ଼ିଶାକୁ ଐତିହାସିକ ସଫଳତା

ଚେନ୍ନାଇରେ ଆୟୋଜିତ ୧୪ତମ ଇଣ୍ଡିଆ ଜାତୀୟ ସିନିୟର ଚମ୍ପିଅନ୍‌ସିପ୍‌ରେ ଓଡ଼ିଶାକୁ ଐତିହାସିକ ସଫଳତା ମିଳିଥିଲା । ଓଡ଼ିଶା ପୁରୁଷ ହକି ଟିମ୍ ଫାଇନାଲ୍‌ରେ ଦୁଇ ଥରର ଚମ୍ପିଅନ୍ ହରିଆଣାକୁ ୫-୧ ଗୋଲରେ ପରାସ୍ତ କରିଥିଲା ।

## ଅପବାଦ ଦେଲା ବଳଭଦ୍ରଙ୍କ ପହଣ୍ଡିରେ ଅଘଟଣ

ଚାରି ଦ୍ୱାର ଖୋଲି ରାଜନୈତିକ ଫାଇଦା ନେବାକୁ ବିଜେପି ଜୋର୍‌ଦାର୍ ପ୍ରଚାର କରିଥିଲା । କିନ୍ତୁ ସେହି ଖୁସି ବେଶୀ ଦିନ ରହିଲା ନାହିଁ । ରଥଯାତ୍ରାରେ ଏମିତି ଅଭାବନୀୟ ଘଟଣା ଘଟିଲା, ଯାହା କି ଶ୍ରଦ୍ଧାଳୁମାନଙ୍କୁ ଭୀଷଣ ଆଘାତ ଦେଲା । ଶ୍ରୀଗୁଣ୍ଡିଚା ମନ୍ଦିରରେ ବଡ଼ ଠାକୁର ଶ୍ରୀବଳଭଦ୍ର ଆଡ଼ପମଣ୍ଡପକୁ ବିଜେ ପାଇଁ ପହଣ୍ଡିରେ ଯାଉଥିଲା ବେଳେ ରଥ ଉପରୁ ଖସି ମୁହଁ ମାଡ଼ି ହୋଇ ଚରମାଳ ଉପରେ ପଡ଼ିଥିଲେ । କିଛି ସେବାୟତଙ୍କ ବିଶୃଙ୍ଖଳିତ ଆଚରଣ ଓ ରଥ ଉପରକୁ ଅଣସେବକ ଚଢ଼ିବାର ପରିଣାମ ଏହା ଥିଲା । ସରକାର ଏଥିପାଇଁ ସମାଲୋଚିତ ହେଲେ । ସରକାରଙ୍କ ଅପାରଗତାକୁ ବିରୋଧୀ ଭର୍ତ୍ସନା କଲା । ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏହି ଘଟଣାର ତଦନ୍ତ ହୋଇଛି । କିନ୍ତୁ ବର୍ଷ ଶେଷ ସୁଦ୍ଧା କାହାରିକୁ ଦୋଷୀ ସାବ୍ୟସ୍ତ କରି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯାଇନି ।



## ବିବାଦରେ ଆର୍‌ଜି କର ହସ୍ପିଟାଲ

ଚଳିତବର୍ଷ ଅଗଷ୍ଟରେ କୋଲକାତାର ଆର୍‌ଜି କର ମେଡିକାଲ୍ କଲେଜ୍ ଓ ହସ୍ପିଟାଲ୍‌ରେ ଟ୍ରେନି ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ମାମଲା ସାମ୍ନାକୁ ଆସିଥିଲା । ଏହାଯୋଗୁ ସ୍ତବ୍ଧ ହୋଇଯାଇଥିଲା ପୂରା ଦେଶ । ଅଗଷ୍ଟ ୯ ତାରିଖରେ ହସ୍ପିଟାଲ୍‌ର ସେମିନାର ରୁମ୍‌ରୁ ମିଳିଥିଲା ଟ୍ରେନି ଡାକ୍ତରଙ୍କର ଅର୍ଦ୍ଧନଗ୍ନ ମୃତଦେହ । ପରଦିନ ଏହି ଜଘନ୍ୟ କାଣ୍ଡକୁ ରୂପରେଖ ଦେଇଥିବା ସନ୍ଦେହରେ କୋଲକାତା ପୋଲିସ ପାଇଁ ସିଭିକ୍ ଭଲ୍ୟୁଣ୍ଟର ଭାବେ କାମ କରୁଥିବା ସଞ୍ଜୟ ରୟ ଗିରଫ ହୋଇଥିଲା । ପରେ ମାମଲାର ତଦନ୍ତକୁ ସିବିଆଇକୁ ହସ୍ତାନ୍ତର କରିଥିଲେ କୋଲକାତା ହାଇକୋର୍ଟ । ପୀଡ଼ିତାଙ୍କୁ ନ୍ୟାୟ ମିଳିବା ଓ ହସ୍ପିଟାଲ୍‌ରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ରାଜ୍ୟର ଜୁନିଅର ଡାକ୍ତରମାନେ ୪୨ ଦିନ ଧରି ଆନ୍ଦୋଳନ କରିଥିଲେ । ଏହି ଘଟଣା ସାରା ଦେଶରେ ମହିଳା ଓ ଡାକ୍ତରମାନଙ୍କର ସୁରକ୍ଷା ନେଇ ବିତର୍କ ସୃଷ୍ଟି କରିଥିଲା । ଏହାକୁ ନେଇ ଦେଶବ୍ୟାପୀ ବିକ୍ଷୋଭ ମଧ ହୋଇଥିଲା ।

## ପରିକ୍ରମା ପ୍ରକଳ୍ପ ଲୋକାର୍ପିତ



୨୦୨୪ ଜାନୁୟାରୀ ୧୭ ତାରିଖ । ସେଦିନ ଶ୍ରୀକ୍ଷେତ୍ର ଇତିହାସରେ ଯୋଡ଼ିହେଲା ସ୍ୱର୍ଣ୍ଣିମ ଫର୍ଦ୍ଦ । ସାକ୍ଷୀ ରହିଥିଲା ସିଂହଦ୍ୱାର ଓ ବଡ଼ଦାଣ୍ଡ । ସାକ୍ଷୀ ରହିଲେ କୋଟି କୋଟି ଜଗନ୍ନାଥପ୍ରେମୀ । ଆଉ ପୌଷ ଶୁକ୍ଳ ସପ୍ତମୀର ଦିବ୍ୟ ମୂହୂର୍ତ୍ତରେ ଲୋକାର୍ପିତ ହୋଇଥିଲା ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ । ବିଶ୍ୱବାସୀଙ୍କ ଉଦ୍ଦେଶ୍ୟରେ ଏହାକୁ ଉତ୍ସର୍ଗ କରିଥିଲେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ବେଦପାଠ, ମନ୍ତ୍ର ଧ୍ୱନି ଓ ନାମ ସଂକୀର୍ତ୍ତନରେ ଉଚ୍ଛୁଳିଲା ପରିବେଶ । ଅରୁଣ ସ୍ତମ୍ଭ ନିକଟରୁ ମହାପ୍ରଭୁଙ୍କୁ ଆଶୀର୍ବାଦ ଭିକ୍ଷା କରି ପରିକ୍ରମା ମାର୍ଗ ପ୍ରଦକ୍ଷିଣ କଲେ ମୁଖ୍ୟମନ୍ତ୍ରୀ । ଏହି ଲୋକାର୍ପଣ ଉତ୍ସବ ପାଇଁ ଚାଲିଥିବା ତ୍ରିଦିନାତ୍ମକ ମହାଯଜ୍ଞରେ ପୂର୍ଣ୍ଣାହୂତି ଦେଇଥିଲେ ଗଜପତି ମହାରାଜା ଦିବ୍ୟସିଂହ ଦେବ । ଏହାପରେ ଭକ୍ତଙ୍କ ପାଇଁ ଉନ୍ମୁକ୍ତ ହୋଇଗଲା ବହୁ ପ୍ରତିକ୍ଷୀତ ପରିକ୍ରମା ମାର୍ଗ । ବିଶ୍ୱ ଦେଖିଲା ବିଶ୍ୱନିୟନ୍ତାଙ୍କ ବିଜେସ୍ଥଳୀର ଭବ୍ୟ ରୂପ । ଯଜ୍ଞରେ ପୂର୍ଣ୍ଣାହୂତି ପରେ ଆରମ୍ଭ ହୋଇଥିଲା ପରିକ୍ରମା ମାର୍ଗ ପ୍ରଦକ୍ଷିଣ । ଆଗରେ ନାମ ସଂକୀର୍ତ୍ତନ ଦଳ ଯାଇଥିଲେ । ଏହାପରେ ସାଧୁସନ୍ଥ, ନିମନ୍ତ୍ରିତ ଅତିଥି ବିଶିଷ୍ଟ ବ୍ୟକ୍ତି ଏବଂ ଗଜପତି ମହାରାଜାଙ୍କ ସହିତ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚାଲି ଚାଲି ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ବୁଲିଥିଲେ । କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ପାଇଁ ଦିନେ ଏମିତି ସୁବିଧା ହେବ କେବେ କଳ୍ପନା କରିପାରିନଥିବା ଭକ୍ତମାନେ ହରିବୋଲ, ହୁଳହୁଳି ପକାଇ ସେଦିନ ନବୀନଙ୍କୁ ଜଣାଇଥିଲେ ସାଧୁବାଦ । ନାମ, ସଂକୀର୍ତ୍ତନରେ ଫାଟି ପଡୁଥିଲା ବଡ଼ଦେଉଳ ଚତୁଃପାର୍ଶ୍ୱ । ମଧ୍ୟାହ୍ନର ଖରା, ମୁଣ୍ଡରୁ ବୋହି ଯାଉଥିଲା ଗମ୍ ଗମ୍ ଝାଳ, ହେଲେ ଥକି ପଡ଼ିନଥିଲେ ନବୀନ । ଅବିଶ୍ରାନ୍ତ ଭାବେ ମନ ଖୋଲି ପରିକ୍ରମା ମାର୍ଗରେ ପ୍ରଦକ୍ଷିଣ କରୁଥିଲେ । ମୁଖ୍ୟମନ୍ତ୍ରୀଙ୍କ ଏଭଳି ଅଦମ୍ୟ ଇଚ୍ଛାଶକ୍ତିକୁ ଦେଖି ସେଦିନ ସମବେତ ଶ୍ରଦ୍ଧାଳୁଙ୍କ ପାଟିରୁ ବାହାରି ପଡୁଥିଲା ବାଃ ନବୀନ ବାଃ ।

## ତିନି ବର୍ଷର ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର



ଏ ବର୍ଷ ତିନି ବର୍ଷର ଅର୍ଥାତ୍ ୨୦୨୦, ୨୦୨୧ ଓ ୨୦୨୨ ପାଇଁ ଯଥାକ୍ରମେ ୩୨, ୩୩ ଓ ୩୪ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯାଇଛି । ୨୦୨୦ ପାଇଁ ଲେଖକ, ନିର୍ଦ୍ଦେଶକ, ନାଟ୍ୟକାର ଅନନ୍ତ ମହାପାତ୍ର, ୨୦୨୧ ପାଇଁ ବିଶିଷ୍ଟ ଚିତ୍ରୋତ୍ତୋଳନକାରୀ ଶ୍ରୀନିବାସ ମହାପାତ୍ର ଓ ୨୦୨୨ ପାଇଁ ବିଶିଷ୍ଟ ହାସ୍ୟାଭିନେତା ଜୟୀରାମ ସାମଲଙ୍କୁ ମୋହନ ସୁନ୍ଦର ଦେବଗୋସ୍ୱାମୀ ପୁରସ୍କାରରେ ପୁରସ୍କୃତ କରାଯାଇଛି । ପୂର୍ବରୁ ଏ ପୁରସ୍କାର ରାଶି ୨ ଲକ୍ଷ ଟଙ୍କା ଥିବାବେଳେ ଏହାକୁ ବୃଦ୍ଧି କରାଯାଇ ୫ ଲକ୍ଷ ଟଙ୍କା କରାଯାଇଛି । ସେହିପରି 'ଦମନ' ଚଳଚ୍ଚିତ୍ର ଏ ବର୍ଷ ଜାତୀୟ ପୁରସ୍କାର ଲାଭ କରିଛି ।

## ବାପାଙ୍କୁ ହତ୍ୟା କଲା ପ୍ରଫେସର ପୁଅ:ଅର୍ଥ ପାଇଁ ପିତୃହତ୍ୟା

ଋଣ ସୁଝିବା ପାଇଁ ବାପା ସୁନିଲ ଚୌଧୁରୀଙ୍କୁ ଟଙ୍କା ମାଗିଲେ । ଟଙ୍କା ଦେବାକୁ ରୋକ୍‌ଠୋକ୍ ମନା କରିବାରୁ ଉଚ୍ଚ ଶିକ୍ଷିତ ପୁଅ ଜନ୍ମଦାତାଙ୍କ ପାଟିକୁ ତକିଆରେ ଜାବୁଡ଼ି ଧରି ଛୁରା ଭୂସି ହତ୍ୟା କରିଥିଲା । ଜଣେ ଉଚ୍ଚ ଶିକ୍ଷିତଙ୍କ ଏଭଳି ଅଶିକ୍ଷିତ କାଣ୍ଡ ସାରା ରାଜ୍ୟକୁ ଚହଲାଇ ଦେଇଥିଲା । ଜୁଲାଇ ୨ ରାତିରେ ରାଜଧାନୀ ରଙ୍ଗମାଟିଆ ସ୍ଥିତ 'ଡିଏଚ୍‌ପିଏଲ୍ ଆପାର୍ଟମେଣ୍ଟର ଫ୍ଲାଟ୍ ନଂ- ୧୦୮ରେ ଏହି ବିଭତ୍ସ ହତ୍ୟା ଘଟିଥିଲା । ସମ୍ପୃକ୍ତ ପୁଅ ଅନିରୁଦ୍ଧ ଚୌଧୁରୀକୁ ପୋଲିସ ଗିରଫ କରିଥିଲା । ଅଭିଯୁକ୍ତ ଅନିରୁଦ୍ଧ ଦିଲ୍ଲୀର ଜବାହାରଲାଲ୍ ବିଶ୍ୱବିଦ୍ୟାଳୟରୁ ଆଇନ୍ (ଏଲ୍.ଏଲ୍.ଏମ୍) ପାଠ ପଢ଼ିଥିଲେ । ହାଭାର୍ଡ ବିଶ୍ୱବିଦ୍ୟାଳୟରେ ଡକ୍ଟରେଟ୍ ଉପାଧି ବି ହାତେଇଥିଲେ । ଏକ ଘରୋଇ ବିଶ୍ୱବିଦ୍ୟାଳୟରେ ଆଇନ୍ ପ୍ରଫେସର ଭାବେ ଛାତ୍ରଙ୍କୁ ପାଠ ପଢ଼ାଉଥିଲେ । ବୈଦେଶିକ କୁଟନୀତି ଓ ଯୁଦ୍ଧ ରଣନୀତି ଶାସ୍ତ୍ରରେ ସେ ବେଶ୍ ପାରଙ୍ଗମ ଥିଲେ । ବିଶେଷଜ୍ଞ ଭାବେ ପ୍ରତିଷ୍ଠିତ ଟିଭି ଚ୍ୟାନେଲ୍‌ର ବିତର୍କରେ ଜ୍ଞାନ ବାଣ୍ଟୁଥିଲେ । ଦୁବାଇ, ସିଙ୍ଗାପୁର ଓ ଅନ୍ୟ ଦେଶ ବୁଲାବୁଲିରେ ଅଜସ୍ର ଟଙ୍କା ଉଡ଼ାଇବା ପରେ ପାଖପାଖି ୨୭ ଲକ୍ଷ ଟଙ୍କା ଋଣ କରିଥିଲେ । ଏହି ଟଙ୍କା ସୁଝି ନପାରିବାରୁ ବାପାଙ୍କୁ ହତ୍ୟା କରିଥିଲେ ।

## ଟ୍ରେଡିଂ ଆପ୍‌ରେ ଫସିଲେ ୪୦ ହଜାର ଲୋକ

ଟ୍ରେଡିଂ ଆପ୍‌ରେ ନିବେଶ ନାଁରେ ଚଳିତବର୍ଷ ସାଇବର ଠକ ବ୍ୟାଙ୍କ ଆକାଉଣ୍ଟରୁ ଲକ୍ଷ ଲକ୍ଷ ଟଙ୍କା ପୋଛି ନେଇଛନ୍ତି । ଗତ ୬ ବର୍ଷରେ ରାଜ୍ୟରୁ ୫୯ ହଜାର ୪୩୭ ଲୋକ ଟ୍ରେଡିଂ ଠକେଇର ଶିକାର ହୋଇଛନ୍ତି । ୨୦୧୯ରେ ୧୮ଜଣ, ୨୦୨୦ରେ ୨୮, ୨୦୨୧ରେ ୨୨ ଏବଂ ୨୦୨୨ରେ ୧୦୫ ଜଣ ଲୋକ ଟ୍ରେଡିଂ ଫାଶରେ ପଡିଥିଲେ । ଗତ ୨ ବର୍ଷ ଧରି ଏହା ସାଇବର ଅପରାଧୀଙ୍କ ପାଇଁ ପ୍ରମୁଖ ଅସ୍ତ୍ର ପାଇଟିଛି । ୨୦୨୩ରେ ୧୮ ହଜାର ୯୯୪ ଲୋକ ଲୁଟ୍‌ର ଶିକାର ହୋଇଥିଲେ । ଚଳିତବର୍ଷ ପ୍ରାୟ ୪୦ ହଜାର ଲୋକ ସର୍ବସ୍ୱ ହରାଇଛନ୍ତି । ଦକ୍ଷିଣ ଏସିଆରେ ଥିବା କମ୍ବୋଡିଆ, ମିଆଁମାର, ଭିଏତନାମ, ଆଇଲାଣ୍ଡ ଭଳି ଦେଶରୁ ଡିଜିଟାଲ୍ ଆରେଷ୍ଟ ରାକେଟ୍ ପରିଚାଳିତ ହେଉଛି । ସେଠାରେ ମାଳ ମାଳ ନକଲି କଲ୍ ସେଣ୍ଟର ଖୋଲି ଡାଟାବେସ୍ ଭାରତୀୟଙ୍କୁ ଠକେଇ ଜାଲରେ ଫସାଇଛନ୍ତି । କେନ୍ଦ୍ର ଗୃହ ମନ୍ତ୍ରାଳୟର ସାଇବର ଶାଖାର ତଥ୍ୟ ମୁତାବକ, କେବଳ ଡିଜିଟାଲ୍ ଆରେଷ୍ଟରୁ ପ୍ରତିଦିନ ମାଷ୍ଟରମାଇଣ୍ଡଙ୍କ ନିକଟକୁ ୬ କୋଟି ଟଙ୍କା ଯାଉଛି । ଗତ ୧୦ ମାସରେ ୨୧୪୦ କୋଟି ଟଙ୍କା ଠକି ନେଇଛନ୍ତି । ରାକେଟର ମାଷ୍ଟରମାଇଣ୍ଡ ହେଉଛି ପାର୍ଥ ଗୋପନ । ସେ ଦୀର୍ଘ ଦିନ ଧରି କମ୍ବୋଡିଆରେ ଲୁଚିଛି । ସାଇବର ମୁକାବିଲା ସାରା ଦେଶ ପାଇଁ ଚାଲେଞ୍ଜ ହୋଇଛି । ଅଖିଳ ଭାରତୀୟ ଡିଜି ଆଇଜି ସମ୍ମିଳନୀରେ ସାଇବର ମୁକାବିଲାର ଏକ ସ୍ୱତନ୍ତ୍ର ସେସନ ଥିଲା । ଏବେ ସୁଦ୍ଧା ୨୦ ଜିଲ୍ଲାରେ ସାଇବର ଥାନା ନାହିଁ । ରାଜ୍ୟରେ ୧୦ଟି ଜିଲ୍ଲାରେ ୧୪ଟି ସାଇବର ଏବଂ ଅର୍ଥନୈତିକ ଅପରାଧ ଥାନା ରହିଛି । ୨୦୧୭ରେ ରାଉରକେଲା, ସମ୍ବଲପୁର, ବ୍ରହ୍ମପୁରରେ ସର୍କଲ୍‌ରେ ସାଇବର ଥାନା ଖୋଲାଯାଇଥିଲା । ସାଇବର ଅପରାଧର ବର୍ଦ୍ଧିତ ଗ୍ରାଫ୍ ଦେଖି ସବୁ ଜିଲ୍ଲାରେ ସାଇବର ଥାନା ପାଇଁ ଗୃହ ବିଭାଗକୁ ପ୍ରସ୍ତାବ ଦିଆଯାଇଥିଲା । ପୂର୍ବ ସରକାର ୧୧ଟି ଥାନା ଖୋଲିବାକୁ ୨୦୨୧ରେ ମଞ୍ଜୁରି ଦେଇଥିଲେ । ଭୁବନେଶ୍ୱର ସହରାଞ୍ଚଳ, କଟକ ସହରାଞ୍ଚଳ, କେନ୍ଦୁଝର, ଅନୁଗୋଳ, ବାଲେଶ୍ୱର, ମୟୂରଭଞ୍ଜ, ପୁରୀ, କୋରାପୁଟ, ଭବାନୀପାଟଣା, ବଲାଙ୍ଗୀର ଓ କନ୍ଧମାଳରେ ନୂଆ ଥାନା ଚାଲିଛି । ଅନ୍ୟ ୨୦ଟି ଜିଲ୍ଲା ପୋଲିସରେ ସାଇବର ଥାନା ପ୍ରତିଷ୍ଠା ପାଇଁ ରାଜ୍ୟ ପୋଲିସ ପୁଣି ପ୍ରସ୍ତବ ଦେଇଛି । ସରକାରୀ ସ୍ତରରେ ତତ୍ପରତା ଦେଖା ଦେଉନଥିବାରୁ ହାଇକୋର୍ଟ ବିରକ୍ତି ପ୍ରକାଶ କରିଛନ୍ତି ।

## ଆମେ ଯାହାଙ୍କୁ ହରାଇଛେ ...



**ଡ. ମନମୋହନ ସିଂହ:** ଜାତୀୟ ଓ ଅନ୍ତର୍ଜାତୀୟ ରାଜନୀତିର ଚର୍ଚ୍ଚିତ ଚେହେରା ପୂର୍ବତନ ପ୍ରଧାନମନ୍ତ୍ରୀ ଡ. ମନମୋହନ ସିଂହ ଅର୍ଥନୀତିର ଜଣେ ଧୂରୀଣ ବ୍ୟକ୍ତିତ୍ୱଙ୍କୁ ହରାଇଛି ଦେଶ । ଶାନ୍ତ, ନମ୍ର ଓ ଶାଳୀନତାର ସରହଦ ମଧ୍ୟରେ ଯେଉଁ କେତେଜଣ ରାଜନେତାଙ୍କ ନାମ ସାମ୍ନାକୁ ଆସେ ତନ୍ମଧ୍ୟରେ ମନମୋହନ ଅନ୍ୟତମ । ୨୬ ଡିସେମ୍ବର ସତେ ଯେମିତି ଦେଶ ପାଇଁ ଥିଲା ଏକ କଳା ଦିନ । ୧୯୩୨ ମସିହା ସେପ୍ଟେମ୍ବର ୨୬ ତାରିଖରେ ଅବିଭକ୍ତ ଭାରତର ପଞ୍ଜାବ (ଏବେ ପାକିସ୍ତାନରେ) ଜନ୍ମଗ୍ରହଣ କରିଥିବା ୯୨ ବର୍ଷ ବୟସ୍କ ମନମୋହନ ଦେଶର ପ୍ରଥମ ଶିଖ୍ ଓ ୧୩ତମ ପ୍ରଧାନମନ୍ତ୍ରୀ ଥିଲେ । ମନମୋହନଙ୍କ ଅବର୍ତ୍ତମାନରେ ପରିବାରରେ ପତ୍ନୀ ଗୁରଶରଣ କାଉର ଓ ୩ ଝିଅ ଉପିନ୍ଦର ସିଂହ, ଦାମନ ସିଂହ ଓ ଅମ୍ରିତ ସିଂହ ଅଛନ୍ତି ।



**ରତନ ଟାଟା:** ଦେଶରେ ଶିଳ୍ପାୟନ କ୍ଷେତ୍ରରେ ବିପ୍ଳବ ସୃଷ୍ଟି କରିଥିବା ରତନ ଟାଟାଙ୍କ ଭଳି ବିଶିଷ୍ଟ ଶିଳ୍ପଦ୍ୟୋଗୀଙ୍କୁ ଚଳିତ ବର୍ଷ ଦେଶ ହରାଇଛି । ଚିର କୁମାର ରତନ ୧୯୩୭ ଡିସେମ୍ବର ୨୮ରେ ବମ୍ବେ (ମୁମ୍ବାଇ)ରେ ନାଭାଲ ଟାଟା ଓ ସୁନୀ କର୍ମସାରିୟତଙ୍କ କୋଳ ମଣ୍ଡନ କରିଥିଲେ । ଏକଦା ଟାଟା ଗ୍ରୁପ୍‌ର ଅଧକ୍ଷ ଥିବା ରତନ ନିଷ୍ଠା, କର୍ମକୁଶଳତା ଓ ଆତ୍ମନିଯୁକ୍ତି କ୍ଷେତ୍ରରେ ନୂତନ ଦିଶା ଭାରତ ସରକାର ତାଙ୍କୁ ୨୦୦୦ ମସିହାରେ ପଦ୍ମଭୂଷଣ ଓ ୨୦୦୮ରେ ପଦ୍ମବିଭୂଷଣ ପଦବୀରେ ସମ୍ମାନିତ କରିଥିଲେ ।



**ଶ୍ୟାମ ବେନେଗଲ:** ଭାରତୀୟ ସିନେମାର ଅନ୍ୟତମ ଚର୍ଚ୍ଚିତ ନିର୍ଦ୍ଦେଶକ ହେଉଛନ୍ତି ଶ୍ୟାମ ବେନେଗଲ । ଡକ୍ୟୁମେଣ୍ଟାରୀ ସିନେମା ନିର୍ମାଣ ତାଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଛି । ଭାରତୀୟ ସିନେମା ଜଗତର ମର୍ଯ୍ୟାଦାଜନକ ଦାଦାସାହେବ ଫାଲ୍‌କେ ଆୱାର୍ଡରେ ବିଭୂଷିତ ଶ୍ୟାମ ବେନଗଲ ଅନେକ ଡକ୍ୟୁମେଣ୍ଟାରୀ ସିନେମା ପ୍ରସ୍ତୁତ କରି ପ୍ରସିଦ୍ଧି ଲାଭ କରିଥିଲେ । ସିନେମାଜଗତର ଏହି ମହାନ ନିର୍ଦ୍ଦେଶକ ୨୩ ଡିସେମ୍ବରରେ ପ୍ରାଣ ତ୍ୟାଗ କରିଛନ୍ତି ।



**ଜାକିର ହୁସେନ୍:** ସଙ୍ଗୀତ ଓ ସଂସ୍କୃତିର ଅନନ୍ୟ ନିଦର୍ଶନ ବିଶିଷ୍ଟ ତବଲା ବାଦକ ଜାକିର୍ ହୁସେନ୍‌ଙ୍କୁ ମଧ ଦେଶ ହରାଇଛି । ଜାକିରଙ୍କ ଅଙ୍ଗୁଳିର ସ୍ପର୍ଶରେ ତବଲାର ନିନାଦ ଶବ୍ଦ ଝଙ୍କୃତ କରୁଥିଲା ଅଗଣିତ ଦର୍ଶକଙ୍କୁ । ଦେଶ ଓ ବିଦେଶରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଜାକିର୍ ତବଲାବାଦନ କରୁଥିବା ବେଳେ ଉପସ୍ଥିତ ଦର୍ଶକ ଏକଦମ୍ ବିଭୋର ହୋଇପଡୁଥିଲେ । ଡିସେମ୍ବର ୧୫ ତାରିଖରେ ୭୩ ବର୍ଷ ବୟସରେ ସମ୍ମାନଜନକ ୪ଥର ଗ୍ରାମୀ ଆୱାର୍ଡ଼ ବିଜେତା ଜାକିର୍ ହୁସେନ୍ ଭାରତୀୟ କ୍ଲାସିକାଲ୍ ମ୍ୟୁଜିକ୍‌ରେ ଏକ ବିରାଟ ଆନ୍ଦୋଳନ ଆଣିଥିଲେ ।

# ସିଡ୍‌ନୀ ଟେଷ୍ଟ ପରେ ଅବସର ନେବେ ରୋହିତ !



**ନୂଆଦିଲ୍ଲୀ**

ରୋହିତ ଶର୍ମା ଟେଷ୍ଟ କ୍ରିକେଟରୁ ଅବସର ନେଇ 'ନିଜର ନିଷ୍ପତ୍ତି ନେଇସାରିଛନ୍ତି'। ସିଡ୍‌ନୀରେ ୨୦୨୪-୨୫ ବର୍ଡ଼ର-ଗାଭାସ୍କର ଟ୍ରଫିର ଶେଷ ଟେଷ୍ଟ ପରେ ଯଦି ଭାରତ ୨୦୨୫ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ (ଡବ୍ଲୁଟିସି)ରେ ପ୍ରବେଶ କରିବାରେ ବିଫଳ ହୁଏ ତେବେ ରୋହିତ ଅବସର ନେବାର ସମ୍ଭାବନା ରହିଛି ବୋଲି ଜଣାପଡ଼ିଛି।

ଟାଇମ୍ସ ଅଫ ଇଣ୍ଡିଆ ରିପୋର୍ଟ ଅନୁଯାୟୀ, ବିସିସିଆଇ ଟପ୍ ମ୍ୟାନେଜମେଣ୍ଟ ଏବଂ ଚୟନକର୍ତ୍ତାଙ୍କ ମଧ୍ୟରେ ରୋହିତଙ୍କ ଚୟନ ବିଷୟରେ ଗୁଜବ ସୃଷ୍ଟି କରିଛି। ଏହି ରିପୋର୍ଟରେ କୁହାଯାଇଛି ଯେ, ଯଦି ଭାରତ ଫାଇନାଲରେ ପହଞ୍ଚେ ତେବେ ଚୟନକର୍ତ୍ତା ତାଙ୍କୁ ଡବ୍ଲୁଟିସି ଫାଇନାଲରେ ଖେଳିବାକୁ ଦିଅନ୍ତୁ ବୋଲି ରୋହିତ ସେମାନଙ୍କୁ ମନାଇବାକୁ ଚେଷ୍ଟା କରିବେ। ତେବେ ଏହାର ସମ୍ଭାବନା ଖୁବ କମ୍ ଥିବାରୁ ସିଡ୍‌ନୀ ଟେଷ୍ଟ ତାଙ୍କର 'ଶେଷ ମ୍ୟାଚ୍' ହେବାର ସମ୍ଭାବନା ରହିଛି। ମେଲବୋର୍ଣ୍ଣରେ ଖେଳାଯାଇଥିବା ଚତୁର୍ଥ ଟେଷ୍ଟରେ ଭାରତର ଲଜ୍ଜାଜନକ ୧୮୪ ରନ୍ ପରାଜୟ ପରେ ଏହି ରିପୋର୍ଟ ଆସିଛି। ଏହି ପରାଜୟର ଅର୍ଥ ହେଉଛି ରୋହିତଙ୍କ ଅଧିନାୟକତ୍ୱରେ ଭାରତ ଗତ ୬ଟି ଟେଷ୍ଟ ମଧ୍ୟରୁ କୌଣସିଟି ଜିତି ନାହିଁ, ପାଞ୍ଚଟି ପରାଜୟ ଏବଂ ଗୋଟିଏ ଅମିମାଂସିତ ରହିଛି। ଏଥିରେ ଘରୋଇ ମାଟିରେ ନ୍ୟୁଜିଲାଣ୍ଡ ଭାରତକୁ ୦-୩ ରେ ଶୋଚନୀୟ ପରାସ୍ତ ମଧ୍ୟ ସାମିଲ ରହିଛି। ଯାହା ଦେଶର ଟେଷ୍ଟ ଇତିହାସରେ ପ୍ରଥମ ଥର ପାଇଁ ଘଟିଥିଲା। ତେବେ ଆଡିଲେଡ ଏବଂ ମେଲବୋର୍ଣ୍ଣରେ ହାରିଯିବା ପୂର୍ବରୁ ଉପ-ଅଧିନାୟକ ଜସପ୍ରୀତ ବୁମ୍‌ରାଙ୍କ ଅଧୀନରେ ପର୍ଥରେ ପ୍ରଥମ ବର୍ଡ଼ର-ଗାଭାସ୍କର ଟେଷ୍ଟ ଜିତିଥିଲା। ଗାବାରେ ଦ୍ୱିତୀୟ ଟେଷ୍ଟ ଅମିମାଂସିତ ରହିଥିଲା, ଯାହା ବର୍ଷା କାରଣରୁ ହାରିଯିବା ସ୍ଥିତିରେ ଥାଇ ମଧ୍ୟ ଭାରତ ଡ୍ର' କରିବାରେ ସକ୍ଷମ ହୋଇଥିଲା।

# ୧୩ ବର୍ଷ ପରେ ମେଲବର୍ଣ୍ଣରେ ଭାରତକୁ ହରାଇଲା ଅଷ୍ଟ୍ରେଲିଆ

**ମେଲବର୍ଣ୍ଣ**

ବର୍ଡର ଗାଭାସ୍କର ଟ୍ରଫିର ଚତୁର୍ଥ ଟେଷ୍ଟ ମ୍ୟାଚ୍‌ରେ ଅଷ୍ଟ୍ରେଲିଆଠାରୁ ଭାରତ ଶୋଚନୀୟ ଭାବେ ପରାସ୍ତ ହୋଇଛି। ମେଲବର୍ଣ୍ଣରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ୧୮୪ ରନରେ ପରାଜୟ ସହିତ ଭାରତୀୟ ଦଳ ସିରିଜ୍‌ରେ ୨-୧ରେ ପଛରେ ପଡ଼ିଛି। କେବଳ ଏତିକି ନୁହେଁ, ବକ୍ସିଂ ଡେ ଟେଷ୍ଟରେ ପରାଜୟ ସହ ରୋହିତ ବାହିନୀ ପାଇଁ ବିଶ୍ୱ ଟେଷ୍ଟ ଚାମ୍ପିୟନସିପ୍ ଫାଇନାଲରେ ପହଞ୍ଚିବା ଆଶା ମଧ୍ୟ ଏକ ପ୍ରକାର ମଉଳି ଯାଇଛି।



ଏହି ମ୍ୟାଚ୍‌ରେ ଟସ୍ ଜିତି ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରିଥିଲା। ପ୍ରଥମ ଇନିଂସରେ ୪୭୪ ରନର ବିଶାଳ ସ୍କୋର କରିଥିଲା ଘରୋଇ ଦଳ। ଯେଉଁଥିରେ ଷ୍ଟିଭ୍ ସ୍ମିଥ୍‌ଙ୍କ ୧୪୦ ରନର ଶତକୀୟ ପାଳି ସାମିଲ ଥିଲା। ଏହାର ଜବାବରେ ଭାରତୀୟ ଦଳ ପ୍ରଥମ ଇନିଂସରେ ୩୬୯ ରନ୍ ହିଁ କରିପାରିଥିଲା। ୨୧ ବର୍ଷୀୟ ନୀତୀଶ କୁମାର ରେଡ୍ଡୀ ଭାରତ ପାଇଁ ୧୧୪ ରନର ଦମ୍‌ଦାର ଶତକୀୟ ଇନିଂସ ଖେଳିଥିଲେ। ଏହା ତାଙ୍କର ପ୍ରଥମ ଅନ୍ତର୍ଜାତୀୟ ଟେଷ୍ଟ ଶତକ ଥିଲା। ତେବେ କଙ୍ଗାରୁ ଦଳ ପ୍ରଥମ ଇନିଂସ ଆଧାରରେ ଭାରତୀୟ ଦଳ ଉପରେ ୧୦୫ ରନ୍ ଅଗ୍ରଣୀ ହାସଲ କରିଥିଲା।

ଏହି ମ୍ୟାଚ୍‌ର ଦ୍ୱିତୀୟ ଇନିଂସରେ ଅଷ୍ଟ୍ରେଲିଆର ମାର୍ନୁସ୍ ଲାବୁସେନଙ୍କ ୭୦ରନ୍ ଏବଂ ଅଧିନାୟକ ପ୍ୟାଟ୍ କମିନ୍ସ ଓ ନାଥାନ୍ ଲାୟନଙ୍କ ୪୧-୪୧ ରନର ପାଳି ବଳରେ ୨୩୪ ରନ୍ ସଂଗ୍ରହ କରି ଭାରତ ଉପରେ ୩୩୯ ରନର ଅଗ୍ରଣୀ ହାସଲ କରିଥିଲା ଘରୋଇ ଦଳ। ରୋହିତ ଶର୍ମାଙ୍କ ନେତୃତ୍ୱାଧିନ ଟିମ୍ ଇଣ୍ଡିଆ ଆଗରେ ଏହି ମ୍ୟାଚ୍ ଜିତିବା ପାଇଁ ୩୪୦ ରନର ଲକ୍ଷ୍ୟ ରହିଥିଲା। ହେଲେ ଯୁବ ଓପନର ଜୈସ୍ୱାଲ(୮୪)ଙ୍କ ବ୍ୟତୀତ ଅନ୍ୟ ସମସ୍ତ ବ୍ୟାଟର ପ୍ରାୟ ନିରାଶ କରିଥିଲେ।

ଋଷଭ ପନ୍ତ ୩୦ ରନର ସଂଘର୍ଷପୂର୍ଣ୍ଣ ପାଳି ଖେଳିଥିବାବେଳେ ଅନ୍ୟ କୌଣସି ବ୍ୟାଟର ଦୁଇ ଅଙ୍କ ବି ଛୁଇଁପାରି ନଥିଲେ। ଫଳରେ ସୋମବାର ମ୍ୟାଚ୍‌ର ଅନ୍ତିମ ଦିନରେ ଦ୍ୱିତୀୟ ଇନିଂସରେ ୭୯.୧ ଓଭର ଖେଳି କେବଳ ୧୫୫ ରନରେ ସମସ୍ତ ୱିକେଟ ହରାଇଛି ଭାରତ। ଏହା ସହିତ ୧୩ ବର୍ଷ ହେବ ବକ୍ସିଂ ଡେ ଟେଷ୍ଟରେ ଭାରତଠାରୁ ଜିତିନଥିବା ଅଷ୍ଟ୍ରେଲିଆ ଏହି ପରାଜୟ ଧାରାକୁ ଭାଙ୍ଗି ୧୮୪ ରନରେ ଏହି ମ୍ୟାଚ୍ ଜିତିନେଇଛି।

# 'ମରିଯାଇଛି କିଙ୍ଗ, ବହୁତ-ବହୁତ ଖୁସି ଅଛି ଅଷ୍ଟ୍ରେଲିଆ...' : ସାଇମନ କଟିଚ୍

**ନୂଆଦିଲ୍ଲୀ**

ଭାରତୀୟ ଟିମ୍‌ର ବ୍ୟାଟ୍ସମ୍ୟାନ୍ ବିରାଟ କୋହଲି ଏବେ କ୍ରିକେଟ ବିଶେଷଜ୍ଞଙ୍କ ସମେତ ପ୍ରଶଂସକଙ୍କ ଟାର୍ଗେଟରେ ଅଛନ୍ତି। ମେଲବର୍ଣ୍ଣ ଟେଷ୍ଟ ମୁକାବିଲାରେ କୋହଲି ବ୍ୟାଟିଂରେ ନୈରାଶ୍ୟଜନକ ପ୍ରଦର୍ଶନ କରିଛନ୍ତି। ଦଳର ଆବଶ୍ୟକତା ସମୟରେ ମଧ୍ୟ ସେ ବିଫଳ ରହିଥିଲେ। ଏବେ ତାଙ୍କୁ ନେଇ ଅଷ୍ଟ୍ରେଲିୟ ଭେଟେରାନ ବଡ଼ ବୟାନ ଦେଇ କହିଛନ୍ତି ଯେ କିଙ୍ଗ ଏବେ ମରିଯାଇଛି। ଏଥିପାଇଁ ଅଷ୍ଟ୍ରେଲିଆ ବେଶ୍ ଖୁସି ଅଛି।

କୋହଲି ମେଲବର୍ଣ୍ଣ ଟେଷ୍ଟର ପ୍ରଥମ ଇନିଂସରେ ୩୬ ଏବଂ ଦ୍ୱିତୀୟରେ ୫ ରନ୍ କରିଥିଲେ। ସେ ଉଇକେଟ ହରାଇ ପ୍ୟାଭିଲିୟନ ଫେରୁଥିବା ବେଳେ ସାଇମନ କଟିଚ୍ କମେଣ୍ଟ୍ରି କରୁଥିଲେ। ସେ କୋହଲିଙ୍କ ଉଦ୍ଦେଶ୍ୟରେ କହିଥିଲେ ଯେ କିଙ୍ଗ ମରିଯାଇଛି। ତାଙ୍କୁ ବଡ଼ ଇନିଂସ ଖେଳିବାର ଥିଲା। ହେଲେ ସେ ତାହା କରିପାରିନାହାନ୍ତି। ଅଷ୍ଟ୍ରେଲିଆ ଏବେ ନିଜକୁ ଯେଉଁ ସ୍ଥିତିରେ ଦେଖୁଛି ସେ ବହୁତ ଖୁସି ଅଛି ବୋଲି ସେ କହିଥିଲେ।

# ପ୍ରଥମ ମ୍ୟାଚ୍‌ରେ ୟୁପି ରୁଦ୍ରାସ୍‌ଠାରୁ ହାରିଲା କଳିଙ୍ଗ ଲାନ୍‌ସର୍ସ



**ରାଉରକେଲା**

ହକି ଇଣ୍ଡିଆ ଲିଗ୍‌ରେ ଘରୋଇ ଦଳ ବେଦାନ୍ତ କଳିଙ୍ଗ ଲାନ୍‌ସର୍ସ ନିଜର ପ୍ରଥମ ମ୍ୟାଚ୍‌ରେ ପରାଜୟ ଭୋଗିଛି। ଶକ୍ତିଶାଳୀ ୟୁପି ରୁଦ୍ରାସ୍‌ଠାରୁ ଦଳ ୧-୩ ଗୋଲ୍‌ରେ ପରାସ୍ତ ହୋଇଛି। ମ୍ୟାଚ୍‌ର ପ୍ରଥମ କ୍ୱାର୍ଟରରେ କଳିଙ୍ଗ ଲାନ୍‌ସର୍ସ ଉତ୍କର୍ଷ ପ୍ରଦର୍ଶନ କରିଥିଲା। ମ୍ୟାଚ୍‌ର ୧୩ତମ ମିନିଟ୍‌ରେ ଦଳର ବିଦେଶୀ ତାରକା ଏନରିକ୍ ଗୋଞ୍ଜାଲେଜ୍ ଏକ ଚମତ୍କାର ଫିଲ୍‌ଡଗୋଲ ଦେଇ ଦଳକୁ ୧-୦ ଗୋଲରେ ଆଗୁଆ କରିଥିଲେ। ତେବେ ଦ୍ୱିତୀୟ କ୍ୱାର୍ଟରରେ ୟୁପି ଆକର୍ଷଣୀୟ ପ୍ରତ୍ୟାବର୍ତ୍ତନ କରିଥିଲା। ଯଦିଓ ଦ୍ୱିତୀୟ କ୍ୱାର୍ଟରରେ କୌଣସି ଗୋଲ୍ ଦେଇ ନ ଥିଲା, ତେବେ ପ୍ରତିପକ୍ଷଙ୍କ ଉପରେ ହାବି ହୋଇଥିଲା। ତୃତୀୟ କ୍ୱାର୍ଟରର ଶେଷ ମିନିଟରେ କେନ୍ ରସେଲ୍ ଗୋଲ୍ ପରିଶୋଧ କରି ସ୍କୋର ୧-୧ ଗୋଲରେ ବରାବର କରିଥିଲେ। ୫୦ତମ ମିନିଟ୍‌ରେ ଓଡ଼ିଆ ତାରକା ସୁଦୀପ ଚୀରମାକୋ ଆଉ ଏକ ଗୋଲ୍ ଦେଇ ୟୁପିକୁ ୨-୧ ଗୋଲରେ ଆଗୁଆ କରିଥିଲେ। ମ୍ୟାଚ୍ ଶେଷ ହେବାକୁ ଆଉ ୮ ସେକେଣ୍ଡ ବାକି ଥିବାବେଳେ ୟୁପି ଏକ ପେନାଲ୍‌ଟି କର୍ଣ୍ଣର ସୁଯୋଗ ପାଇଥିଲା। ଏହାକୁ ହାତଛଡ଼ା ନ କରି କେନ୍ ରସେଲ୍ ଗୋଲ୍‌ରେ ପରିଣତକରି ସ୍କୋରକୁ ୩-୧ ଗୋଲ୍‌କୁ ବୃଦ୍ଧି କରିବା ସହ ମ୍ୟାଚ୍‌କୁ ଜିତି ନେଇଥିଲେ।

# ରାଜ୍ୟ ସ୍ତରୀୟ ସତ୍ୟସାଇ କ୍ରିକେଟ ଟୁର୍ଣ୍ଣାମେଣ୍ଟ : ବାପୁଜୀ କ୍ରିକେଟ କ୍ଲବ ଭୁବନେଶ୍ୱର ଚାମ୍ପିଅନ

**ଧର୍ମଶାଳା, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ବ୍ଲକ ଝାଲପଡ଼ା ପଞ୍ଚାୟତ କାକୁଡ଼ିକୁଦ-ନୀଳକଣ୍ଠପୁର ସତ୍ୟସାଇ ଖେଳ ପଡ଼ିଆରେ ୪୧ତମ ରାଜ୍ୟ ସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ୟୁନିକ୍ ଇଲେଭେନ ଭଦ୍ରକକୁ ୪ ୱିକେଟ୍‌ରେ ହରାଇ ଚଳିତ ବର୍ଷ ବାପୁଜୀ କ୍ରିକେଟ୍ କ୍ଲବ୍ ଭୁବନେଶ୍ୱର ଚାମ୍ପିଅନ ହୋଇଛି। ୟୁନିକ୍ ଭଦ୍ରକ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରେ ୭ ୱିକେଟ୍ ହରାଇ ବିଶାଳ ୨୪୮ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଧନଞ୍ଜୟ ଯାଦବ ସର୍ବାଧିକ ୮୦ ରନ ଓ ପ୍ରତ୍ୟୁଷ ପାଢୀ ୬୨ ରନ ସଂଗ୍ରହ କରିଥିଲେ। ବିପକ୍ଷ ଦଳର ବୋଲର ସୁଧାଂଶୁ ଜେନା ୫ ଓଭର ବୋଲିଂ କରି ୪୦ ରନ ଦେଇ ୨ଟି ୱିକେଟ ନେଇଥିଲେ। ୨୪୯ ରନର ବିଜୟ ଲକ୍ଷ୍ୟ ନେଇ ବାପୁଜୀ ଭୁବନେଶ୍ୱର ୨୨.୪ ଓଭରରେ ସମ୍ମୁଖୀନ ହୋଇ ୬ ୱିକେଟ ହରାଇ ମ୍ୟାଚ୍‌କୁ ବିଜୟ ଲାଭ କରି ଚଳିତ ବର୍ଷ ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲା। ଦଳ ପକ୍ଷରୁ ଆର୍ଯ୍ୟ ଦେବାଶିଷ ବଟ୍ଟ ୬୦ ଓ ସତ୍ୟ ରଞ୍ଜନ ସାମଲ ୩୬ ରନ ସଂଗହ କରିଥିଲେ। ବିପକ୍ଷ ଦଳର ବୋଲର ଅନୁରାଗ କନଜିଆ ୩୩ ରନ ଦେଇ ୨ଟି ୱିକେଟ ନେଇଥିଲେ। ସତ୍ୟ ସାଇ କ୍ରିକେଟ ଆସୋସିଏସନର ସଭାପତି ପ୍ରୀୟନାଥ ରାଉତଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ଓସିଏ ସଭାପତି ତଥା ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ ଓ ସମ୍ମାନୀତ ଅତିଥିଭାବେ ବରୀ ବିଧାୟକ ବିଶ୍ୱ ରଂଜନ ମଲ୍ଲିକ ଯୋଗ ଦେଇ ଚାମ୍ପିଅନ ଓ ରନର୍ସଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ବାଜୁଜୀ କ୍ରିକେଟର ଆର୍ଯ୍ୟ ଦେବାଶିଷ ବଟ୍ଟଙ୍କୁ ମ୍ୟାନ ଅଫ ଦ ମ୍ୟାଚ ଓ ମନୋଜ ବାରିକଙ୍କୁ ମ୍ୟାନ ଅଫ ଦ ସିରିଜ ପୁରସ୍କାର ପ୍ରଦାନ କରାଯାଇଥିଲା।

ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଝାଲପଡ଼ା ସରପଞ୍ଚ ଭାରତୀ ମଲ୍ଲିକ, ସମିତି ସଭ୍ୟ ନିର୍ମଳ ସାମଲ, କାଶୀନାଥ ବେହେରା, ସୁରେନ୍ଦ୍ର ରାଉତ, ସୁରେନ୍ଦ୍ର ସାହୁ, ନିରଞ୍ଜନ ଜେନା, ଉତ୍କଳ ଜେନା, ଦିଲ୍ଲୀପ ଜେନା, ଅଭିମନ୍ୟୁ ଦାସ, ରଞ୍ଜିତ ନାୟକ, ସୁନିଲ ଜେନା ଓ ବାଦଲ ରାୟ ପ୍ରମୁଖ ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଫାଇନାଲ ଖେଳକୁ ରମେଶ ମହାରଣା ଓ ସୌମ୍ୟ ରଂଜନ ଦାସ ପରିଚାଳନା କରିଥିଲେ। ଭାଷ୍ୟକାର ଓ ସ୍କୋରର ଭାବେ ରୋଶନ ସାହୁ, ଅରୁଣ କୁମାର ପତି, ଇମ୍ରାନ୍ ଖାଁନ, ଶ୍ରଦ୍ଧାସୁମନ ସାହୁ, ଚିନ୍ମୟ ଦଳାଇ, ସୁନିଲ ସାହୁ, ବଳରାମ ସାହୁ, ଉତ୍କଳ ଜେନା, ହେମନ୍ତ ସାହୁ, ଦିଲ୍ଲୀପ ଜେନା, ରଞ୍ଜିତ ନାୟକ, ରଘୁନାଥ ଜେନା ଓ ମାଧବାନନ୍ଦ ଜେନା ପ୍ରମୁଖ ସହଯୋଗ କରିଥିଲେ। ଫାଇନାଲ ଖେଳକୁ ସ୍ଥାନୀୟ ଅଞ୍ଚଳର ୧୦ ହଜାରରୁ ଉର୍ଦ୍ଧ୍ୱ କ୍ରିକେଟ ପ୍ରେମୀ ଯୋଗ ଦେଇ ଖେଳ ଉପଭୋଗ କରିଥିଲେ।

# ଭୁଲ ନିଷ୍ପତ୍ତି ନେଇ ଜୈସ୍ୱାଲଙ୍କୁ ଦିଆଗଲା ଆଉଟ୍ : ଗାଭାସ୍କର

**ମେଲବର୍ଣ୍ଣ**

ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯାଇଥିବା ମେଲବର୍ଣ୍ଣ ଟେଷ୍ଟରେ ଯୁବ ବ୍ୟାଟ୍ସମ୍ୟାନ ଯଶସ୍ୱୀ ଜୈସ୍ୱାଲଙ୍କ ଆଉଟ୍ ହେବାକୁ ନେଇ ବିବାଦ ଦେଖାଦେଇଛି। ଏହି ଖେଳାଳିଙ୍କୁ କ୍ୟାଚ୍ ଆଉଟ୍ ଦେବାକୁ ନେଇ ସୁନୀଲ ଗାଭାସ୍କର ରାଗରେ ନିଆଁବାଣ ହୋଇଛନ୍ତି। ସେ ଅମ୍ପାୟାରମାନଙ୍କ ଉପରେ ରାଗ ଶୁଝାଇଛନ୍ତି। କେବଳ ଏତିକି ନୁହେଁ ଷ୍ଟାଡିୟମରେ ଉପସ୍ଥିତ ପ୍ରଶଂସକ ମଧ୍ୟ ଜୈସ୍ୱାଲଙ୍କ ଆଉଟ୍‌କୁ ନେଇ ଖପ୍ପା ନଜର ଆସିଥିଲେ। ସେମାନେ ମଇଦାନରେ ଚିଟର-ଚିଟର ସ୍ଲୋଗାନ ଦେଇଥିଲେ।

ଏହି ଘଟଣା ଭାରତର ଦ୍ୱିତୀୟ ଇନିଂସର ୭୧ ତମ ଓଭରର। ପ୍ୟାଟ୍ କମିନ୍ସଙ୍କ ଏହି ଓଭରର ୫ମ ବଲ୍‌ରେ ଯଶସ୍ୱୀ ପୁଲ୍ ଶଟ୍ ଖେଳିଥିଲେ। ଉଇକେଟକିପର ଆଲେକ୍ସ କ୍ୟାରି ଡାଇଭ୍ ଲଗାଇ କ୍ୟାଚ୍ ଧରିଥିଲେ। ଅମ୍ପାୟାର ଏହାକୁ ନଟ୍‌ଆଉଟ୍ ଦେଇଥିଲେ। ହେଲେ କମିନ୍ସ ନିଶ୍ଚିତ ଥିଲେ ଯେ ବଲ୍ ଜୈସ୍ୱାଲଙ୍କ ବ୍ୟାଟ୍‌ରେ ବାଜିଛି। ଏଣୁ ସେ ରିଭ୍ୟୁ ନେଇଥିଲେ। ଅମ୍ପାୟାର ସବୁଦିଗରୁ ବଲ୍‌କୁ ଦେଖିଥିଲେ। ରିପ୍ଲେରେ ଡିଫ୍ଲେକ୍ସନ ସ୍ପଷ୍ଟ ନଜର ଆସୁଥିଲା। ହେଲେ ଯେବେ ସ୍ନିକୋରେ ଦେଖାଗଲା କିଛି ଜଣାପଡ଼ି ନ ଥିଲା। ଏମିତିରେ ପ୍ରଶଂସକ ଭାବିଥିଲେ ଯେ ଜୈସ୍ୱାଲ ଆଉଟ୍ ନୁହନ୍ତି। ହେଲେ ଥର୍ଡ ଅମ୍ପାୟାର ଫିଲ୍ଡ ଅମ୍ପାୟାରଙ୍କୁ ନିଷ୍ପତ୍ତି ବଦଳାଇବାକୁ କହିଥିଲେ। ଅମ୍ପାୟାର ଆଉଟ୍ ଦେବା ମାତ୍ରେ ଗାଭାସ୍କର ଗର୍ଜି ଉଠିଥିଲେ। ଜୈସ୍ୱାଲ ମଧ୍ୟ ମଇଦାନ ଛାଡ଼ିବା ପୂର୍ବରୁ ଅମ୍ପାୟାରଙ୍କ ସହ କଥା ହେଉଥିବା ନଜର ଆସିଥିଲେ, କାରଣ ସେ ଏଥିରେ ଖୁସି ନ ଥିଲେ। ଗାଭାସ୍କର ନିଷ୍ପତ୍ତିରେ ସହମତ ନ ଥିଲେ। ସେ କହିଥିଲେ ଯେ, ଯଦି ଟେକ୍ନୋଲୋଜି ଉପରେ ବିଶ୍ୱାସ ନାହିଁ ତେବେ ତାହାକୁ ବ୍ୟବହାର କରନ୍ତୁ ନାହିଁ। ଏହା ବିଲ୍‌କୁଲ ଭୁଲ ନିଷ୍ପତ୍ତି ଥିଲା।

# ଚେସ୍‌ରେ ଇତିହାସ ରଚିଲେ ହମ୍ପି : ଦ୍ୱିତୀୟ ଥର ଜିତିଲେ ବିଶ୍ୱ ରାପିଡ୍ ଚାମ୍ପିୟନସିପ୍



**ନୂଆଦିଲ୍ଲୀ**

ବର୍ଷ ୨୦୨୪ ଚେସ୍ ଖେଳରେ ଭାରତ ପାଇଁ ବେଶ୍ ସ୍ମରଣୀୟ ହୋଇ ରହିବ। ଚଳିତ ବର୍ଷ ୧୮ ବର୍ଷୀୟ ଚେସ୍ ଖେଳାଳି ଡି. ଗୁକେଶ ବିଶ୍ୱ ଚାମ୍ପିୟନ ହୋଇ ନୂଆ ଇତିହାସ ରଚିଛନ୍ତି। ତାଙ୍କ ସଫଳତା ପାଇଁ ତାଙ୍କୁ ଚାରିଆଡୁ ଭୂୟସୀ ପ୍ରଶଂସା ମିଳୁଛି। ଏହାରି ମଧ୍ୟରେ ଆଉ ଜଣେ ଭାରତୀୟ ଚେସ୍ ଖେଳାଳି ରଚିଛନ୍ତି ଇତିହାସ। ୨୦୨୪ ସମାପ୍ତ ପୂର୍ବରୁ ଭାରତୀୟ ମହିଳା ଚେସ୍ ଖେଳାଳି ହମ୍ପୀ କୋନେରୁ ବିଶ୍ୱ ରାପିଡ୍ ଚେସ୍ ଟାଇଟଲ ନିଜ ନାଁରେ କରିଛନ୍ତି। ବଡ଼ କଥା ହେଲା ହମ୍ପୀ ଦ୍ୱିତୀୟ ଥର ଏହି ଟାଇଟଲ ଜିତିଛନ୍ତି। ହମ୍ପୀ କୋନେରୁ, ଇଣ୍ଡୋନେସିଆର ଇରୀନ ସୁକନ୍ଦରଙ୍କୁ ହରାଇ ଜିତିଛନ୍ତି ଟାଇଟଲ। ପ୍ରଥମ ଥର ହମ୍ପୀ ବିଶ୍ୱ ରାପିଡ୍ ଚେସ୍ ଚାମ୍ପିୟନସିପ୍ ୨୦୧୯ରେ ଜର୍ଜିଆରେ ଜିତିଥିଲେ। ଆଉ ଏବେ ପାଞ୍ଚ ବର୍ଷ ପରେ ପୁଣି ଇତିହାସ ଦୋହରାଇଛନ୍ତି। ସେପଟେ ହମ୍ପୀଙ୍କ ଐତିହାସିକ ବିଜୟ ପରେ ଏବେ ତାଙ୍କ ପାଖକୁ ପୂରା ଦେଶରୁ ଛୁଟିଛି ଶୁଭେଚ୍ଛା ଏବଂ ଶୁଭକାମନା। ଡି ଗୁକେଶଙ୍କ ପରେ ଏବେ ହମ୍ପୀଙ୍କ ସଫଳତାକୁ ନେଇ ଗର୍ବ କରୁଛି ଦେଶ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ହମ୍ପୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ଭାରତୀୟ ଗ୍ରାଣ୍ଡ୍‌ମାଷ୍ଟର ୧୧ରୁ ୮.୫ ପଏଣ୍ଟ ସହ ଚାମ୍ପିୟନସିପ୍ ଶେଷ କରିଥିଲେ। ଦ୍ୱିତୀୟ ଥର ବିଶ୍ୱ ରାପିଡ୍ ଟାଇଟଲ ନିଜ ନାଁରେ କରିବା ପରେ ହମ୍ପୀ ଖୁସି ପ୍ରକାଶ କରିଛନ୍ତି। ସେ କହିଛନ୍ତି 'ମୁଁ ବହୁତ ଖୁସି ଏବଂ ଉତ୍ସାହିତ କାରଣ ଏହା ମୋର ଦ୍ୱିତୀୟ ବିଶ୍ୱ ରାପିଡ୍ ଟାଇଟଲ। ମୁଁ ୨୦୧୯ରେ ଜିତିଥିଲି।' ସୂଚନାଥାଉ କି, ବିଶ୍ୱ ରାପିଡ୍ ଚେସ୍ ଚାମ୍ପିୟନସିପ୍‌ର ମହିଳା ବର୍ଗରେ ଭାରତର ହମ୍ପୀ କୋନେରୁଙ୍କ ଜଲୱା ଦେଖିବାକୁ ମିଳିଥିବାବେଳେ ପୁରୁଷ ବର୍ଗରେ ଭୋଲୋଦର ମୁର୍ଜିନ ଇତିହାସ ରଚିଛନ୍ତି। ରୁଷର ଭୋଲୋଦୋର ମାତ୍ର ୧୮ ବର୍ଷ ବୟସରେ ବିଶ୍ୱ ରାପିଡ୍ ଚେସ୍ ଚାମ୍ପିୟନ ହୋଇଛନ୍ତି। ସେ ନୋଦିରବେକ ଅବ୍ଦୁସତ୍ତୋରୋଭଙ୍କ ପରେ ଏହି ଟାଇଟଲ ଜିତିଥିବା ଦ୍ୱିତୀୟ ସବୁଠୁ ଯୁବ ଖେଳାଳି। ୧୭ ବର୍ଷ ବୟସରେ ନୋଦିରବେକ ଫିଡ୍ ୱାର୍ଲ୍ଡ ରାପିଡ୍ ଚେସ୍ ଚାମ୍ପିୟନ ହୋଇଥିଲେ।

# ଫୁଲଟସ୍ ବଲ୍‌ରେ ଛକା ମାରି ଟଳିପଡ଼ିଲେ କ୍ରିକେଟର

**ମୁମ୍ବାଇ**

ମହାରାଷ୍ଟ୍ରର ଜଲନା ସହରରେ ଏକ ଆଶ୍ଚର୍ଯ୍ୟଜନକ ଘଟଣା ଘଟିଛି। ଏଠାରେ ଖ୍ରୀଷ୍ଟମାସ ଅବସରରେ 'ଫ୍ରେସର ବଏଜ' ଗ୍ରାଉଣ୍ଡରେ ଏକ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଆୟୋଜନ କରାଯାଇ ଥିଲା। ଖେଳ ସମୟରେ ଜଣେ କ୍ରିକେଟର ଛକା ମାରିବା ମାତ୍ରେ ସେ ହଠାତ୍ ତଳେ ପଡ଼ିଯାଇ ପ୍ରାଣ ହରାଇଥିଲେ। ଏହି ଘଟଣାର ସୂଚନା ପାଇବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ପୋଷ୍ଟମର୍ଟମ ପାଇଁ ପଠାଇଛି। ଏଯାବତ ଯୁବକଙ୍କ ମୃତ୍ୟୁର କାରଣ ଜଣାପଡ଼ି ନାହିଁ। ମୃତ କ୍ରିକେଟର ନାଲାସୋପାରା ନିବାସୀ ବିଜୟ ପଟେଲ ବୋଲି ଜଣାପଡ଼ିଛି। କୁହାଯାଉଛି ଯେ ଫ୍ରେଜର ବଏସ ଗ୍ରାଉଣ୍ଡରେ ଆୟୋଜିତ କ୍ରିକେଟ ପ୍ରତିଯୋଗିତାରେ ୩୨ ବର୍ଷୀୟ ବିଜୟ ମଧ୍ୟ ଭାଗ ନେଇଥିଲେ। ଘଟଣା ସମୟରେ ସେ ବ୍ୟାଟିଂ କରୁଥିଲେ। ଏହି ସମୟରେ ଯେତେବେଳେ ଫୁଲ୍ ଟସ୍



ବଲ ଆସିଥିଲା। କ୍ରିକେଟର ବିଜୟ ମଧ୍ୟ ଏହାକୁ ସମାନ ଢଙ୍ଗରେ ଖେଳିଥିଲେ। ହେଲେ ବଲ୍ ଛକା ହୋଇଥିବା ବେଳେ ହଠାତ୍ ବିଜୟ ତଳେ ପଡ଼ିଯାଇଥିଲେ। ତାଙ୍କୁ ପଡୁଥିବା ଦେଖି ଅନ୍ୟ ଖେଳାଳିମାନେ ଦୌଡ଼ି ଆସି ତାଙ୍କୁ ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାର ଖବର ପାଇବା ମାତ୍ରେ କ୍ରିକେଟ ପ୍ରେମୀଙ୍କ ମଧ୍ୟରେ ଦୁଃଖର ବାତାବରଣ ଖେଳିଯାଇଛି। ଏନେଇ ସୋସିଆଲ ମିଡିଆରେ ଭିଡିଓ ଏବଂ ଫଟୋ ମଧ୍ୟ ଭାଇରାଲ ହେବାରେ ଲାଗିଛି। ସୂଚନା ପାଇବା ପରେ ପୋଲିସ ଡାକ୍ତରଖାନାରେ ପହଞ୍ଚି ବିଜୟ ପଟେଲଙ୍କ ମୃତଦେହକୁ ପୋଷ୍ଟମର୍ଟମ ପାଇଁ ପଠାଇଛି। ଏଥିସହ ପୋଲିସ ଘଟଣାର ତଦନ୍ତ କରୁଛି। ଏହା ହୃଦ୍‌ଘାତର ମାମଲା ହୋଇଥାଇପାରେ, ତଥାପି ପୋଷ୍ଟମର୍ଟମ ପରେ ପ୍ରକୃତ କଥା ଜଣାପଡିବ ବୋଲି ପୋଲିସ କହିଛି। ତେବେ କ୍ରିକେଟରଙ୍କ ଏଭଳି ମୃତ୍ୟୁ କ୍ରିକେଟ ପ୍ରେମୀଙ୍କୁ ତଥା ଘଟଣାସ୍ଥଳରେ ଉପସ୍ଥିତ ଥିବା ସମସ୍ତ ଯୁବକଙ୍କୁ ଚକିତ କରିଛି।

# ୨ୟ ଅଟଳ ଏକାମ୍ର ଧମାକା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଏକାମ୍ର ନିର୍ବାଚନ ମଣ୍ଡଳୀର ସମସ୍ତ ୨୪ ୱାର୍ଡ଼ ଓ ୬ ପଞ୍ଚାୟତରୁ ଖେଳାଳି ବନ୍ଧୁଙ୍କୁ ନେଇ ଆୟୋଜିତ କ୍ରିକେଟ୍‌ର ମହାକୁମ୍ଭ ଅଟଳ ଏକାମ୍ର ଧମାକା ସିଜିନ - ୨ କପିଳପ୍ରସାଦର ସାଭ ପଡ଼ିଆରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଏକାମ୍ରରୁ ୫୦ରୁ ଉର୍ଦ୍ଧ୍ୱ ଟିମ୍ ଯୋଗଦେଇଛନ୍ତି। ଏହି ଟୁର୍ଣ୍ଣାମେଣ୍ଟ ୧୦ ଦିନ ଧରି ଚାଲିବ। ପ୍ରଥମ ଦିନ ମ୍ୟାଚ ୱାର୍ଡ଼ ନଂ ୫୨, ୪୪, ୬୭, ୬୨, ୨୪, ୪୫, ୫୦, ୬୦, ୫୮, ପଞ୍ଚାୟତ ଇଟିପୁର, ଲିଙ୍ଗିପୁର ଖେଳିଥିଲେ। ଏହି ମ୍ୟାଚ୍‌ରେ ୱାର୍ଡ଼ ନଂ ୫୨, ୬୭, ୫୦, ୪୪, ୬୦, ୫୮ ବିଜୟୀ ହୋଇଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ୱିନର ୫୦,୦୦୦ ଟଙ୍କା ଓ ରନର୍ସଅପ୍ ୩୫,୦୦୦ ଟଙ୍କା। ସମସ୍ତ କ୍ୱାର୍ଟର ଫାଇନାଲିଷ୍ଟ ଦଳଙ୍କୁ ୫୦୦୦ ଟଙ୍କା, ସମସ୍ତ ସେମିଫାଇନାଲିଷ୍ଟ ଦଳଙ୍କୁ ୧୦୦୦୦ ଟଙ୍କା, ବେଷ୍ଟ ବ୍ୟାଟସ୍ ମ୍ୟାନ, ବୋଲର, ଫିଲ୍ଡର, ଡିଶିପ୍ଲିଣ୍ଟ ଟିମ୍‌ଙ୍କୁ କପ୍ ସହ ୧୦୦୦ ଟଙ୍କା ପ୍ରଦାନ କରାଯିବ। ଏହି ଉଦ୍‌ଘାଟନୀ ଉତ୍ସବକୁ ଏକାମ୍ର ବିଧାୟକ ବାବୁ ସିଂ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଶ୍ରୀ ସିଂ କହିଛନ୍ତି ଯେ ୨ୟ ଅଟଳ ଏକାମ୍ର ଧମାକା କ୍ରିକେଟ ଟୁର୍ଣ୍ଣାମେଣ୍ଟ ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଯୁବ ବର୍ଗଙ୍କୁ ଖେଳ ପ୍ରତି ଆଗ୍ରହ ଜନ୍ମେଇବା। ଏହି ଟୁର୍ଣ୍ଣାମେଣ୍ଟ ଏକାମ୍ରର ଖେଳାଳିମାନଙ୍କୁ ଏକ ନୂଆ ଉତ୍ସାହ ଉଦ୍ଦୀପନା ଦେବ ଓ କ୍ରୀଡ଼ା କ୍ଷେତ୍ରରେ ଆଉ ଏକ ପାଦ ବଢ଼ାଇବ ଏକାମ୍ର ନିର୍ବାଚନ ମଣ୍ଡଳୀ। ବହୁ ସଂଖ୍ୟାରେ ଖେଳପ୍ରେମୀ ଯୋଗ ଦେଇ ଟୁର୍ଣ୍ଣାମେଣ୍ଟକୁ ସଫଳ କରିବା ପାଇଁ ମୁଁ ନିବେଦନ କରୁଛି। ଏହି ଟୁର୍ଣ୍ଣାମେଣ୍ଟରେ କର୍ପୋରେଟର ମଧୁସ୍ମିତା ପ୍ରଧାନ, ବ୍ଲକ୍ ଚେୟାରମ୍ୟାନ ନିରୁପମା ସାହୁ, ମଣ୍ଡଳ ସଭାପତି ସୁରେନ୍ଦ୍ର ପ୍ରଧାନ, ଅରୁଣ ପୁରୋହିତ, ରାମଚନ୍ଦ୍ର ରଣସିଂ, ପୂର୍ବତନ କର୍ପୋରେଟର ଦେବୀ ପ୍ରସାଦ ନନ୍ଦ, କୃଷ୍ଣ ଚନ୍ଦ୍ର ସେଠୀ, ସୁରେନ୍ଦ୍ର ପ୍ରଧାନ, ପୂର୍ବତନ କ୍ରିକେଟ ଖେଳାଳି ଗୌରପ୍ରସାଦ ନନ୍ଦ, ସ୍ଥାନୀୟ ନେତୃତ୍ୱ ବିଶ୍ୱନାଥ ସେଠୀ, ଅକ୍ଷୟ ଜେନା, ରବି ପାତ୍ର, କୃଷ୍ଣ ନାୟକ, ଜିତୁ ପଟ୍ଟନାୟକ, ଆଲୋକ ସାହୁ, ବିଦ୍ୟୁଲତା ବଳିୟାରସିଂ, ମନୋଜ ପାତ୍ର, ଶଶାଙ୍କ ଶେଖର ବିଶ୍ୱାଳ, ଟୁନା ସ୍ୱାଇଁ, ସୂର୍ଯ୍ୟକାନ୍ତ ସାହୁ, ଅକ୍ଷୟ ବରାଳ, ଦୁର୍ଗା ପ୍ରସାଦ ମହାପାତ୍ର, ପ୍ରଶାନ୍ତ ପ୍ରଧାନ, ଜୟ ମଲ୍ଲୀଆ, କୃଷ୍ଣ ଚନ୍ଦ୍ର ବଟୁ, ଶୁଭଶ୍ରୀ ଚମ୍ପତି, ଜ୍ୟୋତିର୍ମୟୀ ମହାନ୍ତି, ଅମ୍ବିକା ମହାରଣା, ବୀଣା ପାଣି ରଥ, ବିଦୁଲତା ସତ୍‌ପଥୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ସମ୍ବର୍ଦ୍ଧନା କରିଥିଲେ।

ଓଡିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା CAD-2017
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ:(୦୬୭୪)୨୩୯୩୫୨୪,
ଏପିବିଏକ୍ସ:(୦୬୭୪)୨୩୯୧୫୪୨,୨୩୯୦୧୪୧
ଫାକ୍ସ:(୦୬୭୪)୨୩୯୩୯୫୨, ୱେବ ସାଇଟ: https://oshb.org

ବିଜ୍ଞାପନ

ପତ୍ର ସଂଖ୍ୟା: ୨୩୬ ତା: ୨୪.୧୨.୨୦୨୪

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମଦରଜ କରିବା ପାଇଁ ଆବେଦନ କରିଅଛନ୍ତି। ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣ ଯୋଗ୍ୟ ନୁହେଁ।

| କ୍ର.ନଂ | ଆବଣ୍ଟନଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧ | ନାମ-୰ଶଙ୍କର୍ଷଣ ସାହୁ, ପିତା-୰ପରମାନନ୍ଦ ସାହୁ, ସା-ନୀଳମଣି ପୁର, ପୋ-ମହତପଲ୍ଲା, ଥାନା-ରାଜାରଣ ପୁର, ଜିଲ୍ଲା-ନୟାଗଡ | ଘର ନଂ-ଏଲ.ଆଇ.ଜି-୪୬୩ (LIG-463), ପ୍ରଶାନ୍ତି ବିହାର, ପଟିଆ, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା | ୧.ଉମାମଣୀ ସାହୁ (ସ୍ତ୍ରୀ) ୨.ସସ୍ମିତା ଜେନା (ବି.କନ୍ୟା) ୩.ଅଜିତ କୁମାର ସାମନ୍ତରାୟ (ପୁତ୍ର) ୪.ସୁଜିତ କୁମାର ସାମନ୍ତରାୟ (ପୁତ୍ର) |

ସ୍ୱା-ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0386/2425

GOVERNMENT OF ODISHA Email:- rw_dharmagarh@yahoo.com
OFFICE OF THE SUPERINTENDINGENGINEER
RURAL WORKS DIVISION, DHARMAGARH O-1031
BID IDENTIFICATION NO. DMGH/Online-09 of 2024-25 Dates 24.12.2024
"e" PROCUREMENT NOTICE
Bid documents consisting of Work, Estimate Cost, Cost of tender Paper, Bid Security, Time of Completion, Class of Contractor and the set of terms and conditions of contract and other necessary documents can be seen in Govt. website i.e www.tendersorissa.gov.in
1. Name of the Work : Road & Building works in the District of Kalahandi as mentioned in DTCN
2. Total No of Works : 23 No.
3. Estimated Cost: : Rs. 1.68 Lakhs to Rs. 42.01 lakhs
4. Period of Completion : 01 Calendar Month
5. Other Details:

| Availability of Tender online for bidding | | Last date & time seeking tender clarification | Date &timeof Opening of tender |
|---|---|---|---|
| From | To | | |
| 02.01.2025 At 10.00 AM | 13.01.2025 Up to 5.00 PM | 08.01.2025 Up to 5.00 PM | 15.01.2025 At 11.00 AM |

Further details can be seen from the website www.tendersorissa.gov.in
Sd/- Executive Engineer
OIPR-25100/11/0014/2425 Rural Works Division, Dharmagarh

GOVERNMENT OF ODISHA E-mail ID: - eerwkaianjia@yahoo.com
OFFICE OF THE SUPERINTENDING ENGINEER
RURAL WORKS DIVISION KARANJIA (MAYURBHANJ) O-1085
Letter No. 5632 / WE // Date. 23.12.2024
"e" Procurement Notice for Const. of bridge-cum-weir for year 2024-25
Bid Identification No - RWDKNJ - 10 / 2024-25
1. Name of the w'ork : Road Works (As per Annexure) Rs. 5.04 Lakh to Rs. 37.82 Lakh Approximately (As per Annexure)
2. Estimated Cost . : 'D'&'C' Class, 'C'&'B'Class (As per Annexure)
3. Class of Contractor : 1 Calender Month
4. Period of Completion : Rs. 4,000/- to Rs. 6000/- towards cost of bid through a process
5. Tender Paper Cost as mentioned : in the DTCN.

| Procurement Officer | Bid Identification No. | Availability of tender Online for bidding | | Last Date & Time of seeking Tender Clarification | Date & Time of Opening of Tender in O/o S.E., R.W. Division, Karanjia |
|---|---|---|---|---|---|
| | | From | To | | Technical Bid |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division Karanjia | Road Online NCB No. 10/24-25 | Dt.30.12.2024 at 11.00 A.M. | Dt.06.01.2025 up to 5.00 P.M. | Dt.04.01.2025 up to 5.00 P.M. | Dt.07.01.2025 at 11.00 A.M. |

Further details can be seen from the website www.tendersorissa.gov.in
Sd/- Superintending Engineer
R.W. Division, Karanjia
OIPR-25086/11/0011/2425

# ରାଜ୍ୟସ୍ତରୀୟ ଅଶୋକ ଦାସ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ : ଯାଜପୁର ଏମ୍.ସି.ସି ବିଜୟୀ

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ସହରର କୁସୁମା ପଡ଼ିଆ ଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ୧୬ତମ ଅଶୋକ ଦାସ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସର ମ୍ୟାଚ୍ ଏମ୍.ସି.ସି., ଯାଜପୁର ଟାଉନ୍ ଓ କ୍ରିକେଟ ଏକାଡ଼େମୀ, ଯାଜପୁର ରୋଡ଼ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଏମ୍.ସି.ସି., ଯାଜପୁର ଟାଉନ୍ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। କ୍ରିକେଟ ଏକାଡ଼େମୀ, ଯାଜପୁର ରୋଡ଼ ନିର୍ଦ୍ଧାରିତ ୩୦ ଓଭର ଖେଳି ୯ ୱିକେଟ ହରାଇ ୧୬୦ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଏସ୍.କେ ସାହାବୁଦ୍ଦିନ୍ ସର୍ବାଧିକ ୪୨ ରନ୍ ସଂଗ୍ରହ କରିଥିବା ବେଳେ ଆଦିତ୍ୟ ଜେନା ୪୧ ରନ୍ ସଂଗ୍ରହ କରିଥିଲେ। ଏମ୍.ସି.ସି., ଯାଜପୁର ଟାଉନ୍‌ର ବୋଲର ଶିବ ସୁନ୍ଦର ଦାସ ୬ ଓଭର ବୋଲିଂ କରି ୧୭ ରନ୍ ଦେଇ ୨ଟି ୱିକେଟ ଅକ୍ତିଆର କରିଥିବା ବେଳେ ହମିଦ୍ ରାଜା ୩ ଓଭର ବୋଲିଂ କରି ୧୩ ରନ୍ ଦେଇ ୨ଟି ୱିକେଟ ଅକ୍ତିଆର କରିଥିଲେ। ଏହାର ଜବାବରେ ଏମ୍.ସି.ସି., ଯାଜପୁର ଟାଉନ୍ ମାତ୍ର ୨୯.୪ ଓଭର ଖେଳି ୯ ୱିକେଟ ହରାଇ ୧୬୧ ରନ୍ ସଂଗ୍ରହ କରି ବିଜୟ ହାସଲ କରିଥିଲେ। ଦଳ ପକ୍ଷରୁ ବିଜୟ କୁମାର ଯେନା ସର୍ବାଧିକ ୭୩ ରନ୍ ସଂଗ୍ରହ କରିଥିବା ବେଳେ ବିଭୂତି ଭୂୟାଁ ୩୭ରନ୍ ସଂଗ୍ରହ କରିଥିଲେ। ସୋମବାରର ଏହି ମ୍ୟାଚ୍‌ରେ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ବିଜୟ କୁମାର ଜେନା ପୁରସ୍କୃତ ହୋଇଥିଲେ। ଏହି ମ୍ୟାଚ୍‌କୁ ମେଲବୋର୍ଣ୍ଣ କ୍ରିକେଟ୍ କ୍ଲବର ସଭାପତି ଅଭୟ ବଲ୍ଲଭ ପଣ୍ଡା, ବିଶିଷ୍ଟ କ୍ରୀଡ଼ାବିତ୍ ଶ୍ରୀଜୟ ମହାପାତ୍ର, ଦିବାକର କର, ଯୁବନେତା ମନୋଜ ସାହୁ, ସୁବାଶିଷ ରାଉତ, ସେକ୍ ସାହାଜୁଦ୍ଦିନ, ସ୍ୱସ୍ତିକ ପହି, ଅନିଲ ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଏହି ମ୍ୟାଚ୍‌କୁ ଅମ୍ପାୟାର ଭାବେ ଖଗେଶ୍ୱର ମଲ୍ଲିକ ଓ ରଞ୍ଜନ ମହାନ୍ତି ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ଯଯାତି କେଶରୀ ସାମଲ ପରିଚାଳନା କରିଥିଲେ। ମଙ୍ଗଳବାର ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଆଦର୍ଶ କ୍ଲବ୍, ବାଲେଶ୍ୱର ଓ ଏମ୍.ସି.ସି, ଯାଜପୁର ମଧ୍ୟରେ ଅନୁଷ୍ଠିତ ହେବ।

# ଏସ୍‌ଏସ୍ ବଦର୍ସ କ୍ରିକେଟ କ୍ଲବ୍ ଟୁର୍ଣ୍ଣାମେଣ୍ଟ : ସାଇଲୋ ପଞ୍ଚାୟତ ଚାମ୍ପିଅନ



**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**

ତିର୍ତ୍ତୋଲ ବ୍ଲକ୍ ଅନ୍ତର୍ଗତ ଦାଇଂଲୋ ପଞ୍ଚାୟତ ଦାମୋଦର ପାଟଣା ଖେଳ ପଡ଼ିଆରେ ୩ ଦିନ ଧରି ଚାଲିଥିବା ଏସ୍‌ଏସ୍ ବଦର୍ସ କ୍ରିକେଟ କ୍ଲବ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛ। ଏହି ଫାଇନାଲ ମ୍ୟାଚ୍‌ରେ ସାଇଲୋ ପଞ୍ଚାୟତ ଚାମ୍ପିଅନ ବିବେଚିତ ହୋଇଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ ୮ ଗୋଟି କ୍ରିକେଟ ଟିମ୍ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ୍ ସାଇଲୋ ପଞ୍ଚାୟତ ଓ ଜଗନ୍ନାଥପୁର ପଞ୍ଚାୟତ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଜଗନ୍ନାଥପୁର କ୍ରିକେଟ ଟିମ୍ ପ୍ରଥମେ ଟସ୍ ଜିତି ନିର୍ଦ୍ଧାରିତ ୧୨ ଓଭର ମଧ୍ୟରେ ସମସ୍ତ ଉଇକେଟ ହରାଇ ୮୦ ରନ ସଂଗ୍ରହ କରିଥିଲା। ଜବାବରେ ସାଇଲୋ କ୍ରିକେଟ ଟିମ ୯ ଓଭରରେ ୫ ଉଇକେଟ ହରାଇ ୮୧ ରନ କରି ଚାମ୍ପିଅନ ହୋଇଥିଲା। ଇନ୍ଦ୍ରଜିତ ବରାଳ ମ୍ୟାନ ଅଫ ଦି ମ୍ୟାଚ ଓ ସିତୁ ମହାନ୍ତି ମ୍ୟାନ ଅଫ ଦି ସିରିଜ ଭାବେ ବିବେଚିତ ହୋଇଥିଲେ। ଏହି ମ୍ୟାଚ୍‌ରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ଅନିତା ବାରିକ, ସମ୍ମାନିତ ଅତିଥିଭାବେ ଦାଇଁଲୋ ସେବା ସମବାୟ ସମିତି ସମ୍ପାଦକ ଗଗନ ବିହାରୀ ସ୍ୱାଇଁ, ପୂର୍ବତନ ଜିଲ୍ଲାପରିଷଦ କ୍ଷୀରୋଦ କୁମାର ବାରିକ ପ୍ରମୁଖ ଯୋଗଦେଇ ଉଭୟ ଚାମ୍ପିଅନ ଦଳକୁ ଅର୍ଥ ରାଶି ୮୦୦୧ ଟ୍ରଫି ଓ ରନର୍ସଅପ୍ ଦଳକୁ ୭୦୦୧ ଟ୍ରଫି, ପ୍ରଦାନ କରିଥିଲେ। ଏହି ମ୍ୟାଚ୍‌ରେ ଅମ୍ପାୟାର ଭାବେ ପ୍ରଶାନ୍ତ କୁମାର ମହାପାତ୍ର, ପ୍ରଶାନ୍ତ ଜେନା, ଜିତେନ୍ଦ୍ର ବାରିକ ପ୍ରମୁଖ ଖେଳ ପରିଚାଳନା କରିଥିବାବେଳେ ପ୍ରୀତି ରଞ୍ଜନ ଦଳାଇ ଓ ଅୟସ କାନ୍ତ ମହାପାତ୍ର ପ୍ରମୁଖ ଭାଷ୍ୟକାର ଭାବେ ଖେଳର ସମସ୍ତ ବିବରଣୀ ପ୍ରଦାନ କରିଥିଲେ। ସୁଧୀର କୁମାର ମଲ୍ଲିକ, ପରମିତ ସୁନ୍ଦର ଦାସ, ଦୀପକ ମହାପାତ୍ର, ଜ୍ଞାନ ରଞ୍ଜନ ମହାପାତ୍ର, ସୁମିତ କୁମାର ଦାସ, ଦେବାଶିଷ ମଲ୍ଲିକ, ଧର୍ମେନ୍ଦ୍ର ବାରିକଙ୍କ ସମେତ ଏସ୍‌ଏସ୍ ବଦର୍ସ କ୍ରିକେଟ କ୍ଲବର ସମସ୍ତ ସଦସ୍ୟ ପରିଚାଳନା କରିଥିଲେ।



# କଂସ ଦରବାରରେ ରାଜ ଅତିଥି ଭାବେ ଯୋଗଦେଲେ ପଞ୍ଚାୟତିରାଜ ମନ୍ତ୍ରୀ

ବିନିକା, ନ୍ୟୁଜ ବ୍ୟୁରୋ

କଳା ସଂସ୍କୃତିକୁ ବଞ୍ଚାଇ ରଖିବା ସହିତ ଅସତ୍ୟ ଉପରେ ସତ୍ୟର ଜୟ ଏବଂ ଅଧର୍ମ ଉପରେ ଧର୍ମର ଜୟ ବାର୍ତ୍ତା ଦେଇ ହୋଇ ଆସୁଛି ଧନୁଯାତ୍ରା କ୍ଷ ଆଜକୁ ୨୦ ବର୍ଷ ହେବ ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ ଅରିଗାଁ ଠାରେ ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ହୋଇଆସୁଛି କ୍ଷ ଏହି ଧନୁଯାତ୍ରା ମହୋତ୍ସବରେ ମହାରାଜାଙ୍କ କଳାକୁ ଦର୍ଶକ ଉପଭୋଗ କରି କୁନି କୁନି ପୁଅ ଝିଅ ମାନେ ମୀନାବଜାର ବେଶ ମଜା ନେଉଛନ୍ତି କ୍ଷ ତା ସାଙ୍ଗକୁ କଂସ ଦରବାରରେ ରାଜ ଅତିଥି ଭାବରେ ପ୍ରତ୍ୟେକ ଦିନ ନେତା ମନ୍ତ୍ରୀ ବିଧାୟକ ମଞ୍ଚରେ ଉପସ୍ଥିତ ରହୁଛନ୍ତି । ଦୀର୍ଘ ୧୦ ଦିନ ଧରି ପାଳିତ ହେଉଥିବା ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ ସ୍ଥିତ ଅରିଗାଁ ୨୦ ତମ ଆଞ୍ଚଳିକ ଧନୁଯାତ୍ରା ମହାଆଡ଼ମ୍ବରରେ ହଜାର ହଜାର ଦର୍ଶକଙ୍କ ଭିଡ଼ରେ ଶୀତୁଆ ରାତିରେ ଚାଲିଛି କ୍ଷ ଆଧ୍ୟାତ୍ମିକ ପରିବେଶ ସହ ପୂର୍ବ ପରମ୍ପରା ରୀତି ନୀତି ଅନୁସାରେ କୃଷ୍ଣ ବଳରାମଙ୍କ ସମସ୍ତ ଲୀଳା ଖେଳା ସହ କଂସ ମହାରାଜାଙ୍କ ବଧ ପର୍ଯ୍ୟନ୍ତ ସମସ୍ତ ନାଟ୍ୟକୁ ଉପଭୋଗ କରୁଥିଲେ ଅଞ୍ଚଳବାସୀକ୍ଷ ବିନିକା ବ୍ଲକ ବାଙ୍ଗୀଘିଡି ପଞ୍ଚାୟତ ସ୍ଥିତ ଅରିଗାଁ ଏକ ଛୋଟ ଗାଁ ହୋଇଥିଲେ ମଧ୍ୟ ଧନୁଯାତ୍ରା କାରଣରୁ ଏହା ବେଶ ପ୍ରସିଦ୍ଧ। ଗାଁ କମିଟି ଏବଂ ଏହାର ଯୁବକ ମାନଙ୍କ ଅଦ୍ୟମ ପରିଶ୍ରମ ଏବଂ ପ୍ରଚେଷ୍ଟା ବଳରେ ଆଜି ଧନୁଯାତ୍ରା ଦୀର୍ଘ ବର୍ଷ ପୂରଣ କରି ପାରିଛି । ଏହି ବର୍ଷ ମଧ ଧନୁଯାତ୍ରା ରେ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା। ଧନଯାତ୍ରାର କଂସ ଦରବାରରେ କଂସ ମହାରାଜାଙ୍କ ଆଦେଶରେ ପ୍ରତ୍ୟେକ ଦିନ ନେତା ଅଭିନେତା ମନ୍ତ୍ରୀ ବିଧାୟକ ଉପସ୍ଥିତ ରାଜ ଅତିଥି ଭାବରେ ଜୋଗ ଦେଉଛନ୍ତି।

ଆଜି କଂସ ଦରବାରରେ ଧନୁଯାତ୍ରା କମିଟି ସଭାପତି ବିରମହାରାଜପୁର ବିଧାୟକ ରଘୁନାଥ ଜଗଦଲାଙ୍କ ସହିତ ଓଡ଼ିଶା ବିଧାନସଭାର ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ମୁଖ୍ୟ ରାଜଅତିଥି ଭାବେ ଯୋଗଦେଇଥିଲେକ୍ଷ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ମୁଖ୍ୟ ରାଜଅତିଥି ଭାବରେ ଯୋଗଦେଇ ଧନୁଯାତ୍ରାକୁ ବେଶ ଉପଭୋଗ କରିବା ସହ ପ୍ରତ୍ୟେକ ବର୍ଷ ଏଭଳି ଭାବରେ କମିଟି, ଅଞ୍ଚଳବାସୀଙ୍କ ସାହାଯ୍ୟ ସହଯୋଗ ଲାଗିରହି ଆଗକୁ ଏଭଲୀ ଭାବରେ ଚାଲିରହିଥାଉ ବୋଲି କଂସ ଦରବାରରେ ନିଜ ସଂସ୍କୃତିକ ବାର୍ତ୍ତା ରଖିଥିଲେ । ଅରିଗାଁ ଧନୁଯାତ୍ରାରେ କଂସ ଭୂମିକାରେ ଅଭିନୟ କରୁଥିବା ସୁଶିଲ କୁମାର ମେହେର ଏହି ମଞ୍ଚରେ ପୂର୍ବରୁ ମଧ୍ୟ ଅଭିନୟ କରିଆସୁଥିଲେ। ମୁଖ୍ୟ ଆକର୍ଷଣ କଂସଙ୍କ ଦରବାରରେ ହେଇଥିବା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ମହାରାଜ କଂସ ଭୂମିକାରେ ଅଭିନୟ କରୁଥିବା ସୁଶିଲ କୁମାର ମେହେରଙ୍କ ସଂଳାପ ଲୋକଙ୍କୁ ମଞ୍ଚ ପାଖକୁ ଟାଣି ନେଇଥିଲା । କଂସ ଗୋଟି ଗୋଟି ସମସ୍ତ ରାକ୍ଷସମାନଙ୍କୁ କୃଷ୍ଣ ବଳରାମଙ୍କୁ ମାରିବାକୁ ଯେତେବେଳେ ଗୋପପୁରକୁ ପଠାଇ ଥାଏ ଭଗବାନ କୃଷ୍ଣ ଦ୍ୱାରା ସମସ୍ତେ ହତ୍ୟା ହୁଅନ୍ତି । ସମସ୍ତ ଅସୁର ମାନଙ୍କୁ କୃଷ୍ଣ ବଳରାମ ବଧ କରିବା ଖବର ପାଇଁ ଚିନ୍ତା କରି କଂସ ଦୁଃଖରେ ଥାଏ। କିନ୍ତୁ ତଥାପି ମଧ କଂସ ମହାରାଜ କୃଷ୍ଣ ବଳରାମଙ୍କ ସହ ଲଢ଼େଇ କରିବା ପାଇଁ ଅନେଇ ରହିଥାଏକ୍ଷ ଏହି ଧନୁଯାତ୍ରାରେ ମିନାବଜାର,ବିଭିନ୍ନ ପ୍ରକାରର ରାମଦୋଳି,ବିଭିନ୍ନ ପ୍ରକାରର ଖାଦ୍ୟ ସାମଗ୍ରୀ ଦୋକାନ ପାଇଁ ପ୍ରବଳ ଗହଳି ହୋଇଥିଲା। କୃଷ୍ଣ ବଳରାମ ସହିତ ମଲ୍ଲ ଯୁଦ୍ଧରେ ମଞ୍ଚରୁ ପଡି କଂସ ବଧ ହେବା ପରେ ଧନୁଯାତ୍ରା ଉଦଯାପିତ ହୋଇଥିଲା କ୍ଷ ଏହି ଧନୁଯାତ୍ରାରେ ଅଞ୍ଚଳବାସୀଙ୍କ ସହ ଗ୍ରାମବାସୀ, କର୍ମକର୍ତ୍ତା, ପୋଲିସ ପ୍ରଶାସନ, କମିଟିର ସମସ୍ତ ସଦସ୍ୟଙ୍କ ସାହାଯ୍ୟ ସହଯୋଗ ଲାଗି ରହିଛି । ଏହି ଯାତ୍ରାଟି ସମସ୍ତଙ୍କ ସାହାଯ୍ୟ ସହଯୋଗରେ ଶାନ୍ତି ଶୃଙ୍ଖଳା ସହ ହେଉଛି । ପୂର୍ବ ପରମ୍ପରାକୁ ବଞ୍ଚାଇ ଏହି ଯାତ୍ରା ହୋଇଆସୁଥିବା ବେଳେ ଶୀତୁଆ ରାତିରେ କଂସ ଦରବାର ସହିତ ମୀନାବଜାର ସାଂସ୍କୃତିକ କାର୍ଯ୍ୟକ୍ରମକୁ ବେଶ ଉପଭୋଗ କରିଥିଲେ ଅଞ୍ଚଳର ହଜାର ହଜାର ଦର୍ଶକ ।

# ମହାକୁମ୍ଭ ମେଳା ପାଇଁ ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତିଙ୍କୁ ନିମନ୍ତ୍ରଣ କଲେ ଯୋଗୀ ଆଦିତ୍ୟ ନାଥ

ନୂଆଦିଲ୍ଲୀ

ଉତ୍ତର ପ୍ରଦେଶର ପ୍ରୟାଗରାଜରେ ଜାନୁଆରୀ ୧୩ରୁ ଆରମ୍ଭ ହେବାକୁ ଥିବା ମହାକୁମ୍ଭ ମେଳାରେ ଯୋଗ ଦେବେ ଭାରତର ବହୁ ବଡ଼ ବଡ଼ ନେତା, ମନ୍ତ୍ରୀ ଓ ପଦାଧିକାରୀ। ସାମିଲ ହେବେ ମହାମହିମ ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି। ଏନେଇ ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ଉପରାଷ୍ଟ୍ରପତି ଜଗଦୀପ ଧନଖରଙ୍କୁ ନିମନ୍ତ୍ରଣ ପତ୍ର ପ୍ରଦାନ କରିଛନ୍ତି। ନିମନ୍ତ୍ରଣ ସ୍ୱରୂପ କୁମ୍ଭ ମେଳାର ଲୋଗ ସହିତ ଏକ କଳସ ଉପହାର ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ତା'ସହିତ ନୂଆ ବର୍ଷର ଟେବୁଲ୍ କ୍ୟାଲେଣ୍ଡର ଏବଂ ଏକ ଡାଏରୀ ସହିତ ବିଶେଷ ଉପହାର ମଧ୍ୟ ପ୍ରଦାନ କରିଛନ୍ତି। ମହାକୁମ୍ଭ ମେଳା ୨୦୨୫ ଜାନୁଆରୀ ୧୩ରୁ ଆରମ୍ଭ ହୋଇ ଫେବୃଆରୀ ୨୫ରେ ଶେଷ ହେବ। ଏହି ମହୋତ୍ସବରେ ଯୋଗ ଦେବାକୁ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏବଂ ଦିଲ୍ଲୀ ଉପରାଜ୍ୟପାଳ ବିନୟ କୁମାର ସକ୍ସେନାଙ୍କୁ ମଧ୍ୟ ନିମନ୍ତ୍ରଣ କରିଛନ୍ତି ଯୁପି ମୁଖ୍ୟମନ୍ତ୍ରୀ। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟ ନାଥ ନୂଆଦିଲ୍ଲୀରେ ପଛକି ଯୋଗେ ପୂର୍ବତନ ରାଷ୍ଟ୍ରପତି ରାମ ନାଥ କୋବିନ୍ଦ, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଙ୍ଗଙ୍କୁ ଭେଟି ନିମନ୍ତ୍ରଣ ପତ୍ର ଦେଇଥିଲେ।





# ଜିନ୍ଦଲ ଷ୍ଟେନଲେସ ତରଫରୁ ସୋଲେଇ ଗ୍ରାମରେ ଡଷ୍ଟବିନ ବଣ୍ଟନ



କଳିଙ୍ଗନଗର, ନ୍ୟୁଜ ବ୍ୟୁରୋ

ଜିନ୍ଦଲ ଷ୍ଟେନଲେସ ଲିମିଟେଡ୍, ଯାଜପୁର ଦ୍ୱାରା ଦାନଗଡ଼ି ପଞ୍ଚାୟତ ସମିତି ଅଧିନସ୍ଥ ଶୋଲେଇ ଗ୍ରାମର ୨୫୦ ଜଣ ଅଧିବାସୀଙ୍କୁ ଓଦା ଏବଂ ଶୁଖିଲା ବର୍ଜ୍ୟବସ୍ତୁ ସଂଗ୍ରହ କରିବା ନିମନ୍ତେ ଜଣ ପିଛା ଦୁଇଟି କରି ୫୦୦ ଟି ଡଷ୍ଟବିନ ପ୍ରଦାନ କରା ଯାଇଅଛି । ଏହି ପରିପ୍ରେକ୍ଷୀରେ ଏକ ଡଷ୍ଟବିନ ବିତରଣ ଏବଂ ପରିବେଶ ସଚେତନ କାର୍ଯ୍ୟକ୍ରମ ଦାନଗଡି ଭବନ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ଟ୍ରିଜଙ୍ଗା ପଞ୍ଚାୟତ ସମିତିର ସମିତି ସଭ୍ୟ ଜାହାଙ୍ଗୀର ଖାଁ, ଟ୍ରିଜଙ୍ଗା ଗ୍ରାମ ପଞ୍ଚାୟତର ସମ୍ପ୍ରସାରଣ ଅଧିକାରୀ କାମିନୀ ସାହୁଙ୍କ ସମେତ ଜିନ୍ଦଲ ଷ୍ଟେନଲେସର ବରିଷ୍ଠ ଅଧିକାରୀଗଣ ଯୋଗ ଦେଇ ଜିନ୍ଦଲ କମ୍ପାନୀ କର୍ତ୍ତୃପକ୍ଷଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ଷ୍ଟେନଲେସ ସ୍ୱଚ୍ଛତା ଅଭିଯାନ ପ୍ରକଳ୍ପର ଉଦ୍ଦେଶ୍ୟ ସମ୍ବନ୍ଧରେ ଆଲୋକପାତ କରିଥିବା ବେଳେ ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଲୋକମାନଙ୍କର ସହଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ପରିପ୍ରେକ୍ଷୀରେ ଶୋଲେଇ ଗ୍ରାମର ଶ୍ରୀମତୀ ଶୈଳବାଳା ସାହୁ ଏବଂ ଶ୍ରୀଯୁକ୍ତ ଦିଲ୍ଲୀପ ସାହୁ ଷ୍ଟେନଲେସ ସ୍ୱଚ୍ଛତା ଅଭିଯାନ ପ୍ରକଳ୍ପ କିଭଳି ଗ୍ରାମ୍ୟ ପରିବେଶକୁ ସ୍ୱଚ୍ଛ ଏବଂ ନିର୍ମଳ ରଖିବାରେ ସହାୟକ ହୋଇ ପାରୁଛି ସେ ବିଷୟରେ ବର୍ଣ୍ଣନା କରିଥିଲେ । ଏଠାରେ ଉଲ୍ଲେଖନୀୟ ଯେ ଜିନ୍ଦଲ ଷ୍ଟେନଲେସ ଲିମିଟେଡ୍ ଏହାର ସାମାଜିକ ଦାୟିତ୍ୱ କାର୍ଯ୍ୟକ୍ରମ ମାଧ୍ୟମରେ ଶୋଲେଇ ଗ୍ରାମକୁ ଏକ ଆଦର୍ଶ ସ୍ୱଚ୍ଛ ଗ୍ରାମ କରିବା ପାଇଁ ଷ୍ଟେନଲେସ ସ୍ୱଚ୍ଛତା ଅଭିଯାନ ପ୍ରକଳ୍ପ କାର୍ଯ୍ୟ କରି କରିଆସୁଅଛି । ଏହି ପ୍ରକଳ୍ପ ମାଧ୍ୟମରେ ଗ୍ରାମର ଅଧିବାସୀମାନଙ୍କୁ ସ୍ୱଚ୍ଛତା ସମ୍ବନ୍ଧରେ ସଚେତନ କରିବା ଉଦ୍ଦେଶ୍ୟରେ ବିଭିନ୍ନ ସଚେତନତା ମୂଳକ କାର୍ଯ୍ୟକ୍ରମ ହାତକୁ ନେଇ ଏକ ସ୍ୱଚ୍ଛ ଗ୍ରାମ ଗଠନ କରିବାର ପ୍ରୟାସ ଜାରି ରଖିଛି । ଏହି ପ୍ରକଳ୍ପ ଅଧୀନରେ ବିଭିନ୍ନ କାର୍ଯ୍ୟକ୍ରମ ଯଥା ଗ୍ରାମର ବିଭିନ୍ନ ଆବର୍ଜନା ପୂର୍ଣ୍ଣ ସ୍ଥାନ ଚିହ୍ନଟ କରି ସେଗୁଡ଼ିକୁ ବର୍ଜ୍ୟମୁକ୍ତ କରିବା ସହିତ ସେହି ସ୍ଥାନମାନଙ୍କରେ ଆଳଂକାରିକ ବୃକ୍ଷରୋପଣ, ପ୍ରତିଦିନ ପ୍ରତ୍ୟକ ଘରୁ ଅଳିଆ ସଂଗ୍ରହ, ଗ୍ରାମର ପ୍ରତ୍ୟେକ ବର୍ଗର ଲୋକ ମାନଙ୍କୁ ନେଇ ଗ୍ରାମ୍ୟ ସ୍ୱଚ୍ଛତା କମିଟି ଗଠନ ଏବଂ ଏହା ସାହାଯ୍ୟରେ ଗ୍ରାମବାସୀ ମାନଙ୍କୁ ସ୍ୱଚ୍ଛତା ସମ୍ବନ୍ଧରେ ସଚେତନ, ବିଦ୍ୟାଳୟରେ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ସ୍ୱଚ୍ଛତା ସମ୍ବନ୍ଧୀୟ ବିଭିନ୍ନ ପ୍ରତିଯୋଗିତା ସହିତ ସ୍ୱଚ୍ଛ ପରିବେଶ ଉପରେ ସଚେତନତା, ଗ୍ରାମ୍ୟ ପୁଷ୍କରିଣୀର ପୁନରୁଦ୍ଧାର ଏବଂ ବୃକ୍ଷରୋପଣ ଆଦି କାର୍ଯ୍ୟକ୍ରମ ଏହି ପ୍ରକଳ୍ପ ଅଧୀନରେ କାର୍ଯ୍ୟ କରି କରିଆସୁଅଛି । ଏହି ପ୍ରକଳ୍ପ ବର୍ତ୍ତମାନ ଶୋଲେଇ, ଶିଙ୍ଗାଗଡ଼ିଆ, ଏବଂ ଦାନଗଡି ବଜାରରେ ଚାଲୁଥିବା ବେଳେ ଚଳିତ ବର୍ଷ ଶୋଲେଇ ଗ୍ରାମକୁ ଏକ ଆଦର୍ଶ ଆବର୍ଜନା ମୁକ୍ତ ଗ୍ରାମ କରିବା ପାଇଁ କମ୍ପାନୀ କର୍ତ୍ତୃପକ୍ଷ ପଦକ୍ଷେପ ଗ୍ରହଣ କରିଛନ୍ତି । ଏହି ଡଷ୍ଟବିନ ବିତରଣ କାର୍ଯ୍ୟକ୍ରମକୁ ଗ୍ରାମର ବୁଦ୍ଧିଜୀବୀମାନେ ପ୍ରଶଂସା କରିଥିବା ବେଳେ ଏହି କାର୍ଯ୍ୟକ୍ରମକୁ ଜିଡିଏଫ ସ୍ୱେଚ୍ଛାସେବୀ ସଂସ୍ଥାର ଶରତ କୁମାର ଯାଦବ, ସୁସ୍ମିତା ପୁହାଣ ପ୍ରଭୃତି ପରିଚାଳନା କରିଥିଲେ । ଶେଷରେ ଜିନ୍ଦଲ ଷ୍ଟେନଲେସ ସିଏସଆର ବିଭାଗର ବରିଷ୍ଠ ପ୍ରବନ୍ଧକ ତପନ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଏହି ପ୍ରକଳ୍ପର ସଫଳ ରୂପାୟନ ପାଇଁ ଲୋକମାନଙ୍କର ସହଯୋଗ କାମନା କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଲୋକଙ୍କ ସମସ୍ୟାର...

ପିଲାଟି ଚିକିତ୍ସାପାଇଁ ଭର୍ତ୍ତିହେଲା । ପିଲାଟିର ଚିକିତ୍ସା ବାବଦକୁ ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ସେ ଆହୁରି ମଧ କହିଛନ୍ତି ଯେ, ଜଟିଳ ରୋଗରେ ପୀଡିତ ସବୁ ମାମଲା ଗୁଡିକୁ ଆମେ ସମାନ ଗୁରୁତ୍ୱ ଦେଉଛୁ । ସରକାରଙ୍କ ପାଖକୁ ଯେଉଁ ଆଶା ଭରସା ନେଇ ଲୋକମାନେ ଆସୁଛନ୍ତି ଆମେ ସେମାନଙ୍କୁ କେବେ ନିରାଶ କରିବୁ ନାହିଁ । ସୋମବାର ୧୦୦୦ ଲୋକ ଅଭିଯୋଗ ଶୁଣାଣି ପାଇଁ ପଞ୍ଜୀକରଣ କରିଥିଲେ । ମୁଖ୍ୟମନ୍ତ୍ରୀ ଏବଂ ତାଙ୍କ ସହଯୋଗୀ ମନ୍ତ୍ରୀ ମଣ୍ଡଳର ସଦସ୍ୟ ମାନେ ସମସ୍ତଙ୍କ ଅଭିଯୋଗକୁ ଗୁରୁତ୍ୱଦେଇ ଶୁଣିଥିଲେ ଓ ସମାଧାନ ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଉପସ୍ଥିତ ବରିଷ୍ଠ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଅଭିଯୋଗ ପ୍ରକୋଷ୍ଠରେ ଗଣମାଧ୍ୟମକୁ ବିବୃତ୍ତି ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସୋମବାର ହେଉଛି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ସପ୍ତମ ପାଳି । ବର୍ତ୍ତମାନ ସୁଦ୍ଧା ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଭାବେ ୩୦ ହଜାରରୁ ୩୫ ହଜାର ଅଭିଯୋଗକାରୀ ସେମାନଙ୍କ ସମସ୍ୟା ନେଇ ଏଠାକୁ ଆସିଛନ୍ତି । ଲୋକଙ୍କୁ ନ୍ୟାୟ ଦେବାରେ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସଫଳତା ହାସଲ କରିଛି । ଜୁଲାଇ ପହିଲାରେ ହୋଇଥିବା ପ୍ରଥମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ୮୮ ପ୍ରତିଶତ କେସ୍ ସମାଧାନ ହୋଇଛି । ସେହିଭଳି ଜୁଲାଇ ୧୫ ତାରିଖରେ ହୋଇଥିବା କାର୍ଯ୍ୟକ୍ରମରେ ୮୪ ପ୍ରତିଶତ, ଅଗଷ୍ଟ ୫ ରେ ହୋଇଥିବା କାର୍ଯ୍ୟକ୍ରମରେ ୮୨ ପ୍ରତିଶତ, ସେପ୍ଟେମ୍ବର ୨୩ରେ ହୋଇଥିବା କାର୍ଯ୍ୟକ୍ରମରେ ୮୦ ପ୍ରତିଶତ, ଅକ୍ଟୋବର ୨୧ତାରିଖରେ ହୋଇଥିବା କାର୍ଯ୍ୟକ୍ରମରେ ୭୭ ପ୍ରତିଶତ ଏବଂ ଡିସେମ୍ବର ୧୬ ତାରିଖରେ ହୋଇଥିବା କାର୍ଯ୍ୟକ୍ରମରେ ୧୬ ପ୍ରତିଶତ କେସର ସମାଧାନ କରାଯାଇଛି। ବାକି ରହିଥିବା କେସ ଗୁଡିକ ପ୍ରକ୍ରିୟାଭୁକ୍ତ ଅଛି, ଖୁବଶୀଘ୍ର ଏଗୁଡିକର ସମାଧାନ କରାଯିବ । ଲୋକମାନେ ବହୁତ ଆଶା ଓ ଭରସା ନେଇ ଆମ ପାଖକୁ ଆସୁଛନ୍ତି । ସମସ୍ତଙ୍କ ଅଭିଯୋଗ ଓ ସମସ୍ୟାକୁ ଗୁରୁତ୍ୱଦେଇ ଶୁଣି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛୁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ପ୍ରତି ଜିଲ୍ଲାରେ ମଧ ଜିଲ୍ଲାପାଳଙ୍କ ଜରିଆରେ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଜାରିରହିଛି । ଏହା ଫଳରେ ଆମେ ଅଧିକରୁ ଅଧିକ ଲୋକଙ୍କୁ ନ୍ୟାୟ ଦେଇପାରୁଛୁ । ସମସ୍ତେ ନ୍ୟାୟ ପାଇବେ, କେହି ନିରାଶ ହେବେ ନାହିଁ । ଆଗାମୀ ଦିନରେ ଆରଡିସି ସ୍ତରରେ ଅଭିଯୋଗ ଶୁଣାଣି ପ୍ରକୋଷ୍ଠ କାର୍ଯ୍ୟକାରୀ କରିବାର ଯୋଜନା ରହିଛି ବୋଲି ସେ କହିଥିଲେ । ମୁଖ୍ୟମନ୍ତ୍ରୀଙ୍କ ସହିତ ଉପ ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ ମୁକେଶ ମହାଲିଙ୍ଗ, ଖାଦ୍ୟ ଯୋଗଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ, ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସାଧାରଣ ଅଭିଯୋଗ ଓ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂହ ଏବଂ ଅନ୍ୟ ବିଭାଗ ଗୁଡିକର ସଚିବ ସ୍ତରୀୟ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

## ପିକେ ମିଶ୍ରଙ୍କ ...

ପୂର୍ବତନ ସିଏଜି ଗିରୀଷ ମୁର୍ମୁଙ୍କ ପରି ବଡ଼ବଡ଼ିଆଙ୍କ ସହିତ ନିଜ ଫଟୋ ଏଡିଟ କରି ଦେଖାଉଥିଲେ ଆଉ ଠକୁଥିଲେ। ଟାର୍ଗେଟ କରୁଥିଲେ ବିଲ୍ଡର, ଖଣି ବ୍ୟବସାୟୀ ଓ ଧନୀ ଶ୍ରେଣୀର ଲୋକଙ୍କୁ। କାହାକୁ ଟେଣ୍ଡର କରାଇ ଦେବାକୁ କହି ଡାକୁଥିଲେ ତ ଆଉ କାହାକୁ କର୍ପୋରେଟ ସେକ୍ଟରରେ ଅଟକି ରହିଥିବା କାମ କରାଇଦେବା ବାହାନାରେ ନିଜ ଅଫିସ୍‌କୁ ଡାକୁଥିଲେ ଅନୀଲ ଓ ଅଭିଲିପ୍ସା। ତାପରେ ସେଠାରେ ମୂଲଚାଲ ହେଉଥିଲା। ଡିଲ ଫାଇନାଲ ହେବା ପରେ ଠକୁଥିବା ଅଭିଯୋଗ ହୋଇଛି । ଦୀର୍ଘ ଦିନ ଧରି ବଡ଼ବଡ଼ିଆଙ୍କୁ ଚୂନ ଲଗାଉଥିଲେ ଅନୀଲ ଓ ଅଭିଲିପ୍ସା। ଗତ ସପ୍ତାହର ଏନେଇ ଇନ୍‌ଫୋସିଟି ଥାନାରେ ଏକାଧିକ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ଘଟଣାର ତଦନ୍ତ ଆରମ୍ଭ କରିଥିଲା ପୋଲିସ୍। ତଦନ୍ତ ବେଳେ ଅଭିଯୋଗ ଉପରୁ ପର୍ଦ୍ଦା ହଟିଥିଲା। ଅଭିଲିପ୍ସା ଓ ଅନୀଲ ପ୍ରକୃତରେ ପିକେ ମିଶ୍ରଙ୍କ ଝିଅ ଓ ଜ୍ୱାଇଁ ନୁହଁନ୍ତି ବୋଲି ଜଣାପଡିଥିଲା। ଏପରିକି ଉଭୟ ସ୍ୱାମୀ-ସ୍ତ୍ରୀ ନୁହେଁ ବୋଲି ସ୍ପଷ୍ଟ ହୋଇଥିଲା। ଏହାପରେ ଭୁବନେଶ୍ୱର କମିଶନରେଟ ପୁଲିସ ଅନୀଲ ଓ ଅଭିଲିପ୍ସାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତେବେ ସେମାନେ କେତେ ଟଙ୍କା ଠକିଛନ୍ତି, ତାହା ଜଣାପଡ଼ି ନାହିଁ । ଏବେ ତାହା ଉପରେ କମିଶନରେଟ ପୁଲିସ ତଦନ୍ତ ଚଳାଇଛି । ଏନେଇ ସୂଚନା ଦେଇଛନ୍ତି ଅତିରିକ୍ତ ଡିସିପି ସ୍ୱରାଜ ଦେବତା।

## ନୂଆବର୍ଷରେ ଥରାଇବ...

ସମ୍ବଲପୁର, ଭୁବନେଶ୍ୱର, ଏବଂ କଟକର ସର୍ବନିମ୍ନ ତାପମାତ୍ରା ନୂଆବର୍ଷରେ ପ୍ରାୟ ୧୪ ଡିଗ୍ରୀ ସେଲସିୟସ ରହିବ ବୋଲି ଅନୁମାନ କରାଯାଉଥିବାବେଳେ ଅନୁଗୁଳର ତାପମାତ୍ରା ୧୩ ଡିଗ୍ରୀ ସେଲସିୟସକୁ ଖସିପାରେ ବୋଲି ପୂର୍ବାନୁମାନ କରାଯାଇଛି। ତେବେ ପୁରୀର ତାପମାତ୍ରା ୧୬ ଡିଗ୍ରୀ ସେଲସିୟସ ରହିବାର ସମ୍ଭାବନା ରହିଛି। ଅପରପକ୍ଷରେ ଭଦ୍ରକ ଏବଂ ବାଲେଶ୍ୱରରେ ତାପମାତ୍ରା ଯଥାକ୍ରମେ ୧୩ ଏବଂ ୧୫ ଡିଗ୍ରୀ ସେଲସିୟସ ରହିବ ବୋଲି ପୂର୍ବାନୁମାନ କରାଯାଇଛି।

## ଗଞ୍ଜାମରେ କ୍ଷେତ...

ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବର୍ତ୍ତମାନର ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ହେଲିକପ୍ଟର ଯୋଗେ ଭୁବନେଶ୍ୱରରୁ ବାହାରି ନିଜ ନିର୍ବାଚନ ମଣ୍ଡଳୀର ଶେରଗଡଠାରେ ପହଞ୍ଚିଥିଲେ। ସେଠାରେ ବର୍ଷା ପ୍ରଭାବରେ କ୍ଷତିଗ୍ରସ୍ତ ଚାଷ ଜମିକୁ ଅନୁଧ୍ୟାନ କରିବା ସହିତ ଚାଷୀମାନଙ୍କ ସହିତ ଆଲୋଚନା କରିଛନ୍ତି। ପରେ କବିସୂର୍ଯ୍ୟନଗର, ଆସିକା ଓ ଖଲ୍ଲିକୋଟ ଅଞ୍ଚଳରେ ବର୍ଷା କ୍ଷତିଗ୍ରସ୍ତ ଚାଷୀଙ୍କୁ ଭେଟି କ୍ଷୟକ୍ଷତି ପରଖିବେ ନବୀନ । ଏହି ସମୟରେ ସେ ଚାଷୀମାନଙ୍କ ସହ ସିଧାସଳଖ ଆଲୋଚନା କରିବେ। ନିଜ ଜିଲ୍ଲାର ଲୋକମାନଙ୍କ ଦୁଃଖସୁଖ ବୁଝିବେ। ନବୀନଙ୍କ ଗସ୍ତ ପୂର୍ବରୁ ପ୍ରସ୍ତୁତିର ତଦାରଖ କରିଛନ୍ତି ବିଜେଡିର ବରିଷ୍ଠ ନେତା । ଏନେଇ ବିରୋଧୀ ଦଳ ନେତାଙ୍କ କାର୍ଯ୍ୟାଳୟ ପକ୍ଷରୁ ଗଞ୍ଜାମ ଜିଲ୍ଲା ପ୍ରଶାସନକୁ ସୂଚନା ଦିଆଯାଇଛି ।

## ୧୦୦ ବର୍ଷରେ...

ପୂର୍ବରୁ ସେ ଜର୍ଜିଆର ରାଜ୍ୟପାଳ ମଧ୍ୟ ଥିଲେ। କାର୍ଟର ୧୯୭୬ରେ ବାହ୍ୟ ପ୍ରାର୍ଥୀ ଭାବରେ ରାଷ୍ଟ୍ରପତି ପ୍ରାର୍ଥୀ ହୋଇଥିଲେ। ସେ କହିଥିଲେ,ଯଦି ମୁଁ ତୁମକୁ ମିଛ କହୁଛି କିମ୍ବା ବିଭ୍ରାନ୍ତିକର ବିବୃତ୍ତି ଦେଉଛି, ତେବେ ମୋତେ ଭୋଟ ଦିଅ ନାହିଁ । ସେହି ସମୟ ମଧ୍ୟରେ, କାର୍ଟର ଏକ ସ୍ୱଚ୍ଛ ଏବଂ ସର୍ବସାଧାରଣ ନିର୍ବାଚନ ପ୍ରଚାର କରିଥିଲେ। ସେ ତତ୍କାଳୀନ ରାଷ୍ଟ୍ରପତି ଜେରାଲ୍ଡ ଫୋର୍ଡଙ୍କୁ ସାମାନ୍ୟ ବ୍ୟବଧାନରେ ପରାସ୍ତ କରିଥିଲେ। ଜିମି କାର୍ଟରଙ୍କ ଅଧକ୍ଷତାରେ ଚ୍ୟାଲେଞ୍ଜ ଏବଂ ସଫଳତାର ମିଶ୍ରିତ ଅଭିଜ୍ଞତା ଥିଲା। ୧୯୮୨ରେ ସେ କାର୍ଟର ସେଣ୍ଟର ପ୍ରତିଷ୍ଠା କରିଥିଲେ। ଏହି କେନ୍ଦ୍ର ମାଧ୍ୟମରେ ସେ ବିଶ୍ୱର ସବୁଠାରୁ ବଞ୍ଚିତ ଅଞ୍ଚଳରେ ବିବାଦର ସମାଧାନ, ନିର୍ବାଚନ ମନିଟରିଂ ଏବଂ ରୋଗ ବିଲୋପ ପାଇଁ କାର୍ଯ୍ୟ କରିଥିଲେ। ଏହି ପ୍ରୟାସ ତାଙ୍କୁ ମାନବିକ ନେତା ଭାବରେ ବିଶ୍ୱବ୍ୟାପୀ ସମ୍ମାନ ପ୍ରଦାନ କରିଥିଲା। ଆମେରିକାର ଫେଡେରାଲ ନିୟମ ଅନୁଯାୟୀ, ରାଷ୍ଟ୍ରପତିଙ୍କ ମୃତ୍ୟୁ ପରେ ୩୦ଦିନ ପର୍ଯ୍ୟନ୍ତ ସମସ୍ତ ଫେଡେରାଲ କୋଠା, ଗ୍ରାଉଣ୍ଡ ଏବଂ ନୌସେନାର ଜାହାଜ ଉପରେ ପତାକା ଅଧା ମାଷ୍ଟରେ ଉଡ଼ାଯିବ। ଦେଶର ବର୍ତ୍ତମାନର ରାଷ୍ଟ୍ରପତି ଜୋ ବାଇଡେନ ଜାତୀୟ ଶୋକ ଦିବସ ଘୋଷଣା କରିବେ।

## ଦିଲ୍ଲୀ ହାଇକୋର୍ଟଙ୍କ...

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ପୀଡ଼ିତା ଜଣଙ୍କ ଶାରୀରିକ ସମ୍ପର୍କ ଶବ୍ଦର ବ୍ୟବହାର କରିଛନ୍ତି। କିନ୍ତୁ ଏହାକୁ ବ୍ୟବହାର କରି ସେ କଣ କହିବାକୁ ଚାହୁଁଛନ୍ତି, ସେକଥା ସ୍ପଷ୍ଟ ଭାବେ ଜଣାପଡୁନି। ସମ୍ବନ୍ଧ ବନାଇବା ବା ସମ୍ପର୍କ ରଖିବା ଶବ୍ଦକୁ ପୋକ୍ସୋ ଆକ୍ଟର ଧାରା ୩ କିମ୍ବା ଆଇପିସିର ଧାରା ୩୭୬ ଅଧୀନରେ ଅପରାଧ ବୋଲି ବିବେଚନା କରାଯାଇ ପାରିବ ନାହିଁ । ପୀଡ଼ିତା ଜଣକ ନାବାଳିକା ଥିବାରୁ ଏଠାରେ ସହମତିର ଗୁରୁତ୍ୱ ନାହିଁ। ତଥାପି ଶାରୀରିକ ସମ୍ପର୍କକୁ ସ୍ୱତଃସ୍ଫୁର୍ତ୍ତ ଭାବେ କେବେ ହେଲେ ବି ଯୌନ ନିର୍ଯାତନାର ଆଖ୍ୟା ଦିଆଯାଇ ପାରିବ ନାହିଁ। ପୂରା ମାମଲାରେ ସନ୍ଦେହ ଥିବାରୁ ମାମଲା ଅଭିଯୁକ୍ତଙ୍କ ସପକ୍ଷରେ ଯାଉଛି। ତେଣୁ ତାଙ୍କୁ ମିଳିଥିବା ଆଜୀବନ ଜେଲଦଣ୍ଡକୁ ଖାରଜ କରାଯାଉଛି ବୋଲି ଖଣ୍ଡପୀଠ କହିଛନ୍ତି। ୨୦୧୭ ମସିହା ମାର୍ଚ୍ଚରେ ପୂରା ଘଟଣାକୁ ନେଇ ଅଭିଯୋଗ ହୋଇଥିଲା। ନାବାଳିକାଙ୍କ ମା ଅଭିଯୋଗ କରିଥିଲେ ଯେ ତାଙ୍କ ୧୪ ବର୍ଷର ଝିଅକୁ ପ୍ରଲୋଭିତ କରି କେହି ଜଣେ ଘର ଭିତରୁ ଅପହରଣ କରିନେଇଛି । ପୁଲିସ ସର୍ଚ୍ଚଅପରେସନ କରି ଅଭିଯୁକ୍ତଙ୍କ ସହ ନାବାଳିକାଙ୍କୁ ଫରିଦାବାଦରୁ ଉଦ୍ଧାର କରିଥିଲା। ଟ୍ରାଏଲ କୋର୍ଟର ମାମଲାର ବିଚାର କରି ୨୦୨୩ ଡିସେମ୍ବରରେ ଅଭିଯୁକ୍ତଙ୍କୁ ଆଇପିସି ଓ ପୋକ୍ସୋ ଆକ୍ଟ ଅଧୀନରେ ଆଜୀବନ ଜେଲଦଣ୍ଡରେ ଦଣ୍ଡିତ କରିଥିଲେ।

## ଜାନୁଆରୀ ୫-୭...

ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟଅତିଥି ଭାବରେ ବଲାଙ୍ଗୀର ପୌରାଧ୍ୟକ୍ଷା ଲିକା ସାହୁ, ସମ୍ମାନୀତ ଅତିଥି ଭାବରେ ଗୁରୁଶ୍ରୀ ଡ.ଘାସିରାମ ମିଶ୍ର, ରସରାଜ ଅଚ୍ୟୁତ ପୁରୋହିତ,କଳାକାର ରବିନ୍ଦ୍ର ସାହୁ ଓ ସୁଲିଆ ମହୋତ୍ସବ କମିଟିର କୁମୁରିଆ ସୁଲିଆପୀଠର ପୂଜକ ହରିହର ଝାଙ୍କର, ତପନ କୁଅଁର, ହେମନ୍ତ କୁଅଁର, କ୍ଷିରୋଦ୍ର ମାଝୀ, କୁଲତାପଡା ସରପଞ୍ଚ ଦୁଷ୍ମନ୍ତ ସାହୁ, କମିଟିର ଅଧକ୍ଷ ଅଭିମନ୍ୟୁ ମାଝୀ, ଉପସଭାପତି ଜୟ ରଣା, କମ୍ପ ସେଠ, ରବି ଝାଙ୍କର, ବଶିଷ୍ଠ କୁଅଁର, ହେମନ୍ତ ମାଝୀ,ବେଣୁଧର ସିଂ,ମକାରୁ ନାଏକ, ବଡବାହାଲ ସରପଞ୍ଚ ଜ୍ୟୋସ୍ନାମୟୀ ରଣା,ଗୁଡଖାପଲା ସମିତିସଭ୍ୟା ବୈଜୟନ୍ତୀ ମାଝୀ, ସିତାକାନ୍ତ ମାଝୀ,ଲୋକନାଥ ନନ୍ଦ,ସରୋଜ ବାଗ, ଚମରା ମାଝୀ, ନିର୍ମଳ ଗଡତ୍ୟା,ପିତାବାସ ନାଏକ, ଶଙ୍କର ରଣା ପ୍ରମୁଖ ଉପସ୍ଥିତ ଥିଲେ । ସାମ୍ବାଦିକ ସମ୍ମିଳନୀରେ ମହୋତ୍ସବ କମିଟିର ଆବାହକ ରୂପାଧର ପୁଟା ସୂଚନା ଦେଇକହିଥିଲେ ଯେ, ଗତ ୪ବର୍ଷ ହେଲା ଖଇରଗୁରା ବଡଖଳାରେ ସୁଲିଆ ମହୋତ୍ସବ ହୋଇଆସୁଥିଲା, କିନ୍ତୁ ଚଳିତବର୍ଷ ମହୋତ୍ସବ ପାଇଁ ବୈଠକ ବିଳମ୍ବିତ ହେବାରୁ ସେହି କମିଟିକୁ ସୁଲିଆପୀଠର ପୂଜକମାନେ ପଚାରିବାରୁ ସେମାନେ ମହୋତ୍ସବ କରିବାକୁ ଅମଙ୍ଗ ହୋଇଥିଲେ। ପରେ ପୂଜକମାନଙ୍କ ଅନୁରୋଧକ୍ରମେ ଅଞ୍ଚଳବାସୀ ଦେଓଗାଁ ବ୍ଲକର ପୂର୍ବତନ ବ୍ଲକଅଧକ୍ଷ ଲକ୍ଷ୍ମଣକୁମାର ମେହେରଙ୍କୁ ଆଦିବାସୀମାନେ ସମ୍ମିଳିତ ହୋଇ ମହୋତ୍ସବ ପାଇଁ ଡାକିବାକୁ ଯାଇଥିଲେ । ସେ ପ୍ରଥମେ କମିଟିରେ ନ ରହି କେବଳ ସହଯୋଗ କରିବାକୁ ଚାହିଁଥିଲେ । କିନ୍ତୁ ଡିସେମ୍ବର ୧୨ ତାରିଖରେ ଅନୁଷ୍ଠିତ ବୈଠକରେ ତାଙ୍କୁ ସମସ୍ତେ ଅନୁରୋଧ କରିବାରୁ ସେ ମହୋତ୍ସବର ସଭାପତି ହେବାକୁ ସମ୍ମତି ଦେଇଥିଲେ। ୧୯୭୦ ମସିହାରୁ ଖଇରଗୁରା ସୁଲିଆପୀଠରୁ କୁମୁରିଆ ସୁଲିଆପୀଠ ଅଲଗା ହୋଇସାରିଛି। ଆଦିବାସୀମାନଙ୍କ ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖି ସୁଲିଆପର୍ବ ପାଳନ କରାଯାଉଛି। ତେଣୁ ବଲାଙ୍ଗୀର ଓ ସୋନପୁର ଜିଲ୍ଲାର ୭ଟି ପଞ୍ଚାୟତବାସୀଙ୍କ ମିଳିତ ସହଯୋଗରେ ଚଳିତବର୍ଷ କୁମୁରିଆଠାରେ ସୁଲିଆ ମହୋତ୍ସବ କରିବାକୁ ନିଷ୍ପତ୍ତି ନିଆଯାଇଛି । ଆସନ୍ତା ଜାନୁଆରୀ ୫ ତାରିଖରୁ ଏହା ଆରମ୍ଭ ହୋଇ ୭ତାରିଖ ପର୍ଯ୍ୟନ୍ତ ଚାଲିବ । ସେହିପରି କମିଟିର ସଭାପତି ଲକ୍ଷ୍ମଣ କୁମାର ମେହେର କହିଛନ୍ତି ଯେ, ଆଦିବାସୀଙ୍କର ଉନ୍ନତ ପରମ୍ପରା ମଧ୍ୟରେ ସୁଲିଆ ପର୍ବ ଯାଉଛି । କେବଳ ଆଦିବାସୀମାନେ ସୁଲିଆ ପୂଜା କରୁଛନ୍ତି ଓ ଏହାର ପ୍ରଚାର ପ୍ରସାର ପାଇଁ ମହୋତ୍ସବର ଆୟୋଜନ କରାଯାଉଛି । ଅଞ୍ଚଳର ଲୋକଙ୍କୁ ନେଇ ମହୋତ୍ସବ ପାଳନ ହେଉଛି ବୋଲି କହିଛନ୍ତି କୁମୁରିଆ ସାନଖଳାର ପୂଜକ ହରିହର ଝାଙ୍କର। ସେ କହିଛନ୍ତି ଯେ, ବଡଖଳାଠାରୁ ୧୯୭୦ ମସିହାରୁ କୁମୁରିଆ ସାନଖଳା ଭାଗ ହୋଇସାରିଛି । ସୁଲିଆର ପ୍ରଚାରପ୍ରସାର ପାଇଁ କୁମୁରିଆଠାରେ ମଧ ସୁଲିଆ ମହୋତ୍ସବ କରାଯାଉଛି । ଆଦିବାସୀଙ୍କ ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖି ସବୁକିଛି କରାଯାଉଛି ବୋଲି ପୂଜକ କହିଛନ୍ତି ।

# ଏସ୍‌ବିଆଇ ପକ୍ଷରୁ ସ୍କୁଲ ବସ୍ ଓ ଭାରବାହୀ ଯାନ ସହାୟତା ପ୍ରଦାନ




ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଭାରତୀୟ ଷ୍ଟେଟ ବ୍ୟାଙ୍କ ଭୁବନେଶ୍ୱର ମଣ୍ଡଳର କର୍ପୋରେଟ ସାମାଜିକ ଦାୟିତ୍ୱ ପାଳନ ଅନ୍ତର୍ଗତ, ଓପନ୍ ଲର୍ଣ୍ଣିଂ ସିଷ୍ଟମ୍ସ ଭୁବନେଶ୍ୱର ଏବଂ ଗୋବିନ୍ଦ ଗୋଧାମଗୋଶାଳା ପୁରୀକୁ ଯଥା କ୍ରମେ ଏକ ସ୍କୁଲବସ୍ ଏବଂ ପିକ୍‌ଅପ୍ ଯାନ ଯୋଗାଇ ଦିଆଯାଇଛି। ଭୁବନେଶ୍ୱରର ଡୁମଡୁମା ସ୍ଥିତ ହୋଟେଲ ୱେଲକମ୍‌ରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ରାଣା ଆଶୁତୋଷ କୁମାର ସିଂହ, ପରିଚାଳନା ନିର୍ଦ୍ଦେଶକ (ଆର, ସି ଏବଂ ଏସ.ଏ.ଆର.ଜି) କର୍ପୋରେଟ୍ ସେଣ୍ଟର ମୁମ୍ବାଇ, ଦିନେଶ ପରୁଥି ମୁଖ୍ୟ ମହାପ୍ରବନ୍ଧକ ଭୁବନେଶ୍ୱରମଣ୍ଡଳ, କୌଶଳ କିଶୋର ସିଂହ ମହାପ୍ରବନ୍ଧକ (ନେଟୱାର୍କ-୨), ପ୍ରଶାନ୍ତ କୁମାର ଉପ ମହାପ୍ରବନ୍ଧକ (ବ୍ୟବସାୟ ଓ ପରିଚାଳନା ) ଭୁବନେଶ୍ୱର ପ୍ରଶାସନିକ କାର୍ଯ୍ୟାଳୟ, ମନୋଜ କୁମାର ସିଂହ, ଉପ ମହାପ୍ରବନ୍ଧକ ଓ ମଣ୍ଡଳ ବିକାଶ ଅଧିକାରୀ ଏବଂ ଷ୍ଟେଟ ବ୍ୟାଙ୍କର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଏହି ସ୍ୱେଚ୍ଛାସେବୀ ସଂଗଠନମାନଙ୍କର ପ୍ରତିନିଧିମାନଙ୍କୁ ଯାନ ଗୁଡ଼ିକ ହସ୍ତାନ୍ତର କରିଛନ୍ତି। ଓପନ୍ ଲର୍ଣ୍ଣିଂ ସିଷ୍ଟମ୍ସରୁ ପ୍ରକାଶ କୁମାର ରଥ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ଶ୍ରୀମତୀ କସ୍ତୁରୀ ମହାପାତ୍ର ଉପାଧ୍ୟକ୍ଷ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ସୁବିଧା ପାଇଁ ସ୍କୁଲ ବସ୍ ଗ୍ରହଣ କରିଛନ୍ତି। ସେହିପରି ଗୋବିନ୍ଦ ଗୋଧାମ ଗୋଶାଳା ପୁରୀର ସଚିବ ତଥା ପ୍ରତିଷ୍ଠାତା ଟ୍ରଷ୍ଟି ବିଷ୍ଣୁ ଚରଣ ପଣ୍ଡା, ବୁଲା ଗାଈ ଏବଂ ଷଣ୍ଢ ଭଳି ପ୍ରାଣୀମାନଙ୍କୁ ପରିବହନ ତଥା ଥଇଥାନ ପାଇଁ ପିକ୍‌ଅପ୍ ଭ୍ୟାନ୍ ଗ୍ରହଣ କରିଛନ୍ତି।

# ଖୁବ୍ ଶୀଘ୍ର ଶିମିଳିପାଳ ଫେରିବ ଜିନ୍ନତ, ବାଘୁଣୀ ପାଇଁ ଭିଭିଆଇପି ସୁରକ୍ଷା ବ୍ୟବସ୍ଥା

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ପ୍ରାୟ ମାସେ ପରେ କାବୁ ହୋଇଛି ବାଘୁଣୀ ଜିନ୍ନତ । ପଶ୍ଚିମବଙ୍ଗ ବାଙ୍କୁରା ଜିଲ୍ଲା ଗୋପାଳପୁର ଗାଆଁରୁ ଗତକାଲି ଅପରାହ୍ନ ୩ ଟା ୪୫ ରେ କାବୁ କରାଗଲା ଜିନତକୁ । ଆଲିପୁର୍ ଜୁର ସ୍ୱତନ୍ତ୍ର ସଂଗରୋଧ ଖୁଆଡରେ ରଖାଯାଇଛି । ହୋସରେ ଅଛି ଓ ସ୍ୱାସ୍ଥ୍ୟାବସ୍ଥା ଭଲ ଅଛି ଜିନତର । ଡାକ୍ତର ଜିନତକୁ ନେବା ପାଇଁ ଅନୁମତି ଦେଲେ ଶିମିଳିପାଳ ଅଣାଯିବ। ଶିମିଳିପାଳରେ ଏବେ ଯମୁନା ପାଇଁ ତିଆରି ହୋଇଥିବା ଖୁଆଡ଼ରେ ରହିବ ଜିନ୍ନତ । ସାଉଥ୍ ଏନକ୍ଲୋଜାରରେ ରହି ଆଡଜଷ୍ଟ ହେବା ପରେ ତାକୁ ବାହାରକୁ ଛଡ଼ାଯିବ। ବାଘୁଣୀ ଜିନ୍ନତ ପାଇଁ ଭିଭିଆଇପି ସୁରକ୍ଷା ବ୍ୟବସ୍ଥା । ବାଘୁଣୀର ସୁରକ୍ଷା ପାଇଁ ଏତେ ଚିନ୍ତା, ଏତେ ସିକ୍ୟୁରିଟି। ପଶ୍ଚିମବଙ୍ଗ ବାଙ୍କୁରା ଜିଲ୍ଲାରୁ ଜିନ୍ନତକୁ କିଛି ଏଭଳି ସୁରକ୍ଷା ଦେଇ ନିଆଯାଉଛି । ବାରମ୍ବାର ଚକମା ଦେବା ପରେ ଗତକାଲି ଜିନ୍ନତକୁ ଟ୍ରାଙ୍କୁଲାଇଜ୍ କରିବାରେ ସଫଳ ହୋଇଛି ବନବିଭାଗର ସ୍ୱତନ୍ତ୍ର ଟିମ୍ । ପଶ୍ଚିମବଙ୍ଗର ବାଙ୍କୁରା ଜିଲ୍ଲା ରାଣୀବାଗ ଥାନା ଅନ୍ତର୍ଗତ କଂସାବତୀ ଜଳଭଣ୍ଡାର ନିକଟରେ ଧରାପଡ଼ିଛି ବାଘୁଣୀ। ଜିନ୍ନତ କୁ ଧରିବା ବନବିଭାଗ ପାଇଁ ଥିଲା ଏକ ବଡ ଚ୍ୟାଲେଞ୍ଜ। ପିସିସିଏଫ ପ୍ରେମ କୁମାର ଝାଙ୍କ ସୂଚନା, ବାଘୁଣୀର ସୁରକ୍ଷା ପାଇଁ ପଶ୍ଚିମବଙ୍ଗ ସରକାର ସହ ଯୋଗାଯୋଗରେ ଅଛି ବନବିଭାଗ । ଖୁବ ଶୀଘ୍ର ଶିମିଳିପାଳ କୁ ଆସିବ ଜିନ୍ନତ। ଜିନ୍ନତ ଏବେ ସୁସ୍ଥ ଅଛି । ଶିମିଳିପାଳ ଅଣା ଯିବା ପରେ ଯମୁନା ପାଇଁ ହୋଇଥିବା ସାଉଥ ଏନକ୍ଲୋଜର ରେ କିଛି ଦିନ ରହିବ ଜିନ୍ନତ ।

# ପୁରୀ ଜିଲ୍ଲାରେ ଅଦିନିଆ ବର୍ଷାଜନିତ କ୍ଷୟକ୍ଷତିର ଆକଳନ କଲେ ଉପ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ସୋମବାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ନିମାପଡା, ଗୋପ ଗସ୍ତ କରି ଅଦିନିଆ ବର୍ଷାଜନିତ କ୍ଷୟକ୍ଷତିର ଆକଳନ କରିଛନ୍ତି। ଗୋପ ବ୍ଲକ ଅଧିନସ୍ଥ ଅଣ୍ଟିରା ଇଚ୍ଛାପୁର ପଂଚାୟତର ବେଣିପୁର, ମାଧଗାଡ଼ିଆ, ଇଚ୍ଛାପୁର, ଆଳିଚର, ବଡ଼ମଠ, ଅଣ୍ଟିରା ଗ୍ରାମ, ରାହାଙ୍ଗୋରଡା ଏବଂ ଉଭାର ପଂଚାୟତ,ଏବଂ ନିମାପଡ଼ା ବ୍ଲକର ଡେରୁଣ୍ଡିଆ, ଡେଣୁଅ, ଚଉଁରପଦା, ରଚିଲୋ, ଅଲଣ୍ଡା ଏବଂ ସାଇଁସ ସାସନ ପଂଚାୟତର ବିଭିନ୍ନ କ୍ଷେତ୍ରପରିଦର୍ଶନ କରିଥିଲେ ଉପମୁଖ୍ୟମନ୍ତ୍ରୀ । ସ୍ଥାନୀୟ ତହସିଲଦାର, କୃଷି ଅଧିକାରୀ ଏବଂ ଅନ୍ୟ ବିଭାଗୀୟ ଅଧିକାରୀମାନଙ୍କୁ କ୍ଷୟକ୍ଷତିର ସଠିକ୍ ଆକଳନ କରିବା ସହ ସମସ୍ତ ସହଯୋଗ ଯୋଗାଇ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ । ଯେଉଁ ଚାଷୀଙ୍କର ଫସଲ ନଷ୍ଟ ହୋଇଛି ସମସ୍ତଙ୍କୁ ସହାୟତା ଦେବା ପାଇଁ ରାଜ୍ୟ ସରକାର ସଂକଳ୍ପବଦ୍ଧ। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ରେ ପଞ୍ଜିକରଣ କରିଥିବା ସମସ୍ତ ଚାଷୀ ମାନେ ଯେମିତି ବୀମା ରାଶି ପାଇବେ ସେଥି ପାଇଁ ପ୍ରାଧାନ୍ୟ ଦେଇଥିଲେ। ଚାଷୀଙ୍କ କଲ୍ୟାଣ ରାଜ୍ୟ ସରକାରଙ୍କର ପ୍ରାଥମିକତା ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା।

# 'ଯୀଶୁଖ୍ରୀଷ୍ଟ ଓଡ଼ିଶା ଆସି ଭଗବାନ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିଥିଲେ'

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଓଡ଼ିଶାର ଦୁଇ ବରିଷ୍ଠ ଇତିହାସ ଗବେଷକ ଡ. ଅଜିତ କୁମାର ତ୍ରିପାଠୀ ଓ ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ ଏକ ମିଳିତ ବିବୃତ୍ତିରେ କହିଛନ୍ତି ଯେ ଖ୍ରୀଷ୍ଟିୟାନ ଜଗତର ଧର୍ମଗୁରୁ ଯୀଶୁଖ୍ରୀଷ୍ଟଙ୍କର କୁଶବିଦ୍ଧ ଦ୍ୱାରା ଦେହତ୍ୟାଗ ହୋଇନଥିଲା ଓ ୧୬ବର୍ଷ ବୟସରେ ଜଣେ ଭ୍ରମଣକାରୀ ଭାବରେ ସେ ପଞ୍ଚନଦୀର ଦେଶ ଭାରତ ଭୂଖଣ୍ଡକୁ ଭଗବାନ ଶ୍ରୀଜଗନ୍ନାଥଙ୍କ ଦର୍ଶନ ନିମନ୍ତେ ଆସିଥିଲେ ଏବଂ ତାଙ୍କର ବିଶ୍ୱାସ ଥିଲା ଯେ ଭଗବାନ ଶ୍ରୀକୃଷ୍ଣଙ୍କର ଦେହାବଶେଷ ଶ୍ରୀଜଗନ୍ନାଥଙ୍କ ମଧ୍ୟରେ ରହି ସୁଦ୍ରମାନଙ୍କ ଦ୍ୱାରା ପୂଜିତ ହେଉଛନ୍ତି। ଏହି ଗବେଷକ ଦ୍ୱୟ ଏହା ଉପରେ ସେମାନଙ୍କର ଅଧ୍ୟୟନ ଜାରି ରଖିଛନ୍ତି ଓ ଯଦି ଏହାର ସତ୍ୟତା ମିଳିଯାଏ ତେବେ ପୃଥିବୀର ଜନମାନସରେ ଏକ ଆଲୋଡ଼ନ ସୃଷ୍ଟି ହୋଇପାରିବ। ସେମାନଙ୍କର ମତ ଅନୁସାରେ ଯୀଶୁଖ୍ରୀଷ୍ଟଙ୍କର ଆବିର୍ଭାବ ବୁଦ୍ଧଦେବଙ୍କ ପରେ ହୋଇଥିବାର ଜଣାପଡୁଛି।

# ଗଚ୍ଛିତ ଥିଲା ଦେଢ଼ ହଜାର କ୍ୱିଣ୍ଟାଲ୍ ଧାନ : ସିଲ୍ କଲା ଯୋଗାଣ ବିଭାଗ

ମୟୁରଭଞ୍ଜ, ନ୍ୟୁଜ ବ୍ୟୁରୋ

ଗଚ୍ଛିତ ରହିଥିଲା ଦେଢ଼ ହଜାର କ୍ୱିଣ୍ଟାଲ୍‌ରୁ ଅଧିକ ଧାନ। ଅଚାନକ ଚଢ଼ଉ କଲା ଯୋଗାଣ ବିଭାଗ। ଆଉ ସିଲ୍ କଲା। ଏପରି ସୂଚନା ଆସିଛି ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଥାନା ଅଞ୍ଚଳରୁ। ପଶ୍ଚିମବଙ୍ଗ ଚାଲାଣ ପାଇଁ ଏହି ଧାନ ମହଜୁଦ୍ ରଖାଯାଇଥିବା ଅଭିଯୋଗ ହେଉଛି। କପ୍ତିପଦା ଥାନା ଗୌଡ଼ଗାଁ ଗାଁରେ ଥିବା ଏକ ଗୋଦାମରେ ବିପୁଳ ପରିମାଣରେ ଧାନ ଗଚ୍ଛିତ ରହିଥିଲା। ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ତହସିଲଦାରଙ୍କ ଉପସ୍ଥିତିରେ ଯୋଗାଣ ବିଭାଗ ଓ ପୁଲିସ ମିଳିତ ଭାବେ ସେହି ଗୋଦାମରେ ଚଢ଼ଉ କରିଥିଲା।

ଭୁବନେଶ୍ୱର
୩୧ ଡିସେମ୍ବର
ମଙ୍ଗଳବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/25-27

# ପବିତ୍ର ବଉଳ ଅମାବାସ୍ୟା : ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼



**ପୁରୀ, ୩୦/୧୨ ନ୍ୟୁଜ ବ୍ୟୁରୋ**
ସୋମବାର ପବିତ୍ର ବଉଳ ଅମାବାସ୍ୟା । ଏନେଇ ଶ୍ରୀମନ୍ଦିରରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି । ପ୍ରବଳ ଭିଡ଼ ଯୋଗୁଁ ଚାରି ଜଣ ଛୋଟ ପିଲା ଅସୁସ୍ଥ ହୋଇ ପଡ଼ିଥିଲେ । ସେମାନଙ୍କୁ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ପ୍ରାଥମିକ ଚିକିତ୍ସା ପରେ ସୁସ୍ଥ ହୋଇ ଘରକୁ ଫେରିଛନ୍ତି ଚାରିଜଣ । ସେହିପରି ମଙ୍ଗଳବାର ଓ ତା'ପର ଦିନ ମଧ୍ୟ ପ୍ରବଳ ଭିଡ ପରିଲକ୍ଷିତ ହେବ । ଏଣୁ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଥିବା ବେଳେ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଅଛି । ସିଂହଦ୍ୱାର ଦେଇ ଭକ୍ତମାନଙ୍କୁ ପ୍ରବେଶ ଅନୁମତି ଥିବା ବେଳେ ଅନ୍ୟ ତିନି ଦ୍ୱାର ଦେଇ ପ୍ରସ୍ଥାନ ବ୍ୟବସ୍ଥା ଗ୍ରହଣ କରାଯାଇଅଛି । ଶ୍ରୀମନ୍ଦିରରେ ଭିଡ଼ ବଢୁଥିବା ବେଳେ ମହାପ୍ରଭୁଙ୍କ ନୀତିକାନ୍ତି ଓ ଶୃଙ୍ଖଳିତ ଦର୍ଶନ ଉପରେ ଧ୍ୟାନ ଦିଆଯାଇଛି । ଠାକୁରଙ୍କ ଦର୍ଶନ ପାଇଁ ଯାଉଥିବା ବେଳେ ଠେଲାପେଲା ହୋଇଛି। ୧୦ ଭକ୍ତ ଅସୁସ୍ଥ ହୋଇଛନ୍ତି । ସମସ୍ତ ଅସୁସ୍ଥଙ୍କୁ ଉଦ୍ଧାର କରି ନିକଟସ୍ଥ ମେଡିକାଲରେ ଭର୍ତ୍ତି କରାଯାଇଛି । ସୂଚନା ଅନୁଯାୟୀ, ଗତ କିଛି ଦିନ ହେବ ପୁରୀ ମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ ଲାଗିରହିଛି। ଏପିରିକି ପ୍ରତିଦିନ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ହେଉଥିଲା । ଯାହାର ପରିଣତି ସୋମବାର ଦିନ ସକାଳ ସମୟରେ ଦେଖିବାକୁ ମିଳିଛି । ଶ୍ରୀମନ୍ଦିରର ବାହାର କାଠ ନିକଟରେ ଠାକୁରଙ୍କୁ ଦର୍ଶନ ସମୟରେ ଭକ୍ତଙ୍କ ମଧ୍ୟରେ ଠେଲାପେଲା ପରିସ୍ଥିତି ହୋଇଥିଲା । ଯେଉଁଥିରେ ଠାକୁରଙ୍କୁ ଦର୍ଶନ ପାଇଁ ଆସିଥିବା ୧୦ ଜଣ ଭକ୍ତ ଠେଲାପେଲା ଭିତରେ ଅସୁସ୍ଥ ହୋଇଥିଲେ। ଏହାପରେ ସମସ୍ତ ଅସୁସ୍ଥଙ୍କୁ ଉଦ୍ଧାର କରାଯାଇ ନିକଟସ୍ଥ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ହେଲେ ସେଠାରେ ୪ ଜଣ ଭକ୍ତଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି ।

## ନନ୍ଦନକାନନରେ ସିମ୍ପାଞ୍ଜି 'ଜୁଲୁ'ର ମୃତ୍ୟୁ

**ଭୁବନେଶ୍ୱର, ୩୦/୧୨ ନ୍ୟୁଜ ବ୍ୟୁରୋ**
ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ୩୫ ବର୍ଷୀୟ ସିମ୍ପାଞ୍ଜି 'ଜୁଲୁ'ର ମୃତ୍ୟୁ ଘଟିଛି। ସୋମବାର ସକାଳେ ଜୁଲୁର ମୃତ୍ୟୁ ହୋଇଥିବା ନେଇ ନନ୍ଦନକାନନ ଉପନିର୍ଦ୍ଦେଶକ ସନତ କୁମାର ନାରାୟଣ ସୂଚନା ଦେଇଛନ୍ତି। ଏହି ସିମ୍ପାଞ୍ଜିକୁ ୧୯୯୪ ମସିହା ମେ' ୧୬ ତାରିଖରେ ସିଙ୍ଗାପୁର ଚିଡିଆଖାନାରୁ ଅଣାଯାଇଥିଲା। ସେତେବେଳେ ସେ ମାତ୍ର ତିନି ବର୍ଷର ହୋଇଥିଲା। ତେବେ ଜୁଲୁର ମୃତ୍ୟୁ ପରେ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ସିମ୍ପାଞ୍ଜି ସଂଖ୍ୟା ୭କୁ ଖସି ଆସିଛି। ଏହା ପୂର୍ବରୁ ରବିବାର ପ୍ରାଣୀ ଉଦ୍ୟାନରେ ସିମ୍ପାଞ୍ଜି ରାକ୍ଷୀ ଏକ ଶାବକକୁ ଜନ୍ମ ଦେଇଥିଲା। ଯାହା ପରେ ନନ୍ଦନକାନନରେ ସମୁଦାୟ ସିମ୍ପାଜୀଙ୍କ ସଂଖ୍ୟା ୮କୁ ବୃଦ୍ଧି ପାଇଥିଲା।



# ଭାରତୀୟ ପୁଞ୍ଜି ବଜାର ବିଶ୍ୱର ୪ର୍ଥ ସର୍ବବୃହତ



**ନୂଆଦିଲ୍ଲୀ, ୩୦/୧୨**
ରେକର୍ଡ ସ୍ତର ଛୁଇଁଛି ଭାରତୀୟ ପୁଞ୍ଜିବଜାର। ୫.୨ ଲକ୍ଷ କୋଟି ଡଲାର ବଜାର ପୁଞ୍ଜି ସହ ଏହା ବିଶ୍ୱର ୪ର୍ଥ ସର୍ବବୃହତ ପୁଞ୍ଜି ବଜାର ଭାବେ ଉଭା ହୋଇଛି । ପ୍ରଥମ ୩ ସ୍ଥାନରେ ଆମେରିକା, ଚୀନ ଏବଂ ଜାପାନ ରହିଛନ୍ତି । ଚଳିତ ବର୍ଷ ବମ୍ବେ ଷ୍ଟକଏକ୍ସଚେଞ୍ଜ (ବିଏସ୍ଇ) ଏବଂ ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍ଏସ୍ଇ) ରେକର୍ଡ ଉଚ୍ଚ ସ୍ତର ଯଥାକ୍ରମେ ୮୫,୯୮୭ ପଏଣ୍ଟ ଏବଂ ୨୬,୨୭୭ ପଏଣ୍ଟ ସ୍ତର ଛୁଇଁବାକୁ ସକ୍ଷମ ହୋଇଥିଲା । ପାନ୍ଥୋମାଥ୍ ଗ୍ରୁପ ପକ୍ଷରୁ ଜାରି ରିପୋର୍ଟ ମୁତାବକ, ଗତ ଆର୍ଥିକ ବର୍ଷରେ ଜିଡିପି ୮.୨% ଛୁଇଁଥିଲା । ସରକାରୀ ଖର୍ଚ୍ଚ କମିବା ଏବଂ ଦରଦାମ ଚାପ ଯୋଗୁ ଚଳିତ ଆର୍ଥିକ ବର୍ଷ ପ୍ରଥମ ଭାଗରେ ଦେଶର ଜିଡିପି ଅଭିବୃଦ୍ଧି ଧୀମା ରହିଛି । ସରକାରଙ୍କ ଖର୍ଚ୍ଚ, ଘରୋଇ ନିବେଶ ଏବଂ ଗ୍ରାମୀଣ ଚାହିଦା ପ୍ରତ୍ୟାବର୍ତ୍ତନ ଯୋଗୁ ଅଭିବୃଦ୍ଧି ପୁଣି ଥରେ ଟ୍ରାକକୁ ଫେରିବ ବୋଲି ଆକଳନ କରାଯାଇଛି । ଭାରତ ଭାଲ୍ୟୁ ଫଣ୍ଡର ସିଆଇଓ ମଧୁ ଲୁନାଓ୍ୱତ କୁହନ୍ତି, ଉଭୟ ଘରୋଇ ଏବଂ ବିଦେଶୀ ନିବେଶକଙ୍କ ଲାଗି ମଧ୍ୟମ ଓ ଦୀର୍ଘ ମିଆଦି ନିବେଶ ଦୃଷ୍ଟିକୋଣରୁ ଏଆଇଏଫ୍, ପିଏମ୍ଏସ୍, ମ୍ୟୁଚୁଆଲ ଫଣ୍ଡ ବର୍ଗରେ ଢ଼େର ସୁଯୋଗ ରହିଛି । ଏବେ ଦେଶର କୃଷି କ୍ଷେତ୍ର ଅଭିବୃଦ୍ଧି ପଥରେ ରହିଛି । ଅଟୋମୋଟାଇଲ କ୍ଷେତ୍ର ୧୦% ଅଭିବୃଦ୍ଧି ସହ ୬.୧୪ ଲକ୍ଷ କୋଟି ଛୁଇଁଛି । ଇଭି ଗ୍ରହଣୀୟତା ସହ ଦେଶ ଏ କ୍ଷେତ୍ରରେ ୩୦ ବିଲିୟନ ଡଲାର ରପ୍ତାନି ଲକ୍ଷ୍ୟ ରଖିଛି । ଦୃଢ଼ ଅର୍ଥନୈତିକ ଅଭିବୃଦ୍ଧି, ପୁଞ୍ଜିଖର୍ଚ୍ଚ ଏବଂ କର୍ପୋରେଟ ଗୁଡିକର ଲାଭ ସହ ଏହା ବଜାର ଲାଗି ଲାଭକାରୀ ହେବ ବୋଲି ଏସିଏମ୍ଆଇଆଇଏଲର ରିଟେଲ ମୁଖ୍ୟ ଦେବାଙ୍ଗ ଶାହା କହିଛନ୍ତି।

# ଚାଷୀଙ୍କ ପାଇଁ ଓକିଲ ହେବେ ରାଜ୍ୟ ସରକାର, ବୀମା କମ୍ପାନୀ ଠକିଲେ ହେବ ଆକ୍ସନ : ରାଜସ୍ୱ ମନ୍ତ୍ରୀ



**ଭୁବନେଶ୍ୱର ୩୦।୧୨ ନ୍ୟୁଜ ବ୍ୟୁରୋ**
ଚାଷୀଙ୍କ ପାଇଁ ଓକିଲ ହେବେ ରାଜ୍ୟ ସରକାର । ଦରକାର ପଡିଲେ ରାଜସ୍ୱ ମନ୍ତ୍ରୀ ବି କରିବେ ଓକିଲାତି । ଚାଷୀଙ୍କୁ ଠକି ପାରିବେନି ବୀମା କମ୍ପାନୀ । ଧାନ ଚାଷ ଆରମ୍ଭ ଠାରୁ ମଣ୍ଡି ଆଡକୁ ମୁହାଁଇବା ପର୍ଯ୍ୟନ୍ତ ବୀମା ପରିସର ଭୁକ୍ତ ହେବା କଥା । ଅତୀତରେ ବୀମା କମ୍ପାନୀମାନେ ଟାଳଟୁଳ ନୀତି ଅବଲମ୍ବନ କରୁଥିଲେ । ବିଜେପି ସରକାର ସମୟରେ ବୀମା କମ୍ପାନୀମାନେ କ୍ଷତିପୂରଣ ନଦେଲେ କଡ଼ା ଆକ୍ସନ ହେବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଯେ, କେବଳ ଧାନ ନୁହେଁ ପନିପରିବା, କପା ଓ ଚିନାବାଦାମ ମଧ୍ୟ କ୍ଷତି ହୋଇଛି । ୨ ଲକ୍ଷ ଚାଷୀ ବୀମା କମ୍ପାନୀ ନିକଟରେ ଅଭିଯୋଗ ଶୁଣାଇ ସାରିଲେଣି । ଜାନୁଆରୀ ୧ ତାରିଖ ପର୍ଯ୍ୟନ୍ତ ଅବଧି ବଢାଇବାକୁ କେନ୍ଦ୍ର ସରକାରଙ୍କୁ ଚିଠି ଲେଖିଥିଲେ ସମବାୟ ସଚିବ । ପନିପରିବାର ଓ କପା ଚାଷୀ ବୀମା କରିନାହାନ୍ତି । ତେଣୁ ବୀମା କରିନଥିବା ଚାଷୀଙ୍କୁ ସହାୟତା ଦେବା ପାଇଁ ସରକାର ପ୍ରସ୍ତୁତି ଆରମ୍ଭ କରିଛନ୍ତି । ସେହିପରି ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଯେପରି କୌଣସି ବି ଚାଷୀ କ୍ଷତିପୂରଣ ପାଇବାରୁ ବାଦ୍ ପଡିବେନି। ଅଦିନିଆ ବର୍ଷା କ୍ଷୟକ୍ଷତି ପ୍ରାକୃତିକ ବିପର୍ଯ୍ୟୟ ପରିଧି ଭିତରେ ନାହିଁ । ସରକାର ଚେଷ୍ଟା କରୁଛନ୍ତି ଏହାକୁ ପ୍ରାକୃତିକ ବିପର୍ଯ୍ୟୟ ପରିଧି ଭିତରକୁ ଆଣିବା ପାଇଁ । ବୀମା କରୁଥିବା ଚାଷୀଙ୍କୁ କ୍ଷତିପୂରଣ ଦେବାକୁ ବୀମା କମ୍ପାନୀ ଗୁଡିକ ସହ ସରକାର ସଂପର୍କରେ ଅଛନ୍ତି । ଯେଉଁମାନେ ବୀମା କରିନାହାନ୍ତି କିମ୍ବା ଭାଗ ଚାଷୀ ସେମାନଙ୍କୁ ସିଧାସଳଖ ସହାୟତା ଦେବା ପାଇଁ ସରକାର ବିଚାର କରୁଛନ୍ତି। ସମସ୍ତଙ୍କୁ ସହଯୋଗ ରାଶି ଯୋଗାଇ ଦିଆଯିବ। ଓଦା ହୋଇଥିବା ଧାନକୁ ଶୁଖାଇ ବିକିଲେ ଏଫ୍ଏକ୍ୟୁ ମାନକୁ କୋହଳ ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି ।

## ଜିଲ୍ଲାପାଳଙ୍କୁ ଏଫ୍ଏକ୍ୟୁ ମାନ କୋହଳ ପାଇଁ କହିଛୁ : ଯୋଗାଣ ମନ୍ତ୍ରୀ



**ଭୁବନେଶ୍ୱର ୩୦।୧୨ ନ୍ୟୁଜ ବ୍ୟୁରୋ**
ଅଦିନିଆ ବର୍ଷାରେ ଚାଷୀଙ୍କର ବହୁତ କ୍ଷୟକ୍ଷତି ହୋଇଛି ଗ୍ରାଉଣ୍ଡ ଭିଜିଟିରେ ଯାହା ଆମେ ଦେଖିଛୁ । ତେଣୁ ଖୁବ୍‌ଶୀଘ୍ର ଚାଷୀଙ୍କୁ ସହାୟତା ମିଳିବ ବୋଲି କହିଛନ୍ତି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର । ରାଜ୍ୟରେ ଚାଷୀଙ୍କ ପାଇଁ କାଳ ସାଜିଥିଲା ଅଦିନିଆ ବର୍ଷା । ଏହି ଅଦିନିଆ ବର୍ଷାରେ ଅନେକ ଚାଷୀଙ୍କର ଉଜୁଡି ଯାଇଛି କ୍ଷେତ । ଅମଳ କରି ଧାନକୁ ଘରକୁ ଆଣିବା ସମୟରେ ଦାଉ ସାଜିଲା ଏହି ଅଦିନିଆ ବର୍ଷା । ତେବେ ଅଦିନିଆ ବର୍ଷାରେ କେତେ ପରିମାଣରେ ଚାଷୀଙ୍କର କ୍ଷୟକ୍ଷତି ହୋଇଛି ସେନେଇ ଆକ୍ସନକୁ ଆସିଥିଲେ କେନ୍ଦ୍ର ସରକାର । ମୁଖ୍ୟମନ୍ତ୍ରୀ, ଉପ-ମୁଖ୍ୟମନ୍ତ୍ରୀ ଏବଂ ବିଭିନ୍ନ ବିଭାଗର ମନ୍ତ୍ରୀମାନେ ନିଜେ ବିଭିନ୍ନ ଅଞ୍ଚଳ ବୁଲି ସ୍ଥିତି ଅନୁଧ୍ୟାନ କରିଥିଲେ । ତେବେ ସ୍ଥିତି ଅନୁଧ୍ୟାନ ପରେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି ଯେ, ଅଦିନିଆ ବର୍ଷାରେ ଚାଷୀଙ୍କର ବହୁତ କ୍ଷୟକ୍ଷତି ହୋଇଛି । ତେଣୁ ସ୍ଥିତି ଅନୁଧ୍ୟାନ ପରେ ଚାଷୀଙ୍କୁ ଖୁବ୍‌ଶୀଘ୍ର ମିଳିବ ସହାୟତା। ସେହିପରି ଜିଲ୍ଲାପାଳମାନଙ୍କୁ ଏଫ୍ଏକ୍ୟୁ ମାନ କୋହଳ କରିବାକୁ କୁହାଯାଇଛି। ଏପିରିକି ଏହି ପ୍ରସଙ୍ଗ ନେଇ ଏଫସିଆଇ ସହିତ ଆଲୋଚନା ମଧ୍ୟ ହୋଇଛି।

# ହାଇକୋର୍ଟ ଜଜ୍ ନିଯୁକ୍ତି ପାଇଁ ସୁପ୍ରିମକୋର୍ଟ କଲେଜିୟମର ଆଲୋଚନା

**ନୂଆଦିଲ୍ଲୀ ୩୦।୧୨**
ସୁପ୍ରିମକୋର୍ଟଙ୍କ ପ୍ରଧାନବିଚାରପତି (ସିଜେଆଇ) ଜଷ୍ଟିସ୍ ସଞ୍ଜୀବ ଖାନ୍ନାଙ୍କ ଅଧ୍ୟକ୍ଷତାରେ ଗଠିତ କଲେଜିୟମ ନିକଟରେ ହାଇକୋର୍ଟ ଜଜ୍ ହେବାକୁ ଥିବା ସମ୍ଭାବିତ ଓକିଲ ଓ ଜୁନିୟର ଜଜ୍‌ମାନଙ୍କ ସହ କଥାବାର୍ତ୍ତା ହୋଇଛନ୍ତି। ତେବେ ହାଇକୋର୍ଟ କଲେଜିୟମ ଦ୍ୱାରା ସୁପାରିଶ କରାଯାଇଥିବା ଜଜ୍ ଏବଂ ଓକିଲଙ୍କ ସହିତ ସୁପ୍ରିମକୋର୍ଟ କଲେଜିୟମ କଥାବାର୍ତ୍ତା କରିବାର ଏହା ପ୍ରଥମ ଘଟଣା। ଏହି କଥାବାର୍ତ୍ତା କାଳରେ ଜନୈକ ଓକିଲ କଲେଜିୟମ ସମ୍ମୁଖରେ ଏକ ଦାବି ରଖିଥିଲେ, ଯାହାକୁ ଅନ୍ୟ ଓକିଲମାନେ ସମର୍ଥନ କରିଛନ୍ତି। ଓକିଲ ତାଙ୍କ ଦାବିରେ ଏପରି ଓକିଲଙ୍କୁ ଜଜ୍ କରିବା ପାଇଁ ସୁପାରିଶ କରା ନଯାଉ ଯେଉଁମାନଙ୍କ ମାତା, ପିତା ଅଥବା ସମ୍ପର୍କୀୟ ପୂର୍ବରୁ ସୁପ୍ରିମକୋର୍ଟ ଅଥବା ହାଇକୋର୍ଟରେ ଜଜ୍ ଥିଲେ ବୋଲି କହିଛନ୍ତି। ଏହି କଲେଜିୟମରେ ସିଜେଆଇଙ୍କ ବ୍ୟତୀତ ଜଷ୍ଟିସ୍ ବି.ଆର.ଗଭାଇ, ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ହୃଷିକେଶ ରାୟ ଓ ଜଷ୍ଟିସ୍ ଏ.ଏସ୍. ଓକା ମଧ୍ୟ ଥିଲେ। ସିଜେଆଇ ପ୍ରଥମ ଥର ହାଇକୋର୍ଟ କଲେଜିୟମ ଦ୍ୱାରା ଜଜ୍ ନିଯୁକ୍ତି ନିମନ୍ତେ ସୁପାରିଶ କରିଥିବା ଓକିଲ ଏବଂ ଜିଲ୍ଲା ଜଜ୍‌ମାନଙ୍କ ସହିତ ସିଧାସଳଖ କଥାବାର୍ତ୍ତା ହୋଇଛନ୍ତି। ସୁପ୍ରିମକୋର୍ଟ ସେମାନଙ୍କ ସ୍ୱିଟେବିଲିଟି ସହିତ କ୍ଷମତାର ଆକଳନ କରିଛନ୍ତି। ଦେଶର ଟପ୍ କୋର୍ଟଙ୍କ ଜଜମାନେ ଆହ୍ଲାବାଦ, ବମ୍ବେ ଓ ରାଜସ୍ଥାନ ହାଇକୋର୍ଟଙ୍କ ଜଜ୍ ରୂପେ ନିଯୁକ୍ତି ନିମନ୍ତେ ସୁପାରିଶ କରାଯାଇଥିବା ପ୍ରାର୍ଥୀଙ୍କ ସହିତ କଥାବାର୍ତ୍ତା ହୋଇଛନ୍ତି । ଡିସେମ୍ବର ୨୨ ତାରିଖ ଦିନ କେନ୍ଦ୍ରକୁ ନିଯୁକ୍ତି ନିମନ୍ତେ ସେହିମାନଙ୍କ ନାମ ପଠାଇଛନ୍ତି ଯେଉଁମାନଙ୍କୁ ହାଇକୋର୍ଟଙ୍କ ଜଜ୍ ରୂପେ ଉପଯୁକ୍ତ ମନେ କରିଛନ୍ତି। 'ଟାଇମସ୍ ଅଫ ଇଣ୍ଡିଆ' ରିପୋର୍ଟ ମୁତାବକ ସୁପ୍ରିମକୋର୍ଟ କଲେଜିୟମରେ କେତେକ ଜଜ୍ ଏହା ବି କହିଛନ୍ତି ଯେ ହାଇକୋର୍ଟ ଜଜ୍ ହେବା ଲାଗି କିଛି ଏପରି ଯୋଗ୍ୟ ପ୍ରାର୍ଥୀ ବି ଅଛନ୍ତି ଯେଉଁମାନେ ସୁପ୍ରିମକୋର୍ଟ ଓ ହାଇକୋର୍ଟଙ୍କ ବର୍ତ୍ତମାନ ଓ ପୂର୍ବ ଜଜ୍‌ମାନଙ୍କ ନିକଟ ସମ୍ପର୍କୀୟ। ଯଦି ଏପରି ପ୍ରାର୍ଥୀଙ୍କୁ ଜଜ୍ ମନୋନୟନ ନ କରାଯାଏ ତା'ଦ୍ୱାରା ସେମାନଙ୍କର କୌଣସି କ୍ଷତି ହେବ ନାହିଁ। କାରଣ ସେମାନେ ପେଷାରେ ଯଥେଷ୍ଟ ପ୍ରତିଷ୍ଠିତ ଓ ବେଶ୍ ଆୟ ମଧ୍ୟ କରୁଛନ୍ତି। ତେବେ ରିପୋର୍ଟରେ ପୂର୍ବତନ ଜଜ୍‌ମାନଙ୍କ ସମ୍ପର୍କୀୟଙ୍କ ନାମ ନୂଆ ତାଲିକାରେ ସାମିଲ କରାଯାଇଛି କି ନାଁ ସେ ନେଇ କିଛି କୁହାଯାଇ ନାହିଁ। ହେଲେ କଲେଜିୟମ ପକ୍ଷରୁ ଚୟନ ପ୍ରକ୍ରିୟାରୁ ଏପରି ପ୍ରାର୍ଥୀଙ୍କୁ ବାହାରେ ରଖା ଗଲେ ପ୍ରଥମ ପିଢିର ଅନେକ ଯୋଗ୍ୟ ଓକିଲଙ୍କୁ ସାମ୍ବିଧାନିକ କୋର୍ଟରେ ପ୍ରବେଶ କରିବାର ସୁଯୋଗ ମିଳିବ ବୋଲି କୁହାଯାଇଛି। ଏପରି କରିବା ଦ୍ୱାରା ସୁପ୍ରିମକୋର୍ଟ ଓ ହାଇକୋର୍ଟମାନଙ୍କରେ ବିବିଧତା ମଧ୍ୟ ଆସିବ, ଏହା ଛଡା ଅଲଗା ଅଲଗା ସମୁଦାୟର ପ୍ରତିନିଧିତ୍ୱ କରୁଥିବା ଲୋକଙ୍କୁ ବିଚାରପତି ହେବାର ସୁଯୋଗ ମିଳିବ। ତେବେ ଏହା ପୂର୍ବରୁ ସୁପ୍ରିମକୋର୍ଟ କଲେଜିୟମ ହାଇକୋର୍ଟ କଲେଜିୟମ ଦ୍ୱାରା ଉପସ୍ଥାପନ କରାଯାଇଥିବା ଓକିଲ ଓ ବିଚାରବିଭାଗୀୟ ଅଧିକାରୀମାନଙ୍କ ତାଲିକା, ବାୟୋଡାଟା, ସେମାନଙ୍କ ବିଗତ ଜୀବନର ଗୁଇନ୍ଦା ରିପୋର୍ଟ ଓ ରାଜ୍ୟମାନଙ୍କ ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ବିଚାର ଆଧାରରେ କାମ କରୁଥିଲେ। ତେବେ ପ୍ରଥମ ଥର ସୁପ୍ରିମକୋର୍ଟ କଲେଜିୟମ ହାଇକୋର୍ଟ କଲେଜିୟମ ଦ୍ୱାରା ଉପସ୍ଥାପନ କରାଯାଇଥିବା ପ୍ରାର୍ଥୀଙ୍କ ସହ ସିଧାସଳଖ କଥା ହୋଇଛନ୍ତି।

# ସାହିତ୍ୟ ଓ ସମ୍ବାଦପତ୍ର ସମାଜର ଜାଗ୍ରତ ପ୍ରହରୀ : ବିଶ୍ୱଭୂଷଣ



**ବିରୂପାକ୍ଷ ତ୍ରିପାଠୀଙ୍କ ନିର୍ବାଚିତ ସଂପାଦକୀୟ ସଂକଳନ ଉନ୍ମୋଚିତ**

**ଭୁବନେଶ୍ୱର, ୩୦।୧୨ ନ୍ୟୁଜ ବ୍ୟୁରୋ**
ସବୁ ସମୟରେ ଲେଖନୀର ଶକ୍ତି ସର୍ବାଧିକ। ଲେଖନୀ ବଳରେ ସମାଜକୁ ସବୁପ୍ରକାର ସ୍ଥିତିରେ ରକ୍ଷା କରାଯାଇପାରିବ। ଏଥିଲାଗି ସାହିତ୍ୟିକ ଓ ସାମ୍ବାଦିକମାନେ ଆଗକୁ ବଢ଼ିବା ଦରକାର। ସାହିତ୍ୟ ଓ ସମ୍ବାଦପତ୍ର ସମାଜର ଜାଗ୍ରତ ପ୍ରହରୀ ବୋଲି ଆନ୍ଧ୍ରପ୍ରଦେଶ ଏବଂ ଛତିଶଗଡର ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ କହିଛନ୍ତି। ସୋମବାର ଅପରାହ୍ନରେ ଜୟଦେବ ଭବନ (ସୂଚନା ଭବନ) ଠାରେ 'ପ୍ରଗତିବାଦୀ'ର କାର୍ଯ୍ୟନିର୍ବାହୀ ସଂପାଦକ ବିରୂପାକ୍ଷ ତ୍ରିପାଠୀଙ୍କ ଲେଖାଗୁଡିକୁ ନେଇ ପ୍ରକାଶ ପାଇଥିବା ସଂକଳନ 'ବିରୂପାକ୍ଷ ତ୍ରିପାଠୀଙ୍କ ନିର୍ବାଚିତ ସଂପାଦକୀୟ' ଉନ୍ମୋଚିତ ହୋଇଛି। ଉନ୍ମୋଚନ ସମାରୋହରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶ୍ରୀ ହରିଚନ୍ଦନ କହିଛନ୍ତି ଯେ, ସତ୍ୟନିଷ୍ଠ ସାମ୍ବାଦିକ ଓ ଲେଖକଙ୍କୁ ସମାଜ ଚାହୁଁଛି। ସେମାନେ ହିଁ ସମାଜରେ ପରିବର୍ତ୍ତନ ଆଣିପାରିବେ। 'ପ୍ରଗତିବାଦୀ' ପ୍ରତିଷ୍ଠାତା ପ୍ରଦ୍ୟୁମ୍ନ ବଳଙ୍କ ସାଲିସବିହୀନ ସାମ୍ବାଦିକତା ଓ ରାଜନୀତିକୁ ପଣ କରି ଶ୍ରୀ ହରିଚନ୍ଦନ କହିଥିଲେ ଯେ, ଖୁବ୍ କମ ସାମ୍ବାଦିକ ଅଛନ୍ତି ଯେଉଁମାନେ ସତ ଲେଖିବାକୁ ସାହସ କରୁଛନ୍ତି। ଏହି ନିର୍ବାଚିତ ସଂପାଦକୀୟରେ ଉଲ୍ଲେଖ କରାଯାଇଥିବା ଅନେକ ଲେଖା ପୂର୍ବରୁ ସେ ପଢ଼ିଛନ୍ତି ଓ ତାହା ଜଣେ ସତ୍ୟନିଷ୍ଠ ସାମ୍ବାଦିକର ସ୍ୱୀକାରୋକ୍ତି ଭାବରେ ତାଙ୍କ ସାମ୍ନାରେ ରହିଛି। 'ପ୍ରଗତିବାଦୀ' ପ୍ରଦ୍ୟୁମ୍ନ ବଳଙ୍କ ସେହି ପରମ୍ପରାକୁ ବଜାୟ ରଖିଛି। ବିଶିଷ୍ଟ ଶିକ୍ଷାବିତ ତଥା ସ୍ତମ୍ଭକାର ଅଧ୍ୟାପକ ବିଶ୍ୱରଂଜନ ଏଥିରେ ସଭାପତିତ୍ୱ କରି ସମ୍ବାଦପତ୍ର ଗୁଡିକ କେବଳ ସମ୍ବାଦ ପ୍ରକାଶ କଲେ ହେବ ନାହିଁ ବରଂ ସମାଜରେ ଘଟୁଥିବା ପ୍ରତ୍ୟେକ ଘଟଣା ଉପରେ ନିଜ ମତ ସ୍ପଷ୍ଟ କରିବାର ଆବଶ୍ୟକତା ଥିବା କହିଥିଲେ। ବରିଷ୍ଠ ସାମ୍ବାଦିକ ସନ୍ଦୀପ କୁମାର ସାହୁ ବିରୂପାକ୍ଷ ତ୍ରିପାଠୀଙ୍କ ସେହି ପୁସ୍ତକର ସମୀକ୍ଷା କରିଥିବାବେଳେ ସଂକଳକ ଜାନକୀଶ ବଡପଣ୍ଡା ପୁସ୍ତକର ବିଭିନ୍ନ ଲେଖାରେ ଉଲ୍ଲେଖିତ ସାଂପ୍ରତିକ ସ୍ଥିତିର ନିଛକ ଚିତ୍ର ସଂପର୍କରେ ବର୍ଣ୍ଣନା ରଖିଥିଲେ। ବରେଣ୍ୟ ଅତିଥି ଭାବରେ ଉତ୍କଳ ଗାନ୍ଧୀ ସ୍ମାରକ ନିଧିର ସଭାନେତ୍ରୀ ଶ୍ରୀମତୀ କୃଷ୍ଣା ମହାନ୍ତି ଓ 'ପ୍ରଗତିବାଦୀ'ର ଅଧ୍ୟକ୍ଷା ଶ୍ରୀମତୀ ଶାଶ୍ୱତୀ ବଳ ଯୋଗଦେଇ ସମାଜରେ ଅଭାବ ବୋଧ ହେଉଥିବା ମୂଲ୍ୟବୋଧ ତଥା ସମ୍ବେଦନଶୀଳତାକୁ ପ୍ରତିଟି ଲେଖନୀରେ ସାମ୍ବାଦିକମାନେ ଉଲ୍ଲେଖ କରିବାକୁ କହିଥିଲେ। ସମ୍ମାନିତ ଅତିଥିଭାବେ ଯୋଗଦେଇ ବରିଷ୍ଠ ସାମ୍ବାଦିକ ଭବାନୀ ଶଙ୍କର ତ୍ରିପାଠୀ ଜଣେ ସାମ୍ବାଦିକର ବୃତ୍ତି ଓ ବିପତ୍ତି ବର୍ତ୍ତମାନର ପରିସ୍ଥିତିରେ କେଉଁଭଳି ରହିଛି ତାହା ଉଲ୍ଲେଖ କରିଥିଲେ। ପ୍ରାରମ୍ଭରେ ବିଶିଷ୍ଟ ପଦାର୍ଥ ବିଜ୍ଞାନୀ ପ୍ରଫେସର ସ୍ୱପ୍ନା ମହାପାତ୍ର ବୈକୁଣ୍ଠ ନାଥ ପଟ୍ଟନାୟକଙ୍କ 'ଜୀବନ ପାତ୍ର ମୋ ଭରିଛ କେତେ ହେ' ଗାନ କରିଥିଲେ। ଲେଖକ ବିରୂପାକ୍ଷ ତ୍ରିପାଠୀ ଏହି ସଂକଳନ ସଂପର୍କରେ ସୂଚନା ଦେଇଥିଲେ। ଜର୍ମାନୀରେ ରହୁଥିବା ବିଶିଷ୍ଟ ଓଡ଼ିଆ ସ୍ତମ୍ଭକାର ଡକ୍ଟର ରାଜେନ୍ଦ୍ର ନାରାୟଣ ଦାସଙ୍କ ଏକନିଷ୍ଠ ଉଦ୍ୟମରେ ଓ ଭଲପାଇବାରେ ଏହି ପୁସ୍ତକଟି କଟକର ବିଜୟିନୀ ପବ୍ଲିକେସନ ପକ୍ଷରୁ ପ୍ରକାଶିତ ହୋଇଥିବା ଉଲ୍ଲେଖ କରିଥିଲେ। ଏହି ଅବସରରେ ଡକ୍ଟର ଦାସଙ୍କର ଏକ ବାର୍ତ୍ତା ତାଙ୍କ ସାନଭାଇ ପ୍ରଫେସର ହେମେନ୍ଦ୍ର ନାରାୟଣ ଦାସ ପାଠ କରିଥିଲେ। ପୁସ୍ତକଟିର ପ୍ରକାଶକ ଦିଲ୍ଲୀପ ବେଉରା ଏବଂ 'ପ୍ରଗତିବାଦୀ'ରେ ପ୍ରକାଶିତ ବିରୂପାକ୍ଷ ତ୍ରିପାଠୀଙ୍କ ଲେଖାର ଅକ୍ଷର ସଜ୍ଜା ତଥା ରୂପାୟନ ପାଇଁ ବରିଷ୍ଠ ସହସଂପାଦକ ଶଶୀଭୂଷଣ ସାହୁ ଓ ସସ୍ମିତା ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ଅଧ୍ୟକ୍ଷ ଜଷ୍ଟିସ ମନୋରଂଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବରୁ ଏକ କବିତା ପାଠୋତ୍ସବ ହୋଇଥିଲା ଏବଂ ଏହାକୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ବୈଷ୍ଣବ ଚରଣ ସାମଲ ଉଦ୍‌ଘାଟନ କରିଥିଲେ। ଗାନ୍ଧିବାଦୀ ପ୍ରହ୍ଲାଦ ସିଂ ଅତିଥିଭାବେ ଯୋଗ ଦେଇଥିବାବେଳେ ବିଶିଷ୍ଟ ସାହିତ୍ୟିକା ଶ୍ରୁତକୀର୍ତ୍ତି ତ୍ରିପାଠୀ ଓ କ୍ଷଣପ୍ରଭା ମହାନ୍ତି କବିତା ପାଠୋତ୍ସବକୁ ସଂଯୋଜନା କରିଥିଲେ। ଏଥିରେ କବି ଜଗନ୍ନାଥ ପାଢ଼ୀ ଓ ବିଶ୍ୱରଂଜନ ସାହୁ ସହଯୋଗ କରିଥିଲେ।




**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କସ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ଜିରୋ ନାଇଟ୍: ସହର ଜଗିବେ ୩୫ ପ୍ଲାଟୁନ୍






**ଭୁବନେଶ୍ୱର, ୩୦/୧୨ ନ୍ୟୁଜ ବ୍ୟୁରୋ**
ଆଉ ଦିନକ ପରେ ବିଦାୟ ନେବ ୨୦୨୪। ନୂଆବର୍ଷକୁ ସ୍ୱାଗତ ସହ ଜିରୋ ନାଇଟ୍ ସେଲିବ୍ରେସନ୍ ପାଇଁ ସବୁଆଡ଼େ ଜୋରଦାର ଚାଲିଛି ପ୍ରସ୍ତୁତି। ଏହି ପ୍ରସ୍ତୁତି ଭିତରେ ଟ୍ୱିନ୍ ସିଟି ସମେତ ବିଭିନ୍ନ ସହରରେ ବଢ଼ିଲାଣି ସୁରକ୍ଷା ବ୍ୟବସ୍ଥା। ଜିରୋ ନାଇଟ୍ ବେଳେ ଜିରୋ ଟଲେରାନ୍ସ ନୀତି ଆପଣାଇଥିବା ପୁଲିସ ଡ୍ରିଙ୍କ୍ ଆଣ୍ଡ ଡ୍ରାଇଭ୍ ବିରୋଧୀ ଅଭିଯାନକୁ ଜୋରଦାର କରୁଛି। ପ୍ରତି ଛକରେ ନାକାବନ୍ଦୀ କରି ପୁଲିସ ଯାଞ୍ଚକୁ କଡ଼ାକଡ଼ି କରିଛି। ଏପରିକି ମଦପିଇ ଗାଡ଼ି ଚଳାଉଥିଲେ ଛଡ଼ାଯିବ ନାହିଁ। ଏଥିସହ ଜିରୋ ନାଇଟ୍ ସେଲିବ୍ରେସନ ସମୟରେ ମହିଳାମାନେ ଯେପରି ଅସୁରକ୍ଷିତ ନ ମଣିବେ ସେଥିପାଇଁ ବ୍ୟବସ୍ଥା କରିବାକୁ ହୋଟେଲମାନଙ୍କୁ କୁହାଯାଇଛି । ବିଶେଷକରି ଜିରୋ ନାଇଟ୍ ରାତିରେ ମହିଳାଙ୍କ ସୁରକ୍ଷା ଉପରେ ଅଧିକ ଗୁରୁତ୍ୱ ଦେଇଛି ପୁଲିସ। କାରଣ ଭିଡ଼ର ସୁଯୋଗ ନେଇ ଅସଦାଚରଣ କରିବାକୁ ଅଧିକ ସମ୍ଭାବନା ରହିଛି। ତେଣୁ ପୁଲିସ ପ୍ରତି ହୋଟେଲ ଆଗରେ ପଇଁତରା ମାରିବା ସହ ହୋଟେଲରେ ସରପ୍ରାଇଜ୍ ଭିଜିଟ୍ କରିବ ବୋଲି କୁହାଯାଇଛି। ୩୧ ଓ ୧ ତାରିଖ ଦିନ ସହରରେ ୩୫ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ ରହିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ଏଥିସହ ସହରରେ ଥିବା ସମସ୍ତ ଥାନା ଆଲର୍ଟରେ ରହିବାକୁ କୁହାଯାଇଛି। କୌଣସି ସ୍ଥାନରେ କିଛି ବି ଅଘଟଣ ଘଟିଲେ ପୁଲିସକୁ ଫୋନ୍ କରି ଜଣାଇବାକୁ କୁହାଯାଇଛି। ଜିରୋ ନାଇଟ୍ ପାଇଁ ପୁଲିସର ଜିରୋ ଟଲେରାନ୍ସ। ସେଲିବ୍ରେସନ କର, କିନ୍ତୁ ସୀମା ଭିତରେ। ନୂଆବର୍ଷ ପାଳନ ଭିତରେ କେହି ଭୁଲି ନ ଯାଆନ୍ତୁ ନିୟମ। ଡ୍ରିଙ୍କ୍ ଆଣ୍ଡ ଡ୍ରାଇଭ୍ ଉପରେ ପୁଲିସର ଆଖି। ବାର୍, ପବ୍ ଓ ହୋଟେଲରେ କଡ଼ାକଡ଼ି ହେବ ଚେକିଂ। ଜିରୋ ନାଇଟ୍ ପୂର୍ବରୁ ଟ୍ୱିନ୍ ସିଟିରେ ସୁରକ୍ଷାକୁ କଡ଼ାକଡ଼ି କରିଛି କମିସନରେଟ୍ ପୁଲିସ। ଜୋରଦାର ହେବ ନାଇଟ୍ ଚେକିଂ, ବ୍ଲକିଂ, ନାକାବନ୍ଦୀ ସହ ମଦୁଆ ଧରପଗଡ଼ ଅଭିଯାନ। ମଙ୍ଗଳବାର ସନ୍ଧ୍ୟାରୁ ଆହୁରି କଡ଼ାକଡ଼ି ହେବ ଯାଞ୍ଚ। ମଦପିଇ ଗାଡ଼ି ଚଳାଇଲେ ବାନ୍ଧିବ ପୁଲିସ। ସେହିପରି ରୋଡ୍ ରୋମିଓଙ୍କ ଉପରେ ତୀକ୍ଷ୍ଣ ନଜର ରହିବ। ସେମାନଙ୍କ ପାଇଁ ଜିରୋ ଟଲେରାନ୍ସ ନୀତି ଆପଣାଇଛି କମିସନରେଟ୍ ପୁଲିସ। ଟ୍ୱିନ୍ ସିଟିରେ କିଛି ହୋଟେଲ ଓ ଖୋଲା ସ୍ଥାନରେ ଜିରୋ ନାଇଟ୍ ସେଲିବ୍ରେସନ୍ ପାଇଁ ଅନୁମତି ମିଳିଛି। ଏନେଇ ଅବକାରୀ ବିଭାଗ ସହ ଆଲୋଚନା କରିଛି କମିସନରେଟ୍ ପୁଲିସ। କଟକରେ ମୁତୟନ ରହିବେ ୮ ପ୍ଲାଟୁନ୍ ଫୋର୍ସ। ରାତି ୧୨ଟା ପରେ ଜିରୋ ନାଇଟ୍ ସେଲିବ୍ରେସନରେ ମାତିଲେ କାର୍ଯ୍ୟାନୁଷ୍ଠାନ ଚେତାବନୀ ଦେଇଛନ୍ତି ସିପି।

**ପ୍ରକାଶ ଅପେକ୍ଷାରେ...**

**ମାସିକ ଗଳ୍ପ ପତ୍ରିକା 'କଥାକଳିକା'ର ନୂଆବର୍ଷ ସଂଖ୍ୟା-୨୦୨୫**




**ଏଥର ସଂଖ୍ୟାରେ...**

**ସ୍ମରଣୀୟ କଥା :** ସଚ୍ଚିଦାନନ୍ଦ କର
**ସମକାଳର କଥା :** ସୁଷମା ପରିଜା, ବୀରେଶ୍ୱର ମହାନ୍ତି, ରଞ୍ଜନ ପ୍ରଧାନ, ପ୍ରଣିତାରାଣୀ ବେହେରା।
**ଅନ୍ୟ ଭାଷାର କଥା :** ଅନୁରୂପା ସିଂହ
**ଯୁବ ମାନସର କଥା :** ରଜତରଶ୍ମୀ ସ୍ୱାଇଁ, ଲିପ୍ସା ପଟେଲ, ସୁସ୍ମିତା ମିଶ୍ର, ଲଳିତ କୁମାର ସ୍ୱାଇଁ, ମୋନାଲିସା ମିଶ୍ର।
**କଥାସାଗର :** ଅଶୋକ ବିଶ୍ୱାଳ

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

**ଯୋଗାଯୋଗ କରନ୍ତୁ**
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୭୮
E-mail: kathakalika@gmail.com

ପୃଷ୍ଠା-୬୮/ ମୂଲ୍ୟ ୩୦ ଟଙ୍କା ମାତ୍ର
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ । କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)

# ସେନାକୁ ବଡ ସଫଳତା : ଚଳିତବର୍ଷ ଜମ୍ମୁକଶ୍ମୀରରେ ୭୫ ଆତଙ୍କବାଦୀ ନିହତ

**ନୂଆଦିଲ୍ଲୀ, ୩୦/୧୨**
ଆଉ ଦିନକ ପରେ ସରିଯିବ ୨୦୨୪। ଚଳିତ ବର୍ଷ ଭାରତୀୟ ସେନା ପାଇଁ ସଫଳ ସାବ୍ୟସ୍ତ ହୋଇଛି । ୨୦୨୪ରେ ଭାରତୀୟ ସେନା ପକ୍ଷରୁ ବଡ ବଡ ଆତଙ୍କୀ ଦମନ ଅଭିଯାନ ହୋଇଥିଲା । ଏଥିରେ ଜମ୍ମୁ କଶ୍ମୀରରେ କେବଳ ୭୫ ଆତଙ୍କବାଦୀ ନିହତ ହୋଇଛନ୍ତି । ସେଥିରୁ ଅଧିକାଂଶ ପାକିସ୍ତାନୀ। ବର୍ଷ ୨୦୨୪ ଜାନୁଆରୀରୁ ଡିସେମ୍ବର ୩୦ ଯାଏ ଏକ ରିପୋର୍ଟ ଆଧାରରେ ଜମ୍ମୁକଶ୍ମୀର ସୁରକ୍ଷାବଳ ଆତଙ୍କବାଦୀ ବିରୋଧରେ ସଫଳ ଅପରେସନ କରିଥିଲେ । ମୋଟ ୭୫ ଆତଙ୍କବାଦୀଙ୍କୁ ନିପାତ କରିବାରେ ସଫଳ ହୋଇଥିଲେ । ଯେଉଁଥିରେ ୬୦ ପ୍ରତିଶତ ପାକିସ୍ତାନୀ ଆତଙ୍କୀ ହୋଇଥିବା ଜଣାପଡିଛି । ଏଲଓସି ଓ ଆଇବିରେ ପ୍ରବେଶ କରିବାକୁ ଚେଷ୍ଟା କରୁଥିବା ୧୭ ଆତଙ୍କବାଦୀଙ୍କୁ ସଫା କରିଥିଲା ସୁରକ୍ଷାବଳ । କେବଳ ଜମ୍ମୁକଶ୍ମୀର ଅଞ୍ଚଳରେ ଗୁଳି ବିନିମୟରେ ୨୬ ଆତଙ୍କବାଦୀ ନିହତ ହୋଇଛନ୍ତି । ଚଳିତବର୍ଷ ଘାଟିରେ ବାରମୁଲ୍ଲା, ବାନ୍ଦିପୋରା, କୁପଓ୍ୱାଡା ଓ କୁଲଗାମ ଜିଲ୍ଲାରେ ବିଦେଶୀ ଆତଙ୍କବାଦୀ ନିପାତ କରିବାରେ ସଫଳ ହୋଇଥିଲା ଭାରତୀୟ ସେନା । ଜମ୍ମୁ କଶ୍ମୀରର ୯ ଜିଲ୍ଲାରେ ବିଦେଶୀ ଆତଙ୍କବାଦୀଙ୍କ ଗତିବିଧି ନେଇ ଖବର ପାଇବା ପରେ ଅପରେସନ କରିଥିଲା ଭାରତୀୟ ସେନା । ତାଲିକାରେ ବାରମୁଲ୍ଲା ଆଗରେ ରହିଛି। ବାରମୁଲ୍ଲାରେ ୯ ଥର ସେନା ଓ ଆତଙ୍କବାଦୀ ମଧ୍ୟରେ ଗୁଳି ବିନିମୟ ହୋଇଥିଲା । ଯେଉଁଥିରେ ୧୪ ଆତଙ୍କୀ ନିପାତ ହୋଇଥିଲେ । ରିପୋର୍ଟ ଆଧାରରେ ଜମ୍ମୁକଶ୍ମୀରରେ ସକ୍ରିୟ ସ୍ଥାନୀୟ ଆତଙ୍କବାଦୀ ସଂଖ୍ୟା କମିଛି । କେବଳ ପାକିସ୍ତାନୀ ଆତଙ୍କୀ ସକ୍ରିୟ ଅଛନ୍ତି । ୨୦୨୪ରେ ସୀମାରେ ଆତଙ୍କବାଦୀ ଓ ସୁରକ୍ଷାବଳ ମଧ୍ୟରେ ହୋଇଥିବା ୬୦ଟି ଗୁଳିବିନିମୟରେ ୩୨ ସାଧାରଣ ନାଗରିକଙ୍କ ମୃତ୍ୟୁ ହୋଇଥିଲା । ଏହା ସହିତ ୨୬ ଯବାନ ଶହୀଦ ହୋଇଛନ୍ତି ।

# ଭିତରକନିକାରେ ବୁଲିଲେ ୩୭୦୬ ପର୍ଯ୍ୟଟକ



**ରାଜନଗର, ୩୦/୧୨ ନ୍ୟୁଜ ବ୍ୟୁରୋ**
ଡିସେମ୍ବର ମାସରେ ଭିତରକନିକା ଜାତୀୟ ଉଦ୍ୟାନରେ ପର୍ଯ୍ୟଟକଙ୍କ ଭିଡ଼ ଲାଗିଥିଲା । ବିଭିନ୍ନ ସ୍ଥାନରୁ ୧୧୭ଟି ବୋଟ୍ ଟ୍ରିପ୍‌ରେ ଓ ସ୍ଥଳଭାଗରେ ଆସିଥିବା ୨୦୯୨ଜଣ ପର୍ଯ୍ୟଟକଙ୍କୁ ମିଶାଇ ମୋଟ ୩୭୦୬ ଜଣ ପର୍ଯ୍ୟଟକ ଭିତରକନିକା ପରିଦର୍ଶନରେ ଆସିଥିଲେ । ଭିତରକନିକା ମୁଖ୍ୟ ଗେଟ୍ ଦେଇ ସ୍ଥଳପଥରେ ୨୦୯୨ ଜଣ ପର୍ଯ୍ୟଟକ ଭିତରକୁ ପ୍ରବେଶ କରିଥିଲେ। ସେମାନଙ୍କ ମଧ୍ୟରୁ ୪୪ ଟ୍ରିପ୍ ବୋଟ୍‌ରେ ବସି ପର୍ଯ୍ୟଟକ ଭିତରକନିକାର ଶୋଭା ଦେଖିବା ସହ ବୋଟିଂର ମଜା ଉଠାଇଥିଲେ। ଖୋଲାରୁ ୮୨ ଟ୍ରିପ୍ ବୋଟ୍‌ରେ ୧୧୪୦ ଜଣ ଆସିଥିବା ବେଳେ ଚାନ୍ଦବାଲିରୁ ୫ଟି ବୋଟ୍‌ରେ ୭୫ ଜଣ, ଗୁପ୍ତିରୁ ୩୦ ଟିପ୍ ବୋଟରେ ୩୭୯ ଜଣ ପର୍ଯ୍ୟଟକ ଭିତରକନିକା ପରିଭ୍ରମଣ କରିଥିବା ବନ ବିଭାଗ ସୂତ୍ରରୁ ଜଣାପଡ଼ିଛି। ପର୍ଯ୍ୟଟକମାନେ ବୋଟ୍‌ରେ ବସି ନଦୀରେ ବୁଲିବା ସମୟରେ ନଦୀପଠାରେ ଶୋଇ ଖରା ଖାଉଥିବା କୁମ୍ଭୀର, ହରିଣ ପଲ ଓ ରଙ୍ଗବେରଙ୍ଗର ପକ୍ଷୀ ପର୍ଯ୍ୟଟକଙ୍କୁ ଆନମନା କରିଥିଲା । ଭିତରକନିକା ସେଲ୍‌ଫି ପଏଣ୍ଟରେ ଫଟୋ ଉଠାଇବା ପାଇଁ ପର୍ଯ୍ୟଟକମାନେ ଭିଡ଼ ଜମାଇଥିଲେ । ମେଟା ନର୍ସରୀ, ସଂଗ୍ରହାଳୟ, ଗୋରୀ ଓ ମଲ୍ଲୀ ରହୁଥିବା ପୋଖରୀ ନିକଟରେ ବେଶ୍ ଭିଡ଼ ଲାଗିଥିଲା । ହାଚେରୀରେ ଛୋଟ ଛୋଟ କୁମ୍ଭୀର ଛୁଆ ସହ ଧଳା କୁମ୍ଭୀର ଶ୍ୱେତାକୁ ଦେଖିବା ପାଇଁ ଗହଳି ଲାଗିଥିଲା । ବୋଟ୍ ଲାଇବ୍ରେରୀକୁ ଦେଖିବା ସହ ସ୍କାଏ ଓ୍ୱାକ୍‌ରେ ବହୁ ସଂଖ୍ୟକ ପର୍ଯ୍ୟଟକ ଚାଲି ଚାଲି ସେଲ୍‌ଫି ନେଉଥିବା ଦେଖିବାକୁ ମିଳିଥିଲା।